# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 240 | ଭାଗ ୩୩ | ସଂଖ୍ୟା ୨୪୦ | Sunday 23 November 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୨୩ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଦେଶବାସୀଙ୍କ ସହ ବିଶ୍ୱାସଘାତକତା କରିବିନି

ପୃଷ୍ଠା ୫



ଜି-୨୦ ଶିଖର ସମ୍ମିଳନୀ

## ନିଶାବେପାରୀ-ଆତଙ୍କୀ ମେଣ୍ଟ ଅଣ୍ଟା ଭାଙ୍ଗିବା ଜରୁରୀ: ମୋଦି

❍ ସ୍ୱତନ୍ତ୍ର ଅଭିଯାନ ପାଇଁ ରଖିଲେ ପ୍ରସ୍ତାବ

**ଜୋହାନ୍ସବର୍ଗ,୨୨।୧୧:** ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ପାଇଁ ଘାତକ ସାବ୍ୟସ୍ତ ହେଉଛି ନିଶାଦ୍ରବ୍ୟ କାରବାର ସହ ଜଡ଼ିତ ମାଫିଆ ଓ ଆତଙ୍କୀଙ୍କ ମଧ୍ୟରେ ଗଢ଼ିଉଠିଥିବା ମେଣ୍ଟ। ପ୍ରାରମ୍ଭରୁ ଭାରତ ଆତଙ୍କବାଦ ବିରୋଧରେ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିସାରିଥିବା ବେଳେ ଏଥିରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ମଧ୍ୟ ସହଯୋଗ କରିଆସିଛନ୍ତି। କିନ୍ତୁ ଏବେ ଆତଙ୍କବାଦୀମାନଙ୍କ ସହ ନିଶାଦ୍ରବ୍ୟ ବେପାରୀମାନେ ହାତ ମିଳାଇଥିବାରୁ ଏହାକୁ ପ୍ରତିହତ କରିବା ସକାଶେ ଏକ ନୂଆ ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ କରିବା ସକାଶେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଇଛନ୍ତି। ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହୋଇଥିବା ଜି-୨୦ ସମ୍ମିଳନୀରେ ଅନ୍ୟାନ୍ୟ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ସମ୍ବୋଧନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନିଶାବେପାରୀ-ଆତଙ୍କୀ ମେଣ୍ଟର ଅଣ୍ଟା ଭାଙ୍ଗିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସକାଶେ ସଦସ୍ୟ ରାଷ୍ଟ୍ରମାନେ 'ଜି-୨୦ ଇନିସିଏଟିଭ୍ ଅନ୍ କାଉଣ୍ଟରିଂ ଦି ଡ୍ରଗ୍-ଟେରର୍ ନେକ୍ସସ୍' ନାମକ ନୂଆ ଅଭିଯାନ ଆରମ୍ଭ କରିବା ଉପରେ ସହମତ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ମୋଦି ଆଗାମୀ କିଛି ବର୍ଷ ମଧ୍ୟରେ ପାଖାପାଖି ୧୦ ଲକ୍ଷ ଆଫ୍ରିକୀୟ ଯୁବକଙ୍କୁ ବୈଷୟିକ ପ୍ରଶିକ୍ଷଣ ପ୍ରଦାନକୁ ଏକ ପ୍ରମୁଖ ➾ପୃଷ୍ଠା-୬

ଓଡ଼ିଶାରେ ପ୍ରସ୍ତୁତ ହେଉଛି ଆତ୍ମନିର୍ଭର ଭାରତର ରୂପରେଖ

# ରାଜ୍ୟକୁ ନୂଆ ପରିଚୟ ଦେବ ସିଲିକନ୍ ସେମିକଣ୍ଡକ୍ଟର

- ବିଶ୍ୱ ଦେଖିଲା ଓଡ଼ିଆ ସଂସ୍କୃତିର ଝଲକ
- ବାଣିଜ୍ୟ ମେଳାରେ ଏକ ଭାରତ ଶ୍ରେଷ୍ଠ ଭାରତ ପାଇଁ ଓଡ଼ିଶାର ପ୍ରତିବଦ୍ଧତା
- ଅନ୍ତର୍ଜାତୀୟ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି




**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜଧାନୀ ନୂଆଦିଲ୍ଲୀଠାରେ ଚାଲିଥିବା ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ର ନବମ ଦିନରେ ଓଡ଼ିଶା ରାଜ୍ୟ ଦିବସ ପାଳିତ ହୋଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ ଯଥାର୍ଥରେ ଆମ ସ୍ୱପ୍ନ ଓ ସମ୍ଭାବନାକୁ ପ୍ରତିପାଦିତ କରିବା ସହ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସିଲିକନ୍ ସେମିକଣ୍ଡକ୍ଟର୍ ଚିପ୍ ଭଳି ସୂକ୍ଷ୍ମାତିସୂକ୍ଷ୍ମ ଅତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାକୁ ନୂତନ ପରିଚୟ ପ୍ରଦାନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହା ଆମ ଅର୍ଥନୀତିକୁ ସୁଦୃଢ଼ କରିବ ଏବଂ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ। ନବୀକରଣୀୟ ବିଦ୍ୟୁତ ଶକ୍ତିର ଉତ୍ପାଦନ, ବ୍ୟାପକ ଚାରା ରୋପଣ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା ଏବଂ ପରବର୍ତ୍ତୀ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଛାଡ଼ିଯିବା ଆଭିମୁଖ୍ୟ ନେଇ ଆମ ନୀତି ଓ ଯୋଜନା ପ୍ରଣୟନ କରିବା ସହ ତା'ର କାର୍ଯ୍ୟାନ୍ୱୟନ ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା: ମେକ-ଇନ-ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରାଯାଇପାରିଛି। ଫଳତଃ ଏବେ ଓଡ଼ିଶା ଅନ୍ତର୍ଜାତୀୟ ସ୍ତରର ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିପାରିଛି। ପ୍ରତ୍ୟେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଓଡ଼ିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଜି ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆୟୋଜିତ ଓଡ଼ିଶା ରାଜ୍ୟ ଦିବସ ସମାରୋହକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରିବା ସହ 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରିଥିଲେ। ଏଥିସହ ଶ୍ରୀ ମାଝୀ ଓଡ଼ିଶା ମଣ୍ଡପ ପରିଦର୍ଶନ କରି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ଆଲୋଚନା କରିବା ସହ ଓଡ଼ିଶାର ଗୌରବମୟ ଅତୀତକୁ ବଜାୟ ରଖି ଓଡ଼ିଶାକୁ ଆତ୍ମନିର୍ଭର କରିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ନୂପୁର ଅନୁଷ୍ଠାନରେ କଳାକାର ଓଡ଼ିଶୀ ନୃତ୍ୟାଭିନୟ, ଦିଗପହଣ୍ଡି(ଗଞ୍ଜାମ)ର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର କଳାକାର ପଶୁମୁଖା ନୃତ୍ୟ, ସୁବର୍ଣ୍ଣପୁରସ୍ଥିତ ରୁମ୍‌କୁଟ୍ଟମାର କଳାକାର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ କନ୍ଧମାଳ ଜିଲ୍ଲାର ନୂତନ କଳା ସଂସଦର ଶିଙ୍ଗନୃତ୍ୟ ଓ କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ ସମସ୍ତଙ୍କୁ ଆକର୍ଷିତ ➾ପୃଷ୍ଠା-୬

# ନବୀନଙ୍କୁ ଭୁତେଇଦେଲେ ବିଜେଡି ନେତା

❍ ଭୋଟ ଚୋରି ନାଁରେ 'ଭୋଟ ବିକ୍ରି'କୁ ଲୁଚାଇଲେ

❍ ବବିଙ୍କ ଆଗଚଲା ନୀତି ପାଇଁ ବର୍ଷିଲେ ବରିଷ୍ଠ ନେତା

❍ ପିଏସି ସଦସ୍ୟ ବିକ୍ରମ ଓ ସସ୍ମିତଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା



**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** 'ବିଜେଡିର ବରିଷ୍ଠ ନେତାଙ୍କଠାରୁ ଏଭଳି ପ୍ରଦର୍ଶନ ଦୁର୍ଭାଗ୍ୟଜନକ। ମୁଁ ଯିବା ପରେ ବି ଆମ ପ୍ରାର୍ଥୀ କାହିଁକି ହାରିଲେ। କାହିଁକି ନେତାମାନେ ବୁଥ ଜଗିଲେ ନାହିଁ।' ନୂଆପଡ଼ାରେ ବିଜେଡିର ଅତ୍ୟନ୍ତ ଖରାପ ପ୍ରଦର୍ଶନକୁ ନେଇ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ଏମିତି କିଛି ପ୍ରଶ୍ନ କରିଥିଲେ। ନବୀନଙ୍କ ଅସନ୍ତୋଷ ଦେଖି ପିଏସି ସଦସ୍ୟ ଓ ଅନ୍ୟ ବରିଷ୍ଠ ନେତାମାନେ କିଛି ସମୟ ପାଇଁ ଘାବରେଇ ଯାଇଥିଲେ। କିନ୍ତୁ ପରେ ସ୍ଥିତି ସମ୍ଭାଳିବାକୁ ଭୋଟ ➾ପୃଷ୍ଠା-୬

ବାଂଲାଦେଶୀ ଲିଙ୍କ

## ଧରାପଡ଼ିଲା ଦଲାଲ ସିକନ୍ଦର

- ୬ ଦିନ ଧରି ଦେଉଥିଲା ଚକମା
- ବାଂଲାଦେଶୀଙ୍କୁ ଥଇଥାନ କରିଥିଲା
- ବେଆଇନ ମଦ୍ରାସା ଚଳାଇଥିଲା




**ଜଗତସିଂହପୁର,୨୨।୧୧(ସଂଚାର ବ୍ୟୁରୋ):** ଶେଷରେ ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମ। ଯାଜପୁରରୁ ଗିରଫ କଲା ଜଗତସିଂହପୁର ପୁଲିସ। ୬ ଦିନ ହେଲା ଫେରାର ଥିଲା ସିକନ୍ଦର। ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇ ଥିଲା ଜଗତସିଂହପୁର ପୁଲିସ। ସିକନ୍ଦର ଠାରୁ ତାର ପାସପୋର୍ଟ ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ। ବେହେରାମପୁର ବସ୍ତିରେ ସରକାରୀ ଜାଗାରେ ବେଆଇନ ଘର ➾ପୃଷ୍ଠା-୬

## ଡାକ ଡାକୁଛି ଆ'

ଏଠି ଆଇନଶୃଙ୍ଖଳା କଥା ବୁଝି ବୁଝି ନାକେଦମ ହେବାକୁ ପଡ଼ିଲାଣି। 'କେତେ ଆଉ

ମାଙ୍କଡ଼ା ପଥର ଖାଇଯା'




ନେତା ମନ୍ତ୍ରୀଙ୍କ କାର୍କେଡ ପଛରେ ଗୋଡେଇବି! ଡାକ ଭାଇ ମୋତେ ଏଇଠୁ ନେଇ ଯା'। ଜଣେ ଆଇଆଇସିଙ୍କଠାରୁ ଏଭଳି କରୁଣ ଚିତ୍କାର ଶୁଣିବା ପରେ କାମରେ ଲାଗିଯାଇଛନ୍ତି ଡାକ ବାବୁ। ଏ ଡାକ ବାବୁ ହେଉଛନ୍ତି ରାଜଧାନୀ ଉପକଣ୍ଠର ଜଣେ ପୂର୍ବତନ ଜନ ପ୍ରତିନିଧି। ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଥାନାର ଦଲାଲ। ସେପଟେ ଡାକ ବାବୁଙ୍କ ପାଖରେ ଅଳି କରୁଥିବା ଥାନାଧିକାରୀ ଏକ ପ୍ରମୁଖ ଥାନାରେ ଏବେ କାର୍ଯ୍ୟରତ। ପୂର୍ବରୁ କିନ୍ତୁ ମୋରମ ଚୋରା ଚାଲାଣର ଏକ ପେଣ୍ଠସ୍ଥଳୀ ପାଲଟିଥିବା ଏକ ଥାନାରେ ଆଇଆଇସି ଜଣଙ୍କ କାର୍ଯ୍ୟରତ ଥିଲେ। ଆଉ ସେଇ ସମୟରୁ ଡାକ ବାବୁଙ୍କ ସହ ଆଇଆଇସିଙ୍କ ଘନିଷ୍ଠ ସମ୍ପର୍କ। ସେହି ଥାନାରୁ ଆଇଆଇସିଙ୍କ କଟକ ବଦଳି ହୋଇଥିଲା। କିଛି ମାସ ତଳେ ନିଜର ଅନୁରୋଧ କ୍ରମେ ତାଙ୍କର ଭୁବନେଶ୍ୱର ବଦଳି ହୋଇଥିଲା। କିନ୍ତୁ ବେଳା ଖରାପ। ଜଣେ ଇନ୍ସପେକ୍ଟରଙ୍କ ଅକସ୍ମାତ ଅସୁସ୍ଥତା ଯୋଗୁଁ କରିତକର୍ମା ଆଇଆଇସି ଜଣଙ୍କୁ ଏବେ ରାଜଧାନୀର ଛାତି ଉପରେ ଥିବା ଏକ ପ୍ରମୁଖ ଥାନା ଦାୟିତ୍ୱ ମିଳିଛି। କିନ୍ତୁ ସେହି ଥାନାରେ ହାତ ସଫେଇ ସୁବିଧା ନାହିଁ। ତେଣୁ କଞ୍ଚା ପଇସା ଆଶାରେ ଆଇଆଇସି ଜଣଙ୍କ ଏବେ ଡାକ ବାବୁଙ୍କ ଶରଣ ପଶିଛନ୍ତି। କଥା ଛିଡ଼ିଛି ଯେ ଭୁବନେଶ୍ୱରରେ ଖୁବଶୀଘ୍ର ହେବାକୁ ଥିବା ଏକ ନୂଆ ଥାନାର ଦାୟିତ୍ୱ ନେବେ ଇନ୍ସପେକ୍ଟର ଜଣଙ୍କ। ଯାହା ରୋଜଗାର ହେବ ଭାଗ ଅଧା ଅଧା ହେବ। ସେଥିପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି ଡାକ। ନେତା ମନ୍ତ୍ରୀଙ୍କ ଘରକୁ ଡେଲି ଦୌଡ଼ୁଛନ୍ତି। ବିନା ନିମନ୍ତ୍ରଣରେ ନେତାଙ୍କ ପାଖକୁ ଯାଇ କାମ କଥା କହୁଛନ୍ତି। ତେବେ ଦେଖିବାକୁ ବାକି ରହିଲା ଡାକ କଥା ପାୱାର କରିଡର ଶୁଣୁଛି କି ନାହିଁ।

## ଗୁହାରି ଶୁଣିଲା କାଳିଆ



- କୋମାରୁ ଉଠିଲା ଅସୁସ୍ଥ ପୁଅ
- ବଡ଼ଦାଣ୍ଡରେ ଗଡ଼ାଇଦେଲେ ବାପା
- ଲୁହ ଛଳଛଳ ଆଖିରେ କୃତଜ୍ଞତାର ଛାପ

**ପୁରୀ,୨୨।୧୧(ସଂଚାର ବ୍ୟୁରୋ):** କାଳିଆ ସାଆନ୍ତ ପାଖରୁ କେହି ବି ଖାଲି ହାତରେ ଫେରେନା। ଏପରି ଏକ ଧାରଣା କୋଟି କୋଟି ଓଡ଼ିଆଙ୍କ ମନରେ ରହିଥିବା ବେଳେ ଆଜି ଏହା ପୁଣିଥରେ ପ୍ରମାଣିତ ହୋଇଛି। ଗତ ୮ ତାରିଖରେ ରାଜସ୍ଥାନର ଜଣେ ଅସହାୟ ➾ପୃଷ୍ଠା-୬

'ଏକତା ପଦଯାତ୍ରା'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ


## ମୁକୁନ୍ଦଦେବ ଅସ୍ମିତା, ସ୍ୱାଭିମାନ ଓ ସଂସ୍କୃତିର ପ୍ରତୀକ

- ୧୦୧ କୋଟିର ୨୨ଟି ପ୍ରକଳ୍ପର ଶିଳାନ୍ୟାସ
- ୨୦୩୬ ସୁଦ୍ଧା ଓଡ଼ିଶାର ସମୃଦ୍ଧି ପାଇଁ ପରିଶ୍ରମ କରିବାକୁ ଆହ୍ୱାନ



**ଗୋହିରାଟିକିରି/ଧାମନଗର, ୨୨।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ହେଉଛନ୍ତି ସ୍ୱାଧୀନତା, ଅସ୍ମିତା, ଏକତା, ସ୍ୱାଭିମାନ ଓ ସଂସ୍କୃତିର ପ୍ରତୀକ। ଆଗାମୀ ଦିନରେ ୟୁନେସ୍କୋ ସହଯୋଗରେ ଗୋହିରାଟିକିରି ଉପରେ ଗବେଷଣା କରାଯିବ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜା ମୁକୁନ୍ଦଦେବଙ୍କ ସହ ଜଡ଼ିତ ଇତିହାସ ପୃଷ୍ଠାରେ ବ୍ୟାପକ କରାଇବାକୁ ଉଦ୍ୟମ ହେବ ବୋଲି ଆଜି ଭଦ୍ରକ ଜିଲ୍ଲା ଧାମନଗର ଦୋବଲଠାରେ ଆୟୋଜିତ 'ଏକତା ପଦଯାତ୍ରା ଓ ସାଧାରଣ ସଭା'ରେ ଯୋଗଦେବା ସହ ବହୁବିଧ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାରତର ଏକତାର ପ୍ରତୀକ, ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଗୋହିରାଟିକିରିଠାରୁ ଦୋବଲ କାଳୀ ବଜାର ପର୍ଯ୍ୟନ୍ତ 'ଏକତା ପଦଯାତ୍ରା'ରେ ସାମିଲ ହୋଇଥିଲେ। ସ୍କୁଲ କଲେଜର ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସେ କହିଥିଲେ ଯେ ସର୍ଦ୍ଦାର ପଟେଲଙ୍କ ଜୀବନ କାହାଣୀ ଏକ ନବଜାତ ରାଷ୍ଟ୍ରର ସଂଗଠନ ଓ ସମୃଦ୍ଧିର ଗାଥା। ଓଡ଼ିଶା ସମେତ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ତାଙ୍କର ତ୍ୟାଗ ଅତୁଳନୀୟ। ଉତ୍କଳ କେଶରୀ ➾ପୃଷ୍ଠା-୬




### କାନ ଡେରିଥା

ମଧ୍ୟାହ୍ନ ଭୋଜନ ଚାଉଳ
ଆସୁଛି
ସ୍କୁଲ ପିଲାଙ୍କ ପାଇଁ
ମାଷ୍ଟର ଏପଟେ ବିକି
ଦେଉଛନ୍ତି
ପଇସା ଗୁଡ଼ାଏ ନେଇ
କାଙ୍ଗାଳ ସ୍ୱଭାବ ଏଇ...
ଭଲ ମାଷ୍ଟ୍ରେ ପରା ଖରାପ
ହୁଅନ୍ତି
ଏଇ କିଛି ମାଷ୍ଟ୍ରପାଇଁ ।

■ ଦେବାଶିଷ

# ଭକ୍ତଙ୍କ ବିଭୀଷଣ ବାଣ ଏବେ ବୁମେରାଂ

- ବରିଷ୍ଠ ମାଗିଲେଣି କୈଫିୟତ
- ପୁଅ ସାଜିଛନ୍ତି ଢାଲ



**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପରାଜୟ ପାଇଁ ସଭାପତି ଭକ୍ତ ଚରଣ ଦାସ ଯେଉଁ ବିଭୀଷଣ ବାଣ ମାରିଥିଲେ, ତାହା ଏବେ ତାଙ୍କରି ପାଇଁ ବୁମେରାଂ ହେଲାଣି। ପରାଜୟର ତର୍ଜମା ନ କରି ଭକ୍ତ ହଠାତ୍ ଏଭଳି କହିଥିବାରୁ ବରିଷ୍ଠ ନେତାମାନେ ଅସନ୍ତୋଷ ପ୍ରକଟ କରିବା ସହ ତାଙ୍କୁ କୈଫିୟତ ବି ମାଗିଲେଣି।


ଗତ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଦ୍ୱିତୀୟ ସ୍ଥାନରେ ରହିବା ପରେ ଏହାକୁ ନେଇ ଭକ୍ତ ତତ୍କାଳ ପ୍ରତିକ୍ରିୟା ରଖିଥିଲେ। ପରାଜୟ ପାଇଁ ଦଳ ଭିତରେ ଥିବା ବିଭୀଷଣମାନେ ଦାୟୀ ବୋଲି ଖୋଲାଖୋଲି କହିଥିଲେ। ହେଲେ ଭକ୍ତଙ୍କ ଏଭଳି କଥାକୁ ଦଳରେ ଥିବା ବରିଷ୍ଠ ନେତାମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଏନେଇ ଶୃଙ୍ଖଳା କମିଟିକୁ ଚିଠି ଲେଖିଥିବା ବେଳେ ଅନ୍ୟ ନେତାମାନେ ବି ଧିରେ ଧିରେ ନିଜର ଅସନ୍ତୋଷ ଝାଡ଼ିବା ଆରମ୍ଭ କରିଛନ୍ତି।

କଂଗ୍ରେସର କିଛି ନେତାଙ୍କ କହିବା କଥା ଯେ ନିର୍ବାଚନରେ ପରାଜୟ ନେଇ ଭକ୍ତ କୌଣସି ବୈଠକ ଡାକିନଥିଲେ କି ଏହାର ତର୍ଜମା କରିନଥିଲେ। ସେଭଳି କୌଣସି ସମୀକ୍ଷା ନ କରି ନିଜ ମୁଣ୍ଡରୁ ଦୋଷ ଝାଡ଼ିବା ପାଇଁ ସେ ବିଭୀଷଣ ବାଣ ମାରିଛନ୍ତି। ନୂଆପଡ଼ା ନିର୍ବାଚନ ଘୋଷଣା ପରଠାରୁ ଭକ୍ତ ସେଠାରେ ଡେରା ପକାଇଥିଲେ। ସବୁକିଛି ସେ ହିଁ ବୁଝୁଥିଲେ। ପ୍ରଥମରୁ ଦଳର ବରିଷ୍ଠ ନେତାଙ୍କୁ ଏଡ଼ାଇ କାମ କରିଆସିଥିବା ବେଳେ ପରେ କାଳେ କେହି ଦୋଷ ଦେବେ, ସେଥିପାଇଁ ବରିଷ୍ଠ ନେତାଙ୍କୁ ସେ ନୂଆପଡ଼ା ଡାକିଥିଲେ। ସମସ୍ତେ ବି ସେଠାକୁ ଯାଇଥିଲେ।

ନିର୍ବାଚନ ଫଳ ବାହାରିବା ପରେ କଂଗ୍ରେସ ପ୍ରାର୍ଥୀ ଖୋଲାଖୋଲି ଭାବେ କହିଥିଲେ ଅର୍ଥ ଅଭାବରୁ ସେ ହାରିଗଲେ। ଦଳ ପଇସା ଦେଲା ନାହିଁ। ତଥାପି ନିଜ ବଳରେ ସେ ଦ୍ୱିତୀୟ ସ୍ଥାନରେ ରହିଲେ। ଏଭଳି କଥା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ପରେ ଭକ୍ତ ବିଭୀଷଣ ବାଣ ବି ମାରିଲେ। ତେବେ ଭକ୍ତ କାହାକୁ ବିଭୀଷଣ କହିଲେ, ତା'ର କିନ୍ତୁ ମୁଖା ଖୋଲୁନାହାନ୍ତି। ହେଲେ ଦଳ ଭିତରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜଣେ ଅନ୍ୟ ଜଣକୁ ବିଭୀଷଣ ଭଳି ଦେଖାଯାଉଛନ୍ତି। ଇତି ମଧ୍ୟରେ କିଛି କଂଗ୍ରେସ ନେତା ଦଳରେ ରାବଣ କିଏ ବୋଲି ବି ପ୍ରଶ୍ନ କଲେଣି।

କଂଗ୍ରେସର କିଛି କର୍ମୀଙ୍କ କହିବା କଥା ଯେ ପ୍ରାର୍ଥୀ ଚୟନଠାରୁ ଆରମ୍ଭ କରି ଅର୍ଥ କାରବାର ପର୍ଯ୍ୟନ୍ତ ସବୁକିଛି ଭକ୍ତ ବୁଝୁଥିଲେ। ତାଙ୍କରି ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିଥିଲା। ବିଜେଡିକୁ ତୃତୀୟ ➾ପୃଷ୍ଠା-୬

## ଦେହ ଖରାପ ଜାଣି ବି ପପୁ ଆଡଭାନ୍ସ ଆଣୁଥିଲା



ଘନଉଛି ହ୍ୟୁମାନଙ୍କ ମୃତ୍ୟୁ ବିବାଦ

- ମା' ଆଣିଲେ ଗୁରୁତର ଅଭିଯୋଗ
- ଆଉ ଏକ ଏତଲା ଦାୟର୍
- ମୃତ୍ୟୁର ସଠିକ୍ ତଦନ୍ତ ଦାବି କଲେ ପ୍ରେମ୍ ଆନନ୍ଦ
- ଏନ୍‌ଏଚ୍‌ଆର୍‌ସିରେ ମାମଲା

**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ଦିନକୁ ଦିନ ବିବାଦ ଅଧିକ ଘନଉଛି। ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ପ୍ରୋଗ୍ରାମ୍‌ରେ ଭାଗ ନେବାକୁ ବାଧ୍ୟ କରାଯାଉଥିଲା, ଯାହାକି ଶେଷରେ ତାଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ଗତକାଲି ଅଭିଯୋଗ କରି ଏକ ସଂଗଠନ ପକ୍ଷରୁ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ଆଜି ଏହି ମାମଲାରେ ପୁଣିଥରେ ହ୍ୟୁମାନ୍‌ଙ୍କ ମା' ଶେଫାଳୀ ସୁନା ଅନ୍ୟତମ ମ୍ୟାନେଜର୍ ଦୀନେଶ ବେହେରା ଓରଫ୍ ପପୁ ବିରୋଧରେ ଆହୁରି କେତେକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ମ୍ୟାନେଜର୍ ଭାବେ ପପୁ ସବୁ ପ୍ରୋଗ୍ରାମ୍ ପାଇଁ ଆଡଭାନ୍ସ ଆଣୁଥିଲା। କିନ୍ତୁ ଏନେଇ ସେ କିଛି ବି ହ୍ୟୁମାନକୁ ଆଗୁଆ ଜଣାଉ ନଥିଲା। ତେବେ ହ୍ୟୁମାନ୍‌ର ଶରୀର ଅସୁସ୍ଥ ଥିବା ସେ ଜାଣିଥିବା ସତ୍ତ୍ୱେ ଟଙ୍କା ଲୋଭରେ ସେ ଆଡଭାନ୍ସ ଆଣୁଥିଲା। ଫଳତଃ ହ୍ୟୁମାନ୍ ବାଧ୍ୟ ହୋଇ ଅସୁସ୍ଥତା ସତ୍ତ୍ୱେ ପ୍ରୋଗ୍ରାମ୍ କରୁଥିଲା। ଗତ ୧୦ ଓ ୧୧ ତାରିଖରେ ହ୍ୟୁମାନ୍ ଭୁବନେଶ୍ୱରରେ ଯେଉଁ ପ୍ରୋଗ୍ରାମ କରିଥିଲା, ସେଥିରେ ସେ ଠିକ୍ ଭାବେ ଠିଆ ବି ହୋଇପାରୁନଥିଲା। ପରଦିନ ତାକୁ ହସ୍ପିଟାଲ ନେଇ ସେଠାରେ କିଛି ସମୟ ରଖାଯିବା ପରେ ଫେରାଇ ଅଣାଯାଇଥିଲା। ପୁଣି ୧୨ ତାରିଖରେ ୧୦୩ ଜ୍ୱର ଥିବା ସତ୍ତ୍ୱେ ପପୁ ପ୍ରୋଗାମ ରଖିଥିଲା। ପପୁ ନିଜେ ହ୍ୟୁମାନ୍‌କୁ ହସ୍ପିଟାଲ୍ ନେଇ ଯାଇଥିବା ସତ୍ତ୍ୱେ ➾ପୃଷ୍ଠା-୬

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପୂର୍ବାଞ୍ଚଳକୁ ବିପଦ

ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ଭାରତର ପୂର୍ବ ସୀମାନ୍ତରେ ବାଂଲାଦେଶୀ ଅନୁପ୍ରବେଶ ଏକ ଜଟିଳ ସମସ୍ୟା ଭାବେ ରହିଛି। ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା, ମେଘାଳୟ ଓ ମିଜୋରାମ



ଭଳି ରାଜ୍ୟଗୁଡ଼ିକରେ ଲକ୍ଷ ଲକ୍ଷ ବାଂଲାଦେଶୀ ନାଗରିକ ଅବୈଧ ଭାବେ ପ୍ରବେଶ କରି ଭାରତୀୟ ନାଗରିକତ୍ୱ ଓ ସୁବିଧା ହଡ଼ପ କରୁଛନ୍ତି। ଏହା କେବଳ ଜନସଂଖ୍ୟା ସନ୍ତୁଳନକୁ ବିଗିଡୁନି, ରାଷ୍ଟ୍ରୀୟ ସୁରକ୍ଷାକୁ ମଧ୍ୟ ବିପଦରେ ପକାଉଛି।

୧୯୭୧ ମସିହାରେ ବାଂଲାଦେଶର ମୁକ୍ତିଯୁଦ୍ଧ ସମୟରେ ଲକ୍ଷାଧିକ ଶରଣାର୍ଥୀ ଭାରତକୁ ଆସିଥିଲେ। ଯୁଦ୍ଧ ଶେଷ ହେବା ପରେ ଅଧିକାଂଶ ଫେରିଯାଇଥିଲେ, କିନ୍ତୁ ହଜାର ହଜାର ରହିଯାଇଥିଲେ। ତାପରେ ଆର୍ଥିକ ସମସ୍ୟା, ଦାରିଦ୍ର୍ୟତା, ବନ୍ୟା, ରାଜନୈତିକ ଅସ୍ଥିରତା ଓ ଧାର୍ମିକ ଉତ୍ପୀଡ଼ନ କାରଣରୁ ଅନୁପ୍ରବେଶ ଜାରି ରହିଛି। କିନ୍ତୁ ସବୁଠାରୁ ବଡ଼ କାରଣ ହେଉଛି ରାଜନୈତିକ ସ୍ୱାର୍ଥ। ପଶ୍ଚିମବଙ୍ଗର କେତେକ ଦଳ ଏହି ଅବୈଧ ଅନୁପ୍ରବେଶକାରୀଙ୍କୁ ଭୋଟବ୍ୟାଙ୍କ ରୂପେ ବ୍ୟବହାର କରି ନିର୍ବାଚନରେ ଲାଭ ଉଠାଉଛନ୍ତି। ଜାଲିଆତି ଭୋଟର କାର୍ଡ, ଆଧାର କାର୍ଡ, ରାସନ କାର୍ଡ ପ୍ରଦାନ କରି ସେମାନଙ୍କୁ ଭାରତୀୟ ନାଗରିକ ଭାବେ ପ୍ରତିଷ୍ଠା କରାଯାଉଛି। ଆସାମରେ ଏହି ଅନୁପ୍ରବେଶ ଏକ ଜାତିଗତ ସଙ୍କଟର ରୂପ ନେଇଛି। ୧୯୫୧ରୁ ୨୦୧୧ ମଧ୍ୟରେ ଆସାମର ମୁସଲମାନ ଜନସଂଖ୍ୟା ୩୦ ପ୍ରତିଶତରୁ ପ୍ରାୟ ୩୫ ପ୍ରତିଶତକୁ ବୃଦ୍ଧି ପାଇଛି। କେତେକ ଜିଲ୍ଲାରେ ସ୍ଥାନୀୟ ଆସାମୀୟ ଲୋକ ସଂଖ୍ୟାଲଘୁ ହୋଇଯାଇଛନ୍ତି। ଏହା ଭାଷା, ସଂସ୍କୃତି ଓ ପରିଚୟ ଉପରେ ଆକ୍ରମଣ। ଏହି କାରଣରୁ ଆସାମରେ ଛଅବର୍ଷ ଧରି ଲମ୍ବା ଆନ୍ଦୋଳନ ହୋଇଥିଲା ଏବଂ ୧୯୮୫ରେ ଆସାମ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ତାହାର କାର୍ଯ୍ୟକାରିତା ଅତି କମ୍। ଏନଆରସି (ଜାତୀୟ ନଗରିକତ୍ୱ ପଂଜିକରଣ) ପ୍ରକ୍ରିୟା ମଧ୍ୟ ରାଜନୈତିକ ଚାପରେ ଅଧାରୁ ଅଟକି ରହିଛି।

ସୁରକ୍ଷା ଦୃଷ୍ଟିରୁ ଏହା ଭୟଙ୍କର। ଅନୁପ୍ରବେଶକାରୀଙ୍କ ମଧ୍ୟରୁ କେତେକ ଆତଙ୍କବାଦୀ ସଙ୍ଗଠନ ସହ ଯୋଡ଼ି ହୋଇଥାନ୍ତି। ହୁଜି, ଜେଏମ୍ବି ଭଳି ସଙ୍ଗଠନ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଛନ୍ତି। କେତେକ ଅଞ୍ଚଳରେ 'ମିନି ପାକିସ୍ତାନ'ସୃଷ୍ଟି ହେବାର ଆଶଙ୍କା ଉଙ୍କି ମାରୁଛି। ଏହି ସମସ୍ୟାର ସମାଧାନ ଅତି ଜରୁରୀ। ପ୍ରଥମେ ସୀମାନ୍ତରେ କଡ଼ା ନିରାପତ୍ତା, ବାଡ଼ ନିର୍ମାଣ ଓ ଆଧୁନିକ ନଜର ରଖିବା ବ୍ୟବସ୍ଥା ଦରକାର। ଦ୍ୱିତୀୟରେ, ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ନିର୍ବାସନ କରିବା ଉଚିତ। ସିଏଏ ଓ ଏନଆରସିକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରାଯିବା ଦରକାର। ରାଜନୈତିକ ଦଳଗୁଡ଼ିକ ଏହାକୁ ଭୋଟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠାଇ ରାଷ୍ଟ୍ରୀୟ ସ୍ୱାର୍ଥରେ ଏକାଠି ହେବା ଉଚିତ। ଯଦି ଏବେ ନଚେତିଲୁ, ଆସନ୍ତା ଦଶନ୍ଧି ଭିତରେ ଆମର ପୂର୍ବାଞ୍ଚଳ ଅପରିଚିତ ହୋଇଯିବ। ଏହା ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ। ଏହା କେବଳ ଆସାମ, ପଶ୍ଚିମବଙ୍ଗ କି ଓଡିସାର ନୁହେଁ, ସମଗ୍ର ଦେଶର ସମସ୍ୟା। ଏହାର ବିରୋଧରେ ଏକ ଜାତୀୟ ଆନ୍ଦୋଳନ ଆବଶ୍ୟକ।


# ଆନନ୍ଦମୟ ଜୀବନର ମନ୍ତ୍ର



**ବିଜୟଲକ୍ଷ୍ମୀ ଶତପଥୀ**

ଭଗବାନ ଶ୍ରୀସତ୍ୟସାଇ ବାବା କୁହନ୍ତି, ତୁମ ପ୍ରତି ହୋଇଥିବା ଅପକାର ଓ ତୁମେ ଅନ୍ୟ ପାଇଁ କରିଥିବା ଉପକାରକୁ ଭୁଲିଯାଅ। ଭଗବାନଙ୍କ ଏହି ଦୁଇଧାଡ଼ି ଉପଦେଶ ଜଣେ ଅଧ୍ୟାତ୍ମ ପିପାସୁ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ଆମର ଭାବନା ଖୁବ ଭଲ ଥିଲେ ମଧ୍ୟ, ଆମର ଅନିଚ୍ଛା ସତ୍ତ୍ୱେ ବେଳେ ବେଳେ କିଛି ଲୋକଙ୍କ ସହ ଆମ ସମ୍ପର୍କରେ ତିକ୍ତତା ଆସିଯାଏ। ଏସବୁ କ୍ଷେତ୍ରରେ କ୍ୱଚିତ ସେମାନେ ବୁଝିବାରେ ସମର୍ଥ ଥାଆନ୍ତି ଏବଂ ଆମର କ୍ଷତି ପହଞ୍ଚାଇ ଥାଆନ୍ତି।

ସାଧାରଣତଃ ଆମେ ଆମ ପ୍ରତି ହୋଇଥିବା ଅପକାରକୁ ଭୁଲି ପାରି ନଥାଉ। ସବୁବେଳେ ତାଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସୁଯୋଗର ଅନେକ୍ଷା କରିବସୁ। କିନ୍ତୁ ଭଗବାନ ବାବା କହନ୍ତି, ଅନ୍ୟମାନେ ତୁମ ପ୍ରତି କରିଥିବା ଅପକାରକୁ ଭଲିଯାଅ। ଆମ ପ୍ରତି ହୋଇଥିବା ଅପକାରକୁ ଭୁଲିବା ପାଇଁ ଆମକୁ କ୍ଷମା ଗୁଣର ଅଧିକାରୀ ହେବାକୁ ପଡ଼ିବ। ଯୀଶୁ ସେହି ମହାନ ଗୁଣରେ ଭୂଷିତ ଥିଲେ। ତାଙ୍କର ଏହି ଗୁଣ ଯୋଗୁଁ ସେ ତାଙ୍କୁ କୃଶବିଦ୍ଧ କରୁଥିବା ଲୋକମାନଙ୍କୁ କ୍ଷମା କରିଦେବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। ତେଣୁ ଆମକୁ ଯୀଶୁଙ୍କ ଭଳି ହୃଦୟରଅଧିକାରୀହେବାକୁହେବ।



ଏହା ବ୍ୟତିରେକ ଯଦି ଆମେ ସବୁବେଳେ ଆମ ପ୍ରତି ହୋଇଥିବା ଅପକାରକୁ ମନେ ପକାଉଥିବା, ତେବେ କ୍ରୋଧ, ଅହଂକାର, ଘୃଣା, ଈର୍ଷା ଭଳି ନକାରାତ୍ମକ ଭାବନା ମନକୁ କବଳିତ କରି ରଖିବ ଏବଂ ଆମର ଅନେକ ଦିନର ଆଧ୍ୟାତ୍ମିକ ସାଧନାକୁ ନଷ୍ଟ କରିଦେବ।

ଆହୁରି ମଧ୍ୟ ଆମେ ଅନେକ ସମୟରେ ଅନ୍ୟମାନଙ୍କର ଉପକାର କରିଥାଉ। ଏହି ଉପକାର ବଦଳରେ ଆମେ ଚାହୁଁ ଯେ ସେମାନେ ଆମ ପ୍ରତି କୃତଜ୍ଞ ରହନ୍ତୁ। ଯେତେବେଳେ ସେମିତି ହୁଏ ନାହିଁ, ଆମେ ସେମାନଙ୍କ ପ୍ରତି ଖରାପ ଭାବନା ରଖୁ। ଯେଉଁ ମୁହୂର୍ତ୍ତରେ ଏଭଳି ଭାବନା ଆମ ମନକୁ ଆସେ, ଅନ୍ୟ ପ୍ରତି କରିଥିବା ଆମ ଉପକାର ସ୍ୱାର୍ଥ ସହ ଜଡ଼ିତ ହୋଇଯାଏ। ଏହି ଉପକାରକୁ ଆମେ ନିଃସର୍ତ୍ତ, ନିଃସ୍ୱାର୍ଥ ବୋଲି କହିପାରିବା ନାହିଁ। ବରଂ ଆମେ ଭଗବାନଙ୍କ ପ୍ରତି ତଥା ସେବା କରିଥିବା ବ୍ୟକ୍ତିଙ୍କ ପ୍ରତି ନିଜେ କୃତଜ୍ଞ ରହିବା ଉଚିତ ଯେ ଆମକୁ ଏକ ସେବାର ସୁଯୋଗ ପ୍ରଦାନ କରିଛନ୍ତି। କିନ୍ତୁ ସେପରି ଭାବନା ନରଖି ଯଦି ଆମେ ଆମ ଉପକାର ପ୍ରତିବଦଳରେ କୃତଜ୍ଞତା ଭାବର ଆଶା ରଖିବା ଓ ସେହି ଉପକାରକୁ ସବୁବେଳେ ମନେ ରଖିଥିବା ତେବେ ଆମ ମଧ୍ୟରେ ଅହଂକାରର ବୃଦ୍ଧି ହେବ। ପରିମାଣତଃ ତାହା ଆମ ସାଧନା ପଥରେ ବାଧକ ହେବ। ତେଣୁ ଅନ୍ୟ ପ୍ରତି କରିଥିବା ଉପକାରକୁ ମଧ୍ୟ ଆମକୁ ଭୁଲିଯିବାକୁ ହେବ। ଭଗବାନ ବାବାଙ୍କ ପ୍ରତିଟି ଉପଦେଶ ଆମର ଆନନ୍ଦମୟ ଜୀବନ ସୁନିଶ୍ଚିତ କରେ। ଆହୁରି ମଧ୍ୟ ଅନ୍ୟର ଦୁଃଖରେ ଦୁଃଖୀ ହେବା ତ ସହଜ, କିନ୍ତୁ ଯେତେବେଳେ ଅନ୍ୟର ଖୁସିରେ ଖୁସି ହେବାର କଳା ଶିଖିଯିବା ତେବେ ଆନନ୍ଦମୟ ଜୀବନର ମନ୍ତ୍ର ଆମେ ଜାଣିଯିବା।

**ଖରିଆର ରୋଡ଼, ନୂଆପଡ଼ା**

# ଅନ୍ଧ ମଣିଷ

**ଅଲେଖ ଚନ୍ଦ୍ର ସାମଲ**



ଆଜିର ମଣିଷ ଅହଂ ରୂପକ କାରାଗାର ମଧ୍ୟରେ ବନ୍ଦୀ। ଜ୍ଞାନହୀନ ହୋଇଥିବା ସତ୍ତ୍ୱେ ସେ ନିଜକୁ ସବୁଠାରୁ ଜ୍ଞାନୀ ମନେକରେ। ପରିବେଶ ଏବଂ ପରିସ୍ଥିତିରୁ କିଛି ଶିଖେନାହିଁ। ପରିଣାମ ସ୍ୱରୂପ ବିଶ୍ୱ ରସାତଳଗାମୀ ହେବାରେ ଲାଗିଛି। କାହାଣୀଟିଏ ଶୁଣିବା ହେଉ। ବଣରେ ରହୁଥିଲେ ଗୋଟିଏ କାଠହଣା ଦମ୍ପତି। ପୁରୁଷ କାଠହଣା ନିଜ ଜୀବନକୁ ନେଇ ସନ୍ତୁଷ୍ଟ ଥିଲା। ତେବେ ମାଈ କାଠହଣା ଥିଲା ଉଚ୍ଚାଭିଳାଷିଣୀ। ଦିନେ ସେ ନିଜର ପୁରୁଷକୁ କହିଲା, ଆହେ ଶୁଣୁଛ, ଏହି ଜଙ୍ଗଲର ବୃକ୍ଷ କଣା କରି କରି ବିରକ୍ତ ଲାଗିଲାଣି। ଚଞ୍ଚୁ ଦୈନିକ ଏକ ପ୍ରକାରର ସ୍ୱାଦ ଆସ୍ୱାଦନ କରୁଛି। ଅନ୍ୟ ଜଙ୍ଗଲର ସନ୍ଧାନ ନିଅ। ପୁରୁଷ କାଠହଣାର ଦୂରକୁ ଯିବା ପାଇଁ ଇଚ୍ଛା ନଥିଲା। ସେ କହିଲା, ମୁଁ ଶୁଣିଛି, କୋଶେ ବାଟ ଦୂରରେ ଥିବା ଜଙ୍ଗଲର କାଠ ଭାରି ଟାଣ। ଚଞ୍ଚୁ ଭାଙ୍ଗିଯାଇପାରେ। ମାଈ କାଠହଣା ଜିଗର କରି କହିଲା, ନ ଗଲେ ଜାଣିବ କିପରି? ଉଦ୍ୟମ ନକଲେ ବୁଝିବ କିପରି? ପ୍ରାଣପ୍ରିୟା ପତ୍ନୀର କଥା ଭାଙ୍ଗି ନପାରି କାଠହଣା ବାହାରିଲା। ପାଖ ଜଙ୍ଗଲରେ ପହଞ୍ଚିବା ବେଳକୁ ବର୍ଷା ଆସିଲା। ଦୈବକ୍ରୁ କାଠହଣା ବସିଥିବା ଗଛ ଉପରେ ବଜ୍ର ପଡ଼ିଲା। ଠିକ୍ ସେହି ମୁହୂର୍ତ୍ତରେ ଚଞ୍ଚୁ ଦ୍ୱାରା ଗଛ ଉପରେ ପ୍ରଥମ ଆଘାତ ବସାଇଥାଏ କାଠହଣା। ବଜ୍ର ପ୍ରଭାବରେ ଭୂତଳଶାୟୀ ହେଲା ଗଛ। କାଠହଣା ବାପୁଡ଼ା ବୁଝିଲା, ତାହା ସମ୍ଭବ ହୋଇଛି ତା ଚଞ୍ଚୁର ଆଘାତ ଯୋଗୁଁ। ସେ ପୁଲକିତ ହୋଇ ସୁଖବର ଶୁଣାଇବା ପାଇଁ ଚାଲିଲା ସ୍ତ୍ରୀ ପାଖକୁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - 'ଅନେକ ମଣିଷଙ୍କ ଅବସ୍ଥା ସେହି ଅନ୍ଧ କାଠହଣା ପରି। ନିଜ ଭିତରେ ମଣିଷ ହଜିଯାଇଛି। ବାହାର କଥା ଦେଖିବାକୁ ଏବଂ ବୁଝିବାକୁ ସାମର୍ଥ୍ୟ ହରାଇସାରିଛି। ଆଉ ଅହଂମୁକ୍ତ ନ ହେଲେ, ଅଜ୍ଞାନ ଅନ୍ଧକାର ମଧ୍ୟରୁ ନ ବାହାରିଲେ ପତନ ଅବଶ୍ୟମ୍ଭାବୀ।'

**ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ମୋବାଇଲ୍: ୯୪୩୭୨୫୭୧୨୩**

# ଜାତୀୟ କବି ସଂଗ୍ରାମୀ ବୀରକିଶୋର



**ଅକ୍ଷୟ କୁମାର ରାଉତ**

ଦେଶ ପରାଧିନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଞ୍ଚୁଥାଏ। ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶସନର ଡୋରୀ। ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି। ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା। ଇଂରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ। ଏହି ସମୟରେ ହରିହରପୁର(ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ। ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗା। ଏହି ଗାଁ ର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ କବି ବୀରବିଶୋର। ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ।

ଗାଁ ର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢ଼ି ଥିଲେ ବୀରକିଶୋର। ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ। ପରବର୍ତ୍ତୀ କାଳରେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟାପିଠ' ନାମରେ ନାମିତ ହେଲା। ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ। ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ। ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢ଼ିଲେ। ମେସ୍‌ରେ କବି ନାରାୟଣ ମୋହନ ଦେ ଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ। ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି। କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ। ଜମିଦାରୀ ହରାଇଥିବା ବାପାଙ୍କର ଇଚ୍ଛା ପୁଅ ବଡ •କିର କରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି ରେ ମାସିକ ୫୫ଟଙ୍କା ଦରମାରେ •କିରି କଲେ। ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି। ସେ ସମୟ ରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି, ସେମାନଙ୍କୁ 'ବାନରସେନା' କୁହାଯାଏ। ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଓ୍ୱାନାବାଗ ହତ୍ୟା କାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା। ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ୍ୟ କରିଥିଲା। ତାଙ୍କର ଏହି କବିତା ଗୁଡିକ କଟକର "ମୁକୁର ପ୍ରେସ" ରେ "ମୋହନବଂଶୀ" ନାମରେ ପ୍ରକାଶ ପାଇଲା। ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା। ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା। ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପତ୍ରରେ ଲେଖିଲେ ' ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା' ମୁଁ ଯଦି ବଞ୍ଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି।

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଞ୍ଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ବାନରସେନାଙ୍କ ମନବଳ ବଢ଼ାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁ ଥିଲେ। ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଇ

*ଗାଁ ଗହଳିରେ ବୁଲିଲେ-*
*ସାଜିଲେ ପିଲାଏ ବାନରସେନା*
*ବାହାରିଲେ ଧରି ତ୍ରିରଙ୍ଗାବାନା*
*ଖାଇଲେ ଗୋଇଠା ବେତ ପାହାର*
*ଦେଖିଲେ ସହିବ ଛାତି କାହାର*
*ଗୋରା ସରକାର ବନ୍ଧୁକ ଗୁଳି*



କବିତା ଶକତି ତା' ଠାରୁ ବଳି। ୧୯୩୦ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ "ଆଇନଅମାନ୍ୟ" ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ। ସତ୍ୟାଗ୍ରହୀ ମାନେ ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଈ କୂଳରୁ ଇଞ୍ଚୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସ" ଗୀତ ବୋଲି ବୋଲି ସତ୍ୟାଗ୍ରହୀ ମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରରୁ ଲୁଣ ମରା କାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ କଲେ। ଛଦ୍ମନାମ ରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଲବୀ ପ୍ରେସ୍' ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ 'କାମଦେବ' ବହିଟିର ଦାମ୍ ଥିଲା ଏକ ଅଣା। ଏହି ବହିଟି ଲେଖିବା ଯୋଗୁଁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ।

ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବଢ଼ିବାରେ ଲାଗିଲା। ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧିଙ୍କୁ ଆମନ୍ତ୍ରଣ କଲେ। ଏହି ସମୟରେ ବୀରକିଶୋର 'ରଣ ଭେରୀ' ନାମରେ ପାଞ୍ଚ ପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ। ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ। ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବ ନାହିଁ। ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ।

ବୀରବାବୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସମ୍ପାଦନା କରୁଥିଲେ।ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି, ବିଶ୍ୱମ୍ବର ପରିଡ଼ା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ। ସ୍ୱାଧୀନତାର ବାର୍ତ୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକା ର ପ୍ରକାଶକ ହୋଇଥିଲେ। ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ର ପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ। ସେଥି ମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ। ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା। ସେ ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ। ପାଠ୍ୟ ପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସମ୍ପାଦକ ଥିଲେ। ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା।

୧୯୪୬ ମସିହାରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ-ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ।

ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ-

*" ବାବୁ ନ ଚିହ୍ନିବ ଛତା ଯୋତାରୁ*
*ସାଧୁ ନ ଚିହ୍ନିବ ଗୋଲି ଚିତାରୁ*
*ନେତା ନ ଚିହ୍ନିବ ଖାଲି କଥାରୁ*
*ଥରେ ବୁଲି ଆସ କଲିକତାରୁ"*

ମହାନ୍ ଜାତିୟ କବି ବିରୋକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି। ଆର୍‌ଥିକ ଦୁଃସ୍ଥିତି ରେ ପଡ଼ି ସେ କେବେ କାହା ପାଖରେ ହାତ ପତେଇ ନାହାଁନ୍ତି। ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟ କରି ଯାଇଛନ୍ତି। ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖ ରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ। ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।

**ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି**
**ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର**
**ମୋବାଇଲ୍: ୯୯୩୭୬୯୧୪୭୫**

# ୯୨ ବର୍ଷରେ ପଦାର୍ପଣ କଲା ଝାଡ଼ଖଣ୍ଡର ପ୍ରବାସୀ ମିଳନ ମଞ୍ଚ ଉତ୍କଳ ଆସୋସିଏସନ



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଝାଡ଼ଖଣ୍ଡ ରାଜ୍ୟର ଅନ୍ୟତମ ଅଗ୍ରଣୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ଆସୋସିଏସନ ତାର ୯୨ତମ ପ୍ରତିଷ୍ଠା ଦିବସ ୨୪ ନଭେମ୍ବରରେ ପାଳନ କରିବାକୁ ଯାଉଛି। ଏହି ଅନୁଷ୍ଠାନ ଅବିଭକ୍ତ ବିହାର ପ୍ରଦେଶର ଓ ବର୍ତ୍ତମାନ ଝାଡ଼ଖଣ୍ଡ ପ୍ରଦେଶର ଜାମସେଦପୁର ସହରର ହୃଦୟସ୍ଥଳ କୁହାଯାଉଥିବା ସାକଚି ଠାରେ ୧୯୩୪ ମସିହା ନଭେମ୍ବର ୨୪ ତାରିଖରେ ପ୍ରତିଷ୍ଠା କରାଯାଇଥିଲା। ଟୁଇଲା ଡୁଙ୍ଗୁରୀ ଠାରେ କିଛି ଉତ୍ସାହି ଓଡ଼ିଆ ଯୁବକ ଗଣେଶ ପୂଜା, ସରସ୍ୱତୀ ପୂଜା ଓ ଅଷ୍ଟ ପ୍ରହରୀ ନାମଯଜ୍ଞ କାର୍ଯ୍ୟକ୍ରମ କରି ଏଠାକାର ଓଡ଼ିଆ ମାନଙ୍କୁ ସଂଗଠିତ କରୁଥିଲେ। ସେଇ ଉତ୍ସାହି ଯୁବକ ମାନଙ୍କ ଅକ୍ଲାନ୍ତ ପରିଶ୍ରମର ଫଳଶ୍ରୁତି ଭାବରେ ଉତ୍କଳ ଆସୋସିଏସନ, ଓଡ଼ିଆ ମାନଙ୍କର ଅବସର ବିନୋଦନ, ସାଂସ୍କୃତି ଭାବଆଦନପ୍ରଦାନର ଏକ ମିଳନ ମଞ୍ଚ ଭାବରେ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ହେଲା ଏଠାରେ ଦଣ୍ଡାୟମାନ।

ବିଭିନ୍ନ ସମୟରେ ଉତ୍କଳ ଆସୋସିଏସନ ଖେଳକୁଦର ଆୟୋଜନ, ଡ୍ରାମା, ନାଟକର ପ୍ରତିଯୋଗୀତା, କବିତା ଆବୃତ୍ତି, ପ୍ରବନ୍ଧ ପ୍ରତିଯୋଗୀତା, ଝୋଟିଚିତ୍ରା ପ୍ରତିଯୋଗୀତା, ଓଡ଼ିଆ ଘରର ପିଠାପଣା ପ୍ରତିଯୋଗୀତା, ବକ୍ତୃତା ପ୍ରତିଯୋଗୀତା, ଗର୍ମିତ ସଙ୍ଗୀତର ଆସରରେ। ମୁଖରିତ ହେଉଥିଲା ଉତ୍କଳ ଆସୋସିଏସନର ମଧୁସୂଦନ ପ୍ରେକ୍ଷାଳୟ। ଗୋପବନ୍ଧୁ, ମଧୁବାବୁ, ଗଙ୍ଗାଧର, ଫକିରମୋହନଙ୍କ ପରି ମହାପୁରୁଷଙ୍କ ଜୟନ୍ତୀ ପାଳନରେ ଏ ସଂସ୍ଥା ସବୁବେଳେ ଆଗଭର ହୋଇଛି। ଉତ୍କଳ ଆସୋସିଏସନ ପ୍ରାଙ୍ଗଣରେ ଜଗନ୍ନାଥଙ୍କ ମନ୍ଦିର ସେଠାରେ ପୂଜା ପାଆନ୍ତି। ପ୍ରତି ଓଡ଼ିଆର ଆରାଧ୍ୟ ତଥା ମହାକାଳର କାବ୍ୟ ଓ କବି ଶ୍ରୀଜଗନ୍ନାଥ ଏଠାକାର ରଥଯାତ୍ରାରେ ସହରର ଅଧିକାଂଶ ଓଡ଼ିଆ ରୁଣ୍ଡ ହୋଇ ସନାତନ ଧର୍ମର ମୂଳମନ୍ତ୍ର 'ବସୁଧୈବ କୁଟୁମ୍ବକମ୍' କଥନକୁ ଚରିତାର୍ଥ କରିଥାନ୍ତି।

ଉତ୍କଳ ଆସୋସିଏସନ ଭିତରକୁ ପ୍ରବେଶ କଲେ ଆପଣଙ୍କୁ ଲାଗିବ ଆପଣ ଯେମିତି କୌଣସି ବକୁଳ ବନର ପରିବେଷ୍ଟନି ଭିତରେ ହଜି ଯାଇଛନ୍ତି। ବଉଳ ଫୁଲର ଭୁରୁଭୁରୁ ଗନ୍ଧରେ ଯେମିତି ମନମୁନ ଚୈତନ୍ୟ ପୁଲକିତ ହୋଇଉଠୁଛି। ପାର୍ବଣର ମହକରେ ଏଠାକାର ଓଡ଼ିଆ ବାପୁଡ଼ା




ଦୁର୍ଗାଙ୍କୁ ଆରାଧନା କରିବାକୁ ଏଠାକାର ମଣ୍ଡପରେ ଶୋଭାଯାତ୍ରା ମା'ଙ୍କୁ ଆଶିଷ ମାଗିବାକୁ ସହରର କୋଣ ଅନୁକୋଣରୁ ଆକର୍ଷିତ ହୋଇ ଆସନ୍ତି। ଏଠାକାର ଅଷ୍ଟମି ଭୋଗ ହାଣ୍ଡି ଓ ନବମୀର ପ୍ରସାଦ ସେବନର ଆନନ୍ଦ ଯିଏ ପାଇଛି ସିଏ ଚିରକାଳ ତାର ସ୍ମୃତି ପଟଳରେ ଅହରହ ସାଇତି ରଖିଥିବ। ଦୀପାବଳି, ଗଣେଶପୂଜା, ପଣା ସଂକ୍ରାନ୍ତି, ରଜ ଆଦି ପର୍ବପର୍ବାଣୀ ଏଠାରେ ମହା ସମାରୋହର ସହିତ ପାଳନ କରାଯାଇଥାଏ। ଉତ୍କଳ ଆସୋସିଏସନର ମହିଳା ସମିତି ଦ୍ୱାରା ଆୟୋଜିତ ମୀନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରି ଚିତ୍ତାକର୍ଷକ ହୁଏ ବୋଲି ସୁବାସ ଦାସ, ବାସୁଦେବଙ୍କ ପରି କଳାକାର ସେମାନଙ୍କ ଗୀତ ମୂର୍ଚ୍ଛନାରେ ଏଠାକାର ଓଡ଼ିଆ ମାନଙ୍କୁ କୃତକୃତ୍ୟ କରିଦେଇଛନ୍ତି। ମାଘ ମାସର ଅଗ୍ନି ଉତ୍ସବ ବା ଅହ୍ୟରା ପୁନେଇଁକି ଚମତ୍କାର, ଯିଏ ନ ଦେଖିଚି ସିଏ ଅନୁଭବ କରିପାରିବ ନାହିଁ। ଏଠାକାର ଲାଇବ୍ରେରୀରେ ରହିଛି ଅନେକ ଉପାଦେୟ ପୁସ୍ତକ। ଏଠାରେ ସାରଳା ଦାସଙ୍କ ଠୁ ସୀତାକାନ୍ତ, ସଚ୍ଚି ରାଉତରାୟଙ୍କ ଠାରୁ ସତ୍ୟପ୍ରିୟ ମହାଳିକଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ପାଠକଙ୍କ ପାଇଁ ପାଠ୍ୟ ପୁସ୍ତକ ଭରପୁର ସମ୍ଭାର ମହଜୁତ ହୋଇ ରହିଛି।

ଲୋକ ସେବକ ମଣ୍ଡଳର ଅନ୍ୟତମ ବିନ୍ଧାଣୀ ତଥା 'ସମାଜ'ର ପୂର୍ବତନ ସମ୍ପାଦକ, ତଥା ପୂର୍ବତନ ମନ୍ତ୍ରୀ ରାଧାନାଥ ରଥଙ୍କ ଉପସ୍ଥିତିରେ ଏଠାକାର ଓଡ଼ିଆମାନେ ଧନ୍ୟ ହୋଇଛନ୍ତି। ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ମତଲୁବ ଅଲ୍ଲୀ, ଜୟଦେବ ଜେନା, ପ୍ରଫୁଲ୍ଲ ଘଡ଼େଇ, ଦାମୋଦର ରାଉତ, ପ୍ରଦୀପ ଅମାତ, ପଦ୍ମନାଭ ବେହେରା, ମନମୋହନ ସାମଲ, ବୈଷ୍ଣବ ପରିଡ଼ା ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜନେତା ମାନଙ୍କ ଗାରିମାମୟ ଉପସ୍ଥିତିରେ ଉତ୍କଳ ଆସୋସିଏସନ ଧନ୍ୟ ହୋଇଛି। ବର୍ତ୍ତମାନ ଉତ୍କଳ ଆସୋସିଏସନରେ ଉନ୍ନତି ଧରଣର ଶିକ୍ଷା ଗ୍ରହଣ ପାଇଁ ବିଦ୍ୟାଳୟ। ଗୀତ, ନାଚ, ବାଦ୍ୟଯନ୍ତ୍ର ଶିକ୍ଷା ପାଇଁ ବିଭିନ୍ନ ଧାରାର ଗୁରୁଙ୍କ ପରାମର୍ଶରେ ଗୀତ, ସଙ୍ଗୀତ ଶିକ୍ଷାଦାନ, ଉନ୍ନତ ମାନର ପ୍ରେକ୍ଷାଳୟ ନିର୍ମାଣର ପଦକ୍ଷେପ ନିଆଯାଇଛି। ମନୋରଞ୍ଜନ ଦାଶ, ସୁଭେନ୍ଦ୍ର କୁମାର ବେହେରା, ତରୁଣ କୁମାର ମହାନ୍ତି, ଅଶୋକ କୁମାର ମହାପାତ୍ର, ଅବନିଶ ମିଶ୍ର, ମନୋଜ ଦାଶ, ରବୀନ୍ଦ୍ର ନାଥ ଶତପଥୀ, ମନୋରଞ୍ଜନ ଗୌଡ଼, ବାଦଲ ଭୂୟାଁ, ଯଜାତି ପଶାୟତ, ବଦ୍ରି ସ୍ୱାଇଁ, ଦୀପକ ନାୟକ, ପବିତ୍ର ଜେନା, ସୌମେନ୍ଦ୍ର ଭୂୟାଁ, ନିରଞ୍ଜନ ନାୟକ, କିଶୋର ମହାନ୍ତି, କିଶୋର ନାୟକ, ମନୋରଞ୍ଜନ ପଶାୟତ, ସଞ୍ଜୟ ପାତ୍ର, ବିଜୟଲକ୍ଷ୍ମୀ ଦାସ, ପ୍ରତିଭା ମହାନ୍ତି, ସସ୍ମିତା ପାତ୍ର, ବିଧୁଭୂଷଣ ଭୂୟାଁ, ସୁଧୀର ସାହୁ, ବାଳକୃଷ୍ଣ ବେହେରା, ପ୍ରଶାନ୍ତ ମହାନ୍ତି, ସୁରେନ୍ଦ୍ର ବିଶ୍ୱାଳ, ଜୟପ୍ରକାଶ ମହାନ୍ତି, ସୁବାସ ମହାନ୍ତି, ବିଭୁତି ନାୟକ, ଜ୍ଞାନ ମହାନ୍ତି, ଦୀଲିପ ସାହୁ, ପଞ୍ଚାନନ ଦାସ, ସମୀର ମହାନ୍ତି, ଡାକ୍ତର ଦୀନେଶ କୁମାର ଷଡ଼ଙ୍ଗୀ, ସୁରେନ୍ଦ୍ର ନାଥ ମହାନ୍ତି, ପ୍ରଭାତ ଦାସ, ରବୀନ୍ଦ୍ର ମିଶ୍ର, ପ୍ରଦୀପ ଜେନା, ବିଭୂତି ମହାନ୍ତି, ବିଭୂତି ମିଶ୍ର ଓ ସରୋଜ ଦାଶଙ୍କ ପରି ନିଷ୍ଠାବା ଓଡ଼ିଆ ମାନଙ୍କର ଅକ୍ଲାନ୍ତ ପରିଶ୍ରମରେ ଉତ୍କଳ ଆସୋସିଏସନ ଅଗ୍ରଗତି କରିବ ବୋଲି ଏଠାକାର ଓଡ଼ିଆ ମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଓଡ଼ିଶାଠୁ ଦୂରରେ ଥିବା ଏହି ଅନୁଷ୍ଠାନକୁ ଓଡ଼ିଶା ସରକାର ଓ ଝାଡ଼ଖଣ୍ଡ ସରକାର ସହଯୋଗର ହାତ ବଢ଼ାଇଲେ ଏ ଅନୁଷ୍ଠାନର ଅଗ୍ରଗତି ଅବଶ୍ୟାମ୍ଭମୀ।

ଏ ବର୍ଷ ଉତ୍କଳ ଆସୋସିଏସନ ପ୍ରତିଷ୍ଠା ଦିବସର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ପ୍ରଫେସର ହରେକୃଷ୍ଣ ଶତପଥୀ। ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଏଲ.ଆଇ.ସି. ଜାମସେଦପୁର ଅନନ୍ତ ଭୂଷଣ ରଥ ଯୋଗ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ଏ ବର୍ଷ ଡାକ୍ତର ଦେବୁ ମିଶ୍ର, ନମିତା ନାୟକ, ରବୀନ୍ଦ୍ର ବେହେରା, ପରିତୋଷ ଗିରି, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଜିତ କୁମାର ରାଉତଙ୍କୁ ଉତ୍କଳ ଆସୋସିଏସନ ତରଫରୁ ସମ୍ମାନୀତ କରାଯିବାର ସ୍ଥିର କରାଯାଇଛି। ଏହି ପ୍ରବାସୀ ମିଳନ ମଞ୍ଚ ଭାଇଚାରାର ସେତୁ ପ୍ରତିଷ୍ଠା କରିବା ସହ ମହାନ ଉତ୍କଳୀୟ ଗରିମାକୁ ଉଦଜ୍ଜୀବିତ ଓ ପ୍ରଲୋଭିତ କରେ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,**
**ମୋବାଇଲ୍: ୭୪୮୮୯୯୮୫୩୨**

● କଂଗ୍ରେସର କଟାକ୍ଷ

## ବିଜେପି କରୁଛି 'ୟୁଜ ଆଣ୍ଡ ଥ୍ରୋ' ରାଜନୀତି

**ଭୋପାଳ,୨୨।୧୧:** ଇସ୍ତଫା ଦେବାର ପ୍ରାୟ ଚାରି ମାସ ପରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନକର ଭୋପାଳରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଧନକର ଖୋଲାଖୋଲି ଭାବରେ ଆରଏସଏସର ବିଚାରଧାରା ଏବଂ ଦେଶକୁ ମଜବୁତ କରିବା ପାଇଁ ସଂଘର ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ। ତଥାପି, କାର୍ଯ୍ୟକ୍ରମରେ ତାଙ୍କୁ ସ୍ୱାଗତ ନକରାଯିବା ଉପରେ ଏବେ ଆଲୋଚନା ହେଉଛି। ଭୋପାଳ ବିମାନବନ୍ଦରରେ ତାଙ୍କ ସ୍ୱାଗତ ପାଇଁ କୌଣସି ବରିଷ୍ଠ ବିଜେପି ନେତା ଉପସ୍ଥିତ ନଥିଲେ। ଏହା ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଛି। ଏହାକୁ ନେଇ କଂଗ୍ରେସ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି 'ୟୁଜ୍ ଆଣ୍ଡ୍ ଥ୍ରୋ' ରାଜନୀତି କରୁଛି ବୋଲି କଂଗ୍ରେସ କଟାକ୍ଷ କରିଛି। ଏହି ଘଟଣା ନେଇ ବରିଷ୍ଠ କଂଗ୍ରେସ ନେତା ଏବଂ ରାଜ୍ୟସଭା ସଦସ୍ୟ ଦିଗବିଜୟ ସିଂହ ସିଧାସଳଖ ବିଜେପି ଉପରେ ଆକ୍ରମଣ କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ କୌଣସି ବିଜେପି ନେତା ବିମାନବନ୍ଦରରେ ପହଞ୍ଚି ନଥିଲେ। ଏହା ବିଜେପିର 'ୟୁଜ୍ ଆଣ୍ଡ୍ ଥ୍ରୋ' ରାଜନୀତିକୁ ଦର୍ଶାଉଛି। ବିଜେପିକୁ ସମାଲୋଚନା କରି ଦିଗବିଜୟ ସିଂହ କହିଛନ୍ତି, କଥା ହେଉଛି, ସେମାନଙ୍କ ପାଇଁ କେବଳ ଯେଉଁମାନେ ଉପଯୋଗୀ ସେମାନେ ଗୁରୁତ୍ୱପୂର୍ଣ୍ଣ। ବ୍ୟବହାର କର ଏବଂ ଫୋପାଡ଼, ଏହା ହେଉଛି ବିଜେପିର ରାଜନୀତି। ବିଜେପି କେବଳ ସେମାନଙ୍କୁ ମୂଲ୍ୟ ଦିଏ ଯେଉଁମାନେ ବିଜେପିକୁ ରାଜନୈତିକ ସ୍ୱାର୍ଥ ହାସଲ କରିବାରେ ସାହାଯ୍ୟ କରିଥାନ୍ତି। ପୂର୍ବତନ ଉପରାଷ୍ଟ୍ରପତି ଏକ ସାମ୍ବିଧାନିକ ପଦବୀରେ ରହିଥିଲେ ଏବଂ ତାଙ୍କର ସାର୍ବଜନୀନ ଉପସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା।

'ଅପରେସନ ସିନ୍ଦୂର'ରେ ଚୀନ କାରସାଦି ନେଇ ଆମେରିକାର ଖୁଲାସା

# ଭାରତ-ପାକ୍ ସଂଘର୍ଷକୁ କରିଥିଲା ଅସ୍ତ୍ରଶସ୍ତ୍ରର ଟେଷ୍ଟିଂ ଗ୍ରାଉଣ୍ଡ

ୱାଶିଂଟନ, ୨୨।୧୧: ଭାରତ-ପାକ୍ ସଂଘର୍ଷକୁ ଅସ୍ତ୍ରଶସ୍ତ୍ରର ଟେଷ୍ଟିଂ ଗ୍ରାଉଣ୍ଡ କରିଥିଲା ଡ୍ରାଗନ। ଅପରେସନ ସିନ୍ଦୂରକୁ ନେଇ ଆମେରିକା ଏଭଳି କହିଛି। ଆମେରିକା କଂଗ୍ରେସର ସଦ୍ୟତମ ରିପୋର୍ଟରେ ଦାବି କରାଯାଇଛି ଯେ, ୨୦୨୫ ମେ ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଛୋଟ ସଂଘର୍ଷକୁ ବ୍ୟବହାର କରି ନୂତନ ସାମରିକ ଅସ୍ତ୍ରଶସ୍ତ୍ର ପରୀକ୍ଷା କରିଥିଲା ଚୀନ। ସିଧାସଳଖ ଏହି ସଂଘର୍ଷରେ ସାମିଲ ନହୋଇ ବି ଚୀନ୍ ଏହାର ଅସ୍ତ୍ରଶସ୍ତ୍ର କ୍ଷମତା ପ୍ରଦର୍ଶନ କରିବାର ଫାଇଦା ଉଠାଇଥିଲା।

ଏହି ରିପୋର୍ଟ ଆମେରିକା କଂଗ୍ରେସର ଏକ କମିଟି ତଥା ଆମେରିକା-ଚୀନ୍ ଅର୍ଥନୈତିକ ଏବଂ ସୁରକ୍ଷା ସମୀକ୍ଷା କମିଶନଙ୍କ ଦ୍ୱାରା ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାରିଦିନିଆ ସଂଘର୍ଷକୁ ଏକ ପରୀକ୍ଷଣ କ୍ଷେତ୍ର ଭାବରେ ବ୍ୟବହାର କରିଥିଲା ଚୀନ୍। ଏହାର ଅସ୍ତ୍ରଶସ୍ତ୍ର ବିଷୟରେ ତଥ୍ୟ ପ୍ରଦାନ କରିଥିଲା, ଯାହା ଏହାକୁ ବିଶ୍ୱକୁ ବିକ୍ରୟ ପାଇଁ ପ୍ରୋତ୍ସାହିତ କରିଥିଲା। ରିପୋର୍ଟରେ କୁହାଯାଇଛି ଯେ, ବେଜିଂ



ଏହାର ଅସ୍ତ୍ରଶସ୍ତ୍ରର ଶକ୍ତି ଏବଂ ପ୍ରଚାର କରିବା ପାଇଁ ଏହି ସଂଘର୍ଷର ସୁଯୋଗ ନେଇଥିଲା। ରିପୋର୍ଟ ଅନୁଯାୟୀ, ଏହା ପ୍ରଥମ ଥର ପାଇଁ ଚୀନର ଆଧୁନିକ ଅସ୍ତ୍ରଶସ୍ତ୍ର- ଯେପରିକି ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ, ପିଏଲ୍-୧୫ ମିଶାଇଲ ଏବଂ ଜେ-୧୦ ଲଢୁଆ ଜେଟ ଯୁଦ୍ଧରେ ବ୍ୟବହାର କରାଯାଇଥିଲା। ନିଜେ ଯୁଦ୍ଧରେ ସାମିଲ ନହୋଇ ବି ପରୋକ୍ଷରେ ଅସ୍ତ୍ରଶସ୍ତ୍ର ପରୀକ୍ଷା କରିବାର ସୁଯୋଗ ଦେଇଥିଲା। ଜୁନ ୨୦୨୫ରେ ଚୀନ୍ ପାକିସ୍ତାନକୁ ୪୦ଟି ଜେ-୩୫ର ୫ମ ଜେନେରେସନ ଲଢୁଆ ବିମାନ, କେଜେ-୫୦୦ ବିମାନ ଏବଂ ଏକ ବାଲିଷ୍ଟିକ୍ ମିସାଇଲ ପ୍ରତିରକ୍ଷା ପ୍ରଣାଳୀ ବିକ୍ରୟ କରିବାକୁ ପ୍ରସ୍ତାବ ଦେଇଥିଲା। ଚୀନ୍ ଦ୍ୱାରା ପାକିସ୍ତାନକୁ ଯୋଗାଇ ଦିଆଯାଇଥିବା ଏଚ୍‌କ୍ୟୁ-୯ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଭାରତୀୟ ସେନା ମଧ୍ୟ ନଷ୍ଟ କରିଦେଇଥିଲା। ସଂଘର୍ଷ ପରେ, ଫରାସୀ ରାଫେଲ୍ ଯୁଦ୍ଧ ବିମାନକୁ ବଦନାମ କରିବା ପାଇଁ ଏକ ଭୁଲ ସୂଚନା ଅଭିଯାନ ଆରମ୍ଭ କରିଥିଲା ଚୀନ୍। ଚୀନ୍ ରାଫେଲ୍ ବିକ୍ରୟକୁ ବନ୍ଦ କରିବା ଏବଂ ନିଜସ୍ୱ ଜେ-୩୫ ଜେଟର ବିକ୍ରୟକୁ ବୃଦ୍ଧି କରିବା ପାଇଁ ନକଲି ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର କରିଥିଲା। ରାଫେଲ ଜେଟ୍ ନଷ୍ଟ କରିଥିବାର ଏଆଇ ଏବଂ ଭିଡିଓ ଗେମ୍ ଚିତ୍ର ବ୍ୟବହାର କରିଥିଲା ଡ୍ରାଗନ।

ପାକିସ୍ତାନର ବଡ଼ ଷଡ଼ଯନ୍ତ୍ର ପଣ୍ଡ କଲା ଦିଲ୍ଲୀ କ୍ରାଇମ୍ ବ୍ରାଞ୍ଚ

# ପାକିସ୍ତାନରୁ ଡ୍ରୋନରେ ଆସୁଥିଲା ଅସ୍ତ୍ରଶସ୍ତ୍ର

ନୂଆଦିଲ୍ଲୀ,,୨୨।୧୧: ପୁଣି ଏକ ବଡ଼ ଷଡ଼ଯନ୍ତ୍ର କରୁଥିଲେ ଆତଙ୍କବାଦୀ। ପର୍ଦ୍ଦାଫାଶ କଲା କ୍ରାଇମ୍ ବ୍ରାଞ୍ଚ। ଦିଲ୍ଲୀର ଲାଲକିଲ୍ଲାରେ ଜୈସ୍-ଏ-ମହମ୍ମଦ ଦ୍ୱାରା କରାଯାଇଥିବା ବିସ୍ଫୋରଣର ମାତ୍ର ୧୦ଦିନ ପରେ, ରାଜଧାନୀରେ ଆଉ ଷଡ଼ଯନ୍ତ୍ର ସାମ୍ନାକୁ ଆସିଛି। ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ ପାକିସ୍ତାନ, ଚୀନ୍ ଏବଂ ତୁର୍କୀ ସହିତ ଲିଙ୍କ୍ ଥିବା ଏକ ଅନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଦଳକୁ ଠାବ କରିଛି। ପୁଲିସ ଦାବି କରିଛି ଯେ, ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଏହି ସମ୍ପୂର୍ଣ୍ଣ ନେଟୱାର୍କର ପରିଚାଳନାରେ ସିଧାସଳଖ ଜଡିତ ଥିଲା।

ସୂଚନା ମୁତାବକ, ଏପର୍ଯ୍ୟନ୍ତ, ଏହି ମାମଲାରେ ଗ୍ୟାଙ୍ଗର ୪ଜଣ ପ୍ରମୁଖ ସଦସ୍ୟଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମନଦୀପ, ଦଲୱିନ୍ଦର, ରୋହନ ଏବଂ ଅଜୟ। ଗିରଫ ଅଭିଯୁକ୍ତଙ୍କଠାରୁ ପୁଲିସ ୧୦ଟି ହାଇ-ଟେକ୍ ସେମି-



ଅଟୋମେଟିକ୍ ପିସ୍ତଲ ଏବଂ ୯୨ଟି ଜୀବନ୍ତ ଗୁଳି ଜବତ କରିଛି। ଏହି ପିସ୍ତଲଗୁଡ଼ିକ ହେଉଛି ତୁର୍କୀ-ନିର୍ମିତ ପିଏକ୍ସ - ୫.୭ ଏବଂ ଚୀନ୍-ନିର୍ମିତ ପିଏକ୍ସ-୩, ଯାହା ସାଧାରଣତଃ ସ୍ୱତନ୍ତ୍ର ବାହିନୀ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟବହୃତ ହୁଏ। ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ପ୍ରଥମେ ତୁର୍କୀ ଏବଂ ଚୀନରୁ ପାକିସ୍ତାନକୁ ପଠାଯାଉଥିଲା। ପରେ ଆଇଏସ୍ଆଇ ସହାୟତାରେ ସେଗୁଡ଼ିକୁ ଭାରତକୁ ଚୋରା ଚାଲାଣ କରାଯାଉଥିଲା। ଅସ୍ତ୍ରଶସ୍ତ୍ରଗୁଡ଼ିକୁ ପାକିସ୍ତାନରୁ ଡ୍ରୋନ୍ ମାଧ୍ୟମରେ ପ୍ରଥମେ ପଞ୍ଜାବକୁ ପଠାଯାଉଥିବା ବେଳେ ସେଠାରୁ ଦିଲ୍ଲୀ ଏବଂ ଆଖପାଖ ରାଜ୍ୟଗୁଡ଼ିକରେ ଥିବା ଅପରାଧୀ ଓ ଗ୍ୟାଙ୍ଗଷ୍ଟରମାନଙ୍କୁ ପଠାଯାଉଥିଲା। ପୁଲିସ କହିଛି ଯେ, ଭାରତରେ ରକ୍ତପାତ ଏବଂ ଭୟର ବାତାବରଣ ସୃଷ୍ଟି କରିବା ଏହି ଗ୍ୟାଙ୍ଗର ଲକ୍ଷ୍ୟ ଥିଲା। ଏହି ଗ୍ୟାଙ୍ଗ ଏପର୍ଯ୍ୟନ୍ତ ଭାରତରେ କେତେ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି ଏବଂ କେଉଁ ଗ୍ୟାଙ୍ଗ କିମ୍ବା ଅପରାଧୀଙ୍କ ପାଖରେ ଅସ୍ତ୍ରଶସ୍ତ୍ର ପହଞ୍ଚିଛି, ତାହାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଏଥିପାଇଁ ପୁଲିସ ମୋବାଇଲ୍ ଫୋନ୍ ଡାଟା, ବ୍ୟାଙ୍କ କାରବାର, ସୋସିଆଲ ମିଡିଆ କାର୍ଯ୍ୟକଳାପ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଫରେନସିକ୍ ଉପକରଣ ବ୍ୟବହାର କରୁଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ଅନେକ ସ୍ଥାନୀୟ ଅପରାଧୀ ଏବଂ ଗ୍ୟାଙ୍ଗ ଅସ୍ତ୍ରଶସ୍ତ୍ର ଯୋଗାଣରେ ସାମିଲ ଥିଲେ।

## ୨୪ରେ ସିଜେଆଇ ଭାବେ ଶପଥ ନେବେ ଜଷ୍ଟିସ ସୂର୍ଯ୍ୟକାନ୍ତ



ନୂଆଦିଲ୍ଲୀ,୨୨।୧୧: ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ନୂଆ ସିଜେଆଇ ଭାବରେ ସୋମବାର ଶପଥ ନେବେ। ଭାରତର ୫୩ ତମ ଚିଫ୍ ଜଷ୍ଟିସ ଅଫ ଇଣ୍ଡିଆ (ସିଜେଆଇ) ଭାବରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନିଜର କାର୍ଯ୍ୟକାଳ ଆରମ୍ଭ କରିବେ। ଏହା ପୂର୍ବରୁ ସିଜେଆଇ ବିଆର ଗବାଇଙ୍କ କାର୍ଯ୍ୟକାଳ ରବିବାର ଶେଷ ହେଉଛି। କିନ୍ତୁ ଏଥର ରାଷ୍ଟ୍ରପତି ଭବନରେ ହେବାକୁ ଥିବା ସିଜେଆଇଙ୍କ ଶପଥ ଗ୍ରହଣ ସମାରୋହ ଭିନ୍ନ ହେବ। ଏଥିରେ ୬ଟି ଦେଶର

### ସାମିଲ ହେବେ ୬ଟି ଦେଶର ଚିଫ୍ ଜଷ୍ଟିସ୍ ଏବଂ ଜଜ୍

ପ୍ରଧାନ ବିଚାରପତି, ଜଜ୍ ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ହେବେ। ନୂଆ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନେପାଳ, ଭୁଟାନ, କେନିଆ, ମାଲେସିଆ, ମରିସସ୍, ଶ୍ରୀଲଙ୍କାର ପ୍ରଧାନ ବିଚାରପତି, ଜଜ୍ ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ହେବେ।

ଜଷ୍ଟିସ ସୂର୍ଯ୍ୟକାନ୍ତ ୧୦ ଫେବୃଆରୀ , ୧୯୬୨ରେ ହରିୟାଣାର ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ୨୪ ମେ ୨୦୧୯ ରେ ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ ୧୯୮୧ ରେ ହିସାରର ସରକାରୀ ପୋଷ୍ଟ ଗ୍ରାଜୁଏଟ୍ କଲେଜରୁ ସ୍ନାତକ କରିଥିଲେ। ୧୯୮୪ ରେ ସେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ହିସାର ଜିଲ୍ଲା କୋର୍ଟରେ ଆଇନ ଅଭ୍ୟାସ ଆରମ୍ଭ କରିଥିଲେ।

## ମୁମ୍ବାଇ ଧାରାଭିରେ ଭୟଙ୍କର ଅଗ୍ନିକାଣ୍ଡ



**ହାର୍ବର ଲାଇନ ଲୋକାଲ ଟ୍ରେନ୍ ସେବା ପ୍ରଭାବିତ**

ମୁମ୍ବାଇ,୨୨।୧୧ : ଶନିବାର ଅପରାହ୍ନରେ ମୁମ୍ବାଇର ଧାରାଭି ଅଞ୍ଚଳରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଯାହା ବ୍ୟାପକ ଆତଙ୍କ ସୃଷ୍ଟି କରିଛି। ରେଳ କ୍ରସିଂ ଏବଂ ନୁର ରେଷ୍ଟୁରାଣ୍ଟ ନିକଟରେ ଥିବା ପ୍ଲଟ୍ ନମ୍ବର ୧ର ନଭରଙ୍ଗ କମ୍ପାଉଣ୍ଡରେ ଥିବା ଏକ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ଅନେକ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ଅଗ୍ନିକାଣ୍ଡଟି ଭୂମି ପ୍ଲସ ୱାନ ସଂରଚିତ ବସ୍ତି-ଗୋଦାମରେ ହୋଇଥିଲା। ଏହି ସମୟରେ, ନିଆଁ ନିକଟସ୍ଥ ମାହିମ ଷ୍ଟେସନ ଅଞ୍ଚଳକୁ ବ୍ୟାପିଯାଇଥିଲା, ଯେଉଁଠାରେ ଅନେକ କୁଡ଼ିଆ ନିଆଁରେ ପୋଡ଼ି ଯାଇଥିଲା। ନିଆଁ ଲିଭାଇବା ପାଇଁ ଅନେକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ସାତୋଟି ଦମକଳ ଗାଡ଼ି ଏବଂ ସାତୋଟି ପାଣି ଜେଟି ପୂର୍ଣ୍ଣ କ୍ଷମତା ସହିତ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ହାରବର ଲାଇନରେ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ପ୍ରଭାବିତ ହୋଇଛି।

## 'ହିନ୍ଦୁ ବିନା ବିଶ୍ୱର ଅସ୍ତିତ୍ୱ ନାହିଁ'



ଇମ୍ଫାଲ,୨୨।୧୧: ହିନ୍ଦୁ ନରହିଲେ ବିଶ୍ୱର ଅସ୍ତିତ୍ୱ ରହିବ ନାହିଁ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ଏବେ ୩ଦିନିଆ ମଣିପୁର ଗସ୍ତରେ ଥିବା ବେଳେ ଏଭଳି କହିଛନ୍ତି। ଇମ୍ଫାଲରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ସଭ୍ୟତା, ସମାଜ ଏବଂ ରାଷ୍ଟ୍ରର ଶକ୍ତି ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଆମେ ଏକ ମୌଳିକ ସାମାଜିକ ନେଟୱାର୍କ ସୃଷ୍ଟି କରିଛୁ, ଯାହା ଯୋଗୁଁ ହିନ୍ଦୁ ସମାଜ ବଞ୍ଚି ରହିବ। ଯଦି ହିନ୍ଦୁ ବଞ୍ଚିବେ ନାହିଁ, ତେବେ ବିଶ୍ୱ ବଞ୍ଚିବ ନାହିଁ। ବିଶ୍ୱର ଅସ୍ତିତ୍ୱ ରହିବ ନାହିଁ। ଭାଗବତ ଆହୁରି କହିଥିଲେ ଯେ, ସମସ୍ତଙ୍କୁ ପରିସ୍ଥିତି ବିଷୟରେ ବିଚାର କରିବାକୁ ପଡେ। ପରିସ୍ଥିତି ଆସେ ଏବଂ ଯାଏ। ବିଶ୍ୱର ବିଭିନ୍ନ ଦେଶ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। କିଛି ଦେଶ ଶେଷ ମଧ୍ୟ ହୋଇଯାଇଛି। କିନ୍ତୁ ଭାରତର ଅସ୍ତିତ୍ୱ ଏବେ ବି ଅକ୍ଷୁର୍ଣ୍ଣ ରହିଛି। ଭାରତ ହେଉଛି ଏକ ଅମର ସମାଜର ଏବଂ ଅମର ସଭ୍ୟତାର ନାମ। ଅନେକ ଆସିଲେ, ଚମକିଲେ ଏବଂ ଚାଲିଗଲେ। ଆମେ ସମସ୍ତଙ୍କର ଉତ୍ଥାନ ଏବଂ ପତନ ଦେଖିଛୁ। ଏତେ ବର୍ଷ ପରେ ବି ଆମର ଅସ୍ତିତ୍ୱ ଦିନକୁ ଦିନ ସୁଦୃଢ଼ ହେବାରେ ଲାଗିଛି। ଆମର ଏବେ ବି ଅସ୍ତିତ୍ୱ ଅଛି ଏବଂ ଆଗକୁ ରହିବ କାରଣ ଆମେ ଆମ ସମାଜ ପାଇଁ ଏକ ମୌଳିକ ନେଟୱାର୍କ ନିର୍ମାଣ କରିଛୁ। ସେଥିପାଇଁ, ହିନ୍ଦୁ ସମାଜ ବଞ୍ଚି ରହିବ। ହିନ୍ଦୁ ବିନା, ବିଶ୍ୱର ଅସ୍ତିତ୍ୱ ରହିବ ନାହିଁ। କାରଣ ହିନ୍ଦୁ ସମାଜ ହିଁ ସମୟ ସମୟରେ ବିଶ୍ୱକୁ ଧର୍ମର ପ୍ରକୃତ ଅର୍ଥ ଏବଂ ମାର୍ଗଦର୍ଶନ ପ୍ରଦାନ କରେ। ଏହା ଆମର ଈଶ୍ୱର-ପ୍ରଦତ୍ତ କର୍ତ୍ତବ୍ୟ।

ନାଇଜେରିଆ କ୍ୟାଥୋଲିକ ସ୍କୁଲରେ ଅଘଟଣ

# ୨୨୭ ଛାତ୍ର ଓ ଶିକ୍ଷକଙ୍କୁ ବନ୍ଧୁକ ମୁନରେ ଅପହରଣ

ଅବୁଜା, ୨୨।୧୧: ନାଇଜେରିଆର ନାଇଜର ରାଜ୍ୟର ପାପିରିରେ ଥିବା ସେଣ୍ଟ ମେରି କ୍ୟାଥୋଲିକ ବୋର୍ଡିଂ ସ୍କୁଲରେ ପଶି ଛାତ୍ର ଏବଂ ଶିକ୍ଷକଙ୍କୁ ଅପହରଣ କରିନେଇଛନ୍ତି ଆତତାୟୀ। ୨୧୫ ଜଣ ଛାତ୍ର ଏବଂ ୧୨ ଜଣ ଶିକ୍ଷକଙ୍କୁ ଅପହରଣ କରିଛନ୍ତି ବନ୍ଧୁକଧାରୀ। ଭୋର ସମୟରେ ହୋଇଥିବା ଆକ୍ରମଣରେ ମାଧ୍ୟମିକ ଏବଂ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ଉଭୟକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣ ପରେ ସ୍ଥାନୀୟ ସୁରକ୍ଷା ବାହିନୀ ମୁତୟନ ହୋଇଛନ୍ତି। ସ୍ଥାନୀୟ ଲୋକ ସ୍ପଷ୍ଟ



କରିଛନ୍ତି ଯେ, ଗୁଇନ୍ଦା ସତର୍କତା ସତ୍ତ୍ୱେ ଘଟଣାସ୍ଥଳରେ କୌଣସି ସରକାରୀ ପୋଲିସ ଉପସ୍ଥିତ ନଥିଲେ। ସୁରକ୍ଷା ଅନୁମତି ବିନା ସ୍କୁଲକୁ ପୁଣି ଖୋଲିବା ପାଇଁ ନାଇଜର ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଯେତେବେଳେ କ୍ୟାଥୋଲିକ୍ ଡାୟୋସିସ୍ ରିପୋର୍ଟ କରିଛି ଯେ, ଜଣେ ସୁରକ୍ଷା କର୍ମୀ ଗୁରୁତର ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, କିଛି ପିଲା ଖସି ପଳାଇ ଯାଇଥିଲେ କିନ୍ତୁ ଅନେକ ୭ ବର୍ଷ ବୟସର ଛୋଟ ପିଲାଙ୍କୁ ନିକଟସ୍ଥ ବୁଦା ଭିତରକୁ ନିଆଯାଇଥିଲା।

ଏହି ଘଟଣା ଉତ୍ତର ନାଇଜେରିଆରେ ବଢୁଥିବା ଅପହରଣକୁ ଦର୍ଶାଉଛି। ସପ୍ତାହ ଆରମ୍ଭରେ ବନ୍ଧୁକଧାରୀମାନେ ପଡ଼ୋଶୀ କେବି ରାଜ୍ୟରେ ୨୫ ଜଣ ସ୍କୁଲ ଛାତ୍ରୀଙ୍କୁ ଅପହରଣ କରିଥିଲେ। କ୍ୱାରା ରାଜ୍ୟର ଏକ ଚର୍ଚ୍ଚ ଉପରେ ଆକ୍ରମଣରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା। ୩୮ ଜଣ ପୂଜାରୀଙ୍କୁ ଅପହରଣ କରାଯାଇଥିଲା। ପ୍ରତି ପୀଡିତଙ୍କ ପାଇଁ ୧୦୦ ନିୟୁତ ନାଇରା ମୁକ୍ତ ଦାବି କରାଯାଇଥିଲା। କର୍ତ୍ତୃପକ୍ଷ କହିଛନ୍ତି ଯେ, ଚାଷୀମାନଙ୍କ ସହିତ ଦୀର୍ଘକାଳୀନ ବିବାଦରେ ଜଡିତ ପୂର୍ବତନ ପଶୁପାଳକମାନଙ୍କ ଦ୍ୱାରା ଗଠିତ ଶୂନ୍ୟ ସଂଗଠିତ ସଶସ୍ତ୍ର ଦଳ, ମୁକ୍ତ ପାଇଁ ଅପହରଣ କରନ୍ତି। ବର୍ଦ୍ଧିତ ହିଂସାକୁ ଦୃଷ୍ଟିରେ ରଖି ନାଇଜେରିଆ ରାଷ୍ଟ୍ରପତି ବୋଲା ଟିନୁବୁ ଜି-୨୦ ଶିଖର ସମ୍ମିଳନୀ ଯାତ୍ରାକୁ ବାତିଲ କରିଛନ୍ତି। ଉପରାଷ୍ଟ୍ରପତି କାଶିମ ସେଟିମା ପୀଡିତମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଘଟଣା ଲାଗି କୌଣସି ଗୋଷ୍ଠୀ ଦାବି କରିନାହାଁନ୍ତି।

## ଅଜିତ ପାୱାରାଙ୍କ କାରକେଡର ଗାଡ଼ି ଦୁର୍ଘଟଣାର ଶିକାର, ୪ ଆହତ

**ଧାରୁର ୨୨।୧୧:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ କାରକେଡରେ ସାମିଲ ଏକ ବାହନ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୪ ଜଣ ପଥଚାରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଧାରୁର ଗ୍ରାମୀଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଜଣକର ଅବସ୍ଥା ଉଦବେଗଜନକ ରହିଛି। ଏହି ଦୁର୍ଘଟଣା ବିଡ ଜିଲ୍ଲା ତେଲଗାଓଁ-ଧାରୁର ମାର୍ଗର ଦନୁକାଭାଡ ଫାଟା ଅଞ୍ଚଳରେ ହୋଇଛି। ସୂଚନା ଅନୁସାରେ କାରକେଡରେ ସାମିଲ ଏକ ଗାଡ଼ି ରାସ୍ତାରେ ଯାଉଥିବା ଏକ ମୋଟର ସାଇକେଲକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ମୋଟରସାଇକେଲରେ ଯାତ୍ରା କରୁଥିବା ବିଷ୍ଣୁ ଦାମୋଦର ସୁଦେ, ତାଙ୍କ ପତ୍ନୀ କୁସୁମ ସୁଦେ ଓ ତାଙ୍କ ୨ ଝିଅ ରାସ୍ତାରେ ପଡି ଯାଇଥିଲେ। ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଯୋଗୁ ଘଟଣା ସ୍ଥଳରେ ଆତଙ୍କ ଖେଳି ଯାଇଥିଲା। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପରେ ସଡ଼କ ଭୀଷଣ ଜାମ ହୋଇଯାଇଥିଲା। ସୂଚନା ମିଳିବାମାତ୍ରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ସଡ଼କରେ ବାହନ ଚଳାଚଳ ସ୍ୱାଭାବିକ କରିଥିଲା। ପୋଲିସ ଉପମୁଖ୍ୟମନ୍ତ୍ରୀଙ୍କ କାରକେଡରେ ସାମିଲ ଦୁର୍ଘଟଣାଗ୍ରସ୍ତ ଗାଡିର ଡ୍ରାଇଭରଙ୍କ ବିରୋଧରେ ଏତଲା ରୁଜୁ କରିଛି। ଅନ୍ୟପଟେ ସ୍ଥାନୀୟ ଲୋକେ ଆହତ ପରିବାରଙ୍କ ପ୍ରତି ନ୍ୟାୟ ନିମନ୍ତେ ଦାବି କରିଛନ୍ତି।

ଅନ୍ତର୍ଜାତୀୟ ମଞ୍ଚରେ ସିନ୍ଧୁ ଜଳଚୁକ୍ତି କଥା ଉଠାଇଲା ପାକିସ୍ତାନ

# ପାଣିକୁ ରାଜନୈତିକ ହତିଆର କରାନଯାଉ

ନୂଆଦିଲ୍ଲୀ,୨୨।୧୧: ପାକିସ୍ତାନର ବିଦେଶ ମନ୍ତ୍ରୀ ଇଶାକ ଡାର୍ ପୁଣି ଥରେ ଅନ୍ତର୍ଜାତୀୟ ମଞ୍ଚରେ ସିନ୍ଧୁ ଜଳ ଚୁକ୍ତି କଥା ଉଠାଇଛନ୍ତି। ସେ ୟୁରୋପୀୟ ମଞ୍ଚରେ ଜୋର ଦେଇ କହିଛନ୍ତି ଯେ, ସିନ୍ଧୁ ଜଳ ସନ୍ଧି ସ୍ଥଗିତ ହେବା ଅଞ୍ଚଳର ସ୍ଥିରତା ପାଇଁ ପ୍ରକୃତ ବିପଦ ଅଟେ। ଇଶାକ ଡାର, ଇୟୁ ଭାରତ-ପ୍ରଶାନ୍ତ ମନ୍ତ୍ରିସ୍ତରୀୟ ବୈଠକରେ ଏହି କଥା କହିଛନ୍ତି। ଭାରତ ଚଳିତ ବର୍ଷ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳ ସନ୍ଧିକୁ ସ୍ଥଗିତ କରି ଦେଇଥିଲା। ଇଶାକ ଡାର କହିଛନ୍ତି, ପାଣିକୁ ସହଯୋଗର ଉତ୍ସ ଭାବେ ରଖାଯିବା ଦରକାର, ରାଜନୈତିକ ହତିଆର ନକରାଯିବା ଦରକାର। ମିଡିଆ ରିପୋର୍ଟ ଅନୁସାରେ ସେ ଭାରତ ସହ ତିକ୍ତତାକୁ ଶାନ୍ତକରିବା ଉଦ୍ୟମରେ ଇୟୁ ଉଚ୍ଚ ପ୍ରତିନିଧିଙ୍କ ସମେତ ଅନ୍ତର୍ଜାତୀୟ ସହଯୋଗୀଙ୍କ ପ୍ରଶଂସା



କରିଛନ୍ତି। ସିନ୍ଧୁ ଜଳ ସନ୍ଧି ବ୍ୟତୀତ ପାକିସ୍ତାନ ପୁଣି ଥରେ କାଶ୍ମୀରକୁ ନେଇ ବିଳାପ କରିଛି। ଭାରତ ସ୍ପଷ୍ଟ କରିଛି ଯେ, କାଶ୍ମୀର ମାମଲା ଭାରତ-ପାକିସ୍ତାନ ମଧ୍ୟର ଦ୍ୱିପାକ୍ଷିକ ପ୍ରସଙ୍ଗ ଓ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ଗ୍ରହଣ କରାଯିବ ନାହିଁ।

୧୯୬୦ ଚୁକ୍ତି ଅନୁସାରେ ଭାରତ ପଶ୍ଚିମ ନଦୀ ସିନ୍ଧୁ, ଝେଲମ ଓ ଚେନାବର ପାଣି ପାକିସ୍ତାନ ସହ ସେୟାର କରିବା ପାଇଁ ସହମତି ଦେଇଥିଲା। ଅନ୍ୟପଟେ ବ୍ୟାସ୍, ରବି ଓ ସତଲେଜ ସମେତ ପୂର୍ବ ନଦୀ ଉପରେ ଭାରତର ନିୟନ୍ତ୍ରଣ ରହିବ। ଏହି ସନ୍ଧି ଅନୁସାରେ ନୂଆଦିଲ୍ଲୀ ପାଣୀର ପ୍ରବାହକୁ ସମ୍ପୂର୍ଣ୍ଣ ରୂପେ ଅଟକାଇପାରିବ ନାହିଁ କିମ୍ବା ଦିଗ ବଦଳାଇ ପାରିବନାହିଁ। କିନ୍ତୁ ରିପୋର୍ଟରେ କୁହାଯାଇଛି ଯେ, ଡ୍ୟାମର ଅପରେସନରେ ସାମାନ୍ୟ ପରିବର୍ତ୍ତନ ବି ପାକିସ୍ତାନର ଚାଷୀଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ରିପୋର୍ଟରେ ଆହୁରି ଚେତାବନୀ ଦିଆଯାଇଛି ଯେ, ପାକିସ୍ତାନର ଜଳଭଣ୍ଡାର କ୍ଷମତା ନଦୀର ପ୍ରବାହ ହିସାବରେ କେବଳ ୩୦ ଦିନର ଯାଏ ହିଁ ସୀମିତ, ଯାହା ଫଳରେ ଏହା ଋତୁକାଳୀନ ଅଭାବର ସମ୍ମୁଖୀନ ହୁଏ। ମେ ମାସରେ ଭାରତ ଚେନାବ ନଦୀର ସଲାଲ ଏବଂ ବାଗଲିହାର ଡ୍ୟାମରେ ଜଳଭଣ୍ଡାରଗୁଡ଼ିକୁ ଫ୍ଲସ୍ କରିଥିଲା। ଏହା ଫଳରେ ପାକିସ୍ତାନର ଚେନାବ ନଦୀ କୂଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଶ୍ରମ ଆଇନରେ ବଡ଼ ପରିବର୍ତ୍ତନ

## ଏଣିକି ନାଇଟ୍ ଶିଫ୍ଟ କରିବେ ମହିଳା, ମିଳିବ ଦୁଇଗୁଣ ଦରମା



**ନୂଆଦିଲ୍ଲୀ,୨୨।୧୧:** ମୋଦି ସରକାର ଶ୍ରମ ଆଇନ ସଂସ୍କାରରେ ସବୁଠାରୁ ବଡ଼ ପଦକ୍ଷେପ ନେଇଛନ୍ତି। ୨୯ଟି ପୁରୁଣା ଶ୍ରମ ଆଇନକୁ ଉଚ୍ଛେଦ କରିଛନ୍ତି। ଦେଶବ୍ୟାପୀ ଚାରୋଟି ନୂତନ ଲେବର କୋଡ୍ ବା ଶ୍ରମ ସଂହିତା କାର୍ଯ୍ୟକାରୀ ହୋଇଛି। ସରକାର କହିଛନ୍ତି, ଏହି ପରିବର୍ତ୍ତନଗୁଡ଼ିକ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଏକ ଐତିହାସିକ ସଂସ୍କାର, ଦେଶର ନିଯୁକ୍ତି ବ୍ୟବସ୍ଥା ଏବଂ ଶିଳ୍ପ ବ୍ୟବସ୍ଥାକୁ ପୁନଃ ପରିଭାଷିତ କରୁଛି। ନୂତନ ନିୟମ ଦେଶର ୪୦ କୋଟିରୁ ଅଧିକ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବ। ଯାହା ପୂର୍ବରୁ କେବେ ସମ୍ଭବ ହୋଇ ନ ଥିଲା। ଦେଶରେ ଅନେକ ଶ୍ରମ ଆଇନ ୧୯୩୦ରୁ ୧୯୫୦ ମଧ୍ୟରେ ପ୍ରଣୟନ କରାଯାଇଥିଲା। ଏଥିରେ ଗିଗ କର୍ମଚାରୀ, ପ୍ଲାଟଫର୍ମ କର୍ମଚାରୀ ଏବଂ ପ୍ରବାସୀ ଶ୍ରମିକ ଭଳି ଆଧୁନିକ କାର୍ଯ୍ୟଶୈଳୀର ଉଲ୍ଲେଖ ମଧ୍ୟ ନ ଥିଲା। ନୂତନ ଶ୍ରମ ସଂହିତା ସମସ୍ତଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିବ। ଏବେ ପ୍ରତ୍ୟେକ କର୍ମଚାରୀଙ୍କୁ ଏକ ନିଯୁକ୍ତିପତ୍ର ପ୍ରଦାନ କରିବାକୁ ପଡ଼ିବ। ଦେଶବ୍ୟାପୀ ସର୍ବନିମ୍ନ ମଜୁରୀ ଲାଗୁ ହେବ ଏବଂ ସମୟାନୁସାରେ ମଜୁରୀ ପ୍ରଦାନ ଏକ ଆଇନଗତ ବାଧ୍ୟତାମୂଳକ ହେବ। ଏହା ନିଯୁକ୍ତି ଏବଂ କର୍ମଚାରୀ ସୁରକ୍ଷାରେ ସ୍ୱଚ୍ଛତା ବୃଦ୍ଧି କରିବ। ୪୦ ବର୍ଷରୁ ଅଧିକ ବୟସର କର୍ମଚାରୀମାନଙ୍କୁ ବର୍ଷକୁ ଥରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଖଣି, ରାସାୟନିକ ପଦାର୍ଥ ଏବଂ ନିର୍ମାଣ ଭଳି ବିପଦପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ପୂର୍ଣ୍ଣ ସ୍ୱାସ୍ଥ୍ୟ ସୁରକ୍ଷା ପାଇବେ। ପୂର୍ବରୁ ପାଞ୍ଚ ବର୍ଷ ସେବା ପରେ ଉପଲବ୍ଧ ଗ୍ରାଚ୍ୟୁଇଟି, ବର୍ତ୍ତମାନ କେବଳ ଗୋଟିଏ ବର୍ଷ ସ୍ଥାୟୀ ନିଯୁକ୍ତି ପରେ ଉପଲବ୍ଧ ହେବ। ଏହା ଘରୋଇ କ୍ଷେତ୍ରର କର୍ମଚାରୀମାନଙ୍କ ପାଇଁ ଏକ ପ୍ରମୁଖ ସୁବିଧା। ମହିଳାମାନେ ଏବେ ସମ୍ମତି ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ନାଇଟ୍ ଶିଫ୍ଟରେ କାମ କରିପାରିବେ। ନୂତନ କୋଡ୍ ସମାନ ଦରମା ଏବଂ ଏକ ସୁରକ୍ଷିତ କର୍ମକ୍ଷେତ୍ରର ମଧ୍ୟ ଗ୍ୟାରେଣ୍ଟି ଦିଏ। ଟ୍ରାନ୍ସଜେଣ୍ଡର କର୍ମଚାରୀମାନେ ମଧ୍ୟ ସମାନ ଅଧିକାର ପାଇଛନ୍ତି। କର୍ମଚାରୀମାନେ ଏବେ ଡବଲ ଓଭରଟାଇମ ଦରମା ପାଇବେ। ଏହା ଓଭରଟାଇମ ଦେୟରେ ସ୍ୱଚ୍ଛତା ସୁନିଶ୍ଚିତ କରିବ।

ୟୁକ୍ରେନ ଶାନ୍ତି ଯୋଜନା ଅଲଟିମେଟମର ଜବାବ

# ଦେଶବାସୀଙ୍କ ସହ ବିଶ୍ୱାସଘାତକତା କରିବିନି: ଜେଲେନସ୍କି

କିଭ୍/ୱାଶିଂଟନ,୨୨।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୟୁକ୍ରେନକୁ ଏକ ଶାନ୍ତି ଯୋଜନା ଗ୍ରହଣ କରିବା ପାଇଁ ପାଞ୍ଚ ଦିନର ଅଲଟିମେଟମ୍ ଦେଇଛନ୍ତି। ସେ କହିଛନ୍ତି, ମୁଁ ଚାଲିଥିବା ରକ୍ତପାତ ବନ୍ଦ କରିବାକୁ ଚାହୁଁଛି। ତେଣୁ ୟୁକ୍ରେନ ତାଙ୍କୁ ନଭେମ୍ବର ୨୭ ସୁଦ୍ଧା କହିବା ଉଚିତ୍ ଯେ, ସେ ଶାନ୍ତି ଯୋଜନା ଗ୍ରହଣ କରିବେ କି ନାହିଁ। ରାଷ୍ଟ୍ରପତି ଟ୍ରମ୍ପ୍ ଭୋଲଡିମେୟର ଜେଲେନସ୍କିଙ୍କୁ ସିଧାସଳଖ ଚେତାବନୀ ମଧ୍ୟ ଦେଇଛନ୍ତି, ଯଦି ଶାନ୍ତି ଯୋଜନା ଗ୍ରହଣ ନ କରାଯାଏ, ତେବେ ଆମେରିକା ୟୁକ୍ରେନଠାରୁ ନିଜର ସମର୍ଥନ ପ୍ରତ୍ୟାହାର କରିବ ଏବଂ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଓ ଗୁପ୍ତଚର ଯୋଗାଣ ଉପରେ ରୋକ ଲଗାଇବ।

ଟ୍ରମ୍ପ୍‌ଙ୍କ ଚରମବାଣୀ ନେଇ ଜେଲେନସ୍କିଙ୍କ ପ୍ରତିକ୍ରିୟା ଆସିଛି। ଯେଉଁଥିରେ ସେ ସ୍ପଷ୍ଟ କରିଛନ୍ତି,



ସେ ଏକ ଦ୍ୱନ୍ଦ୍ୱରେ ଫସିଛନ୍ତି, କିନ୍ତୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶାନ୍ତି ଯୋଜନା ୟୁକ୍ରେନୀୟ ଲୋକଙ୍କ ସ୍ୱାର୍ଥରେ ନୁହେଁ। ତେଣୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ସେ ତାଙ୍କ ଦେଶ ସହିତ ବିଶ୍ୱାସଘାତକତା କରିପାରିବେ ନାହିଁ। ଯଦି ଆମକୁ ଆମର ସମ୍ମାନ ଏବଂ ସ୍ୱାଧୀନତା ହରାଇବା ତଥା ଆମେରିକୀୟ ସମର୍ଥନ ହରାଇବା ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼େ, ତେବେ ଆମେ ସମ୍ମାନ ବାଛିବୁ। ମୁଁ ୟୁକ୍ରେନ ସହିତ ବିଶ୍ୱାସଘାତକତା କରିନାହିଁ କି କେବେ ତାହା କରିବି ନାହିଁ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଅଲ୍ଟିମେଟମ୍ ପାଇବା ପରେ ଜେଲେନ୍ସକି ତାଙ୍କ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ୟୁରୋପୀୟ ନେତାମାନେ ମଧ୍ୟ ୟୁକ୍ରେନକୁ ସମର୍ଥନ କରିଛନ୍ତି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ୟୁକ୍ରେନ ନିଃସନ୍ଦେହରେ ଏକ କଷ୍ଟକର ସ୍ଥିତିର ସମ୍ମୁଖୀନ ହେଉଛି। ଏହା ନିଜର ଗର୍ବ ଏବଂ ସ୍ୱାଧୀନତା ହରାଇବା କିମ୍ବା ଆମେରିକାର ସମର୍ଥନ ହରାଇବାର ସମ୍ମୁଖୀନ ହେଉଛି। ତଥାପି, ୟୁକ୍ରେନ ରୁଷିଆ ସହିତ ଯୁଦ୍ଧବିରତି ପାଇଁ ସର୍ତ୍ତାବଳୀ ଏବଂ ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରୁଛି ବୋଲି ସେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ସ୍ୱତନ୍ତ୍ର ଆଲୋଚନାକାରୀ ଷ୍ଟିଭ୍ ୱିଟକଫଙ୍କ ସହିତ ଏକ ୟୁକ୍ରେନ ଶାନ୍ତି ଯୋଜନା ପ୍ରସ୍ତୁତ କରିଛନ୍ତି। ଯାହାକୁ ହ୍ୱାଇଟ୍ ହାଉସ୍ ସମର୍ଥନ କରିଛି। ଶାନ୍ତି ଯୋଜନାରେ ଉଲ୍ଲେଖ ଅଛି ଯେ, ୟୁକ୍ରେନକୁ ନାଟୋ ସଦସ୍ୟତା ପ୍ରଦାନ କରାଯିବ ନାହିଁ। ୟୁକ୍ରେନର ସାମରିକ ବାହିନୀ ଅଧା କରାଯିବ ଏବଂ ୟୁକ୍ରେନକୁ ନିଜର ସୀମାରେ କ୍ଷେପଣାସ୍ତ୍ର ମୁତୟନ କରିବାରୁ ବାରଣ କରାଯିବ। ୟୁକ୍ରେନକୁ ଏହାର ଡୋନବାସ ଏବଂ କ୍ରିମିଆ ଅଞ୍ଚଳକୁ ରୁଷିଆକୁ ହସ୍ତାନ୍ତର କରିବାକୁ ପଡିବ ଏବଂ ନିଜର ସୀମା ମଧ୍ୟରେ ରୁଷୀୟ ଭାଷାକୁ ସ୍ୱୀକୃତି ଦେବାକୁ ପଡ଼ିବ।




# ୫ମ କୋଲକାତା କପ୍ କରାଟେ ଚାମ୍ପିଅନସିପ୍ ଉଦ୍‌ଯାପିତ



**କୋଲକାତା,୨୨।୧୧(ସଂଚାର ବ୍ୟୁରୋ):** ଜାପାନ କରାଟେ ଇଣ୍ଡିଆ ସହଯୋଗରେ ବେଦାନ୍ତ କଲେଜରେ ୫ମ କୋଲକାତା କପ୍ କରାଟେ ଚାମ୍ପିଅନସିପ୍ ୨୦୨୫ ଅନୁଷ୍ଠିତ ହୋଇଥିଲା। ଏହି ଚାମ୍ପିଅନସିପ୍ ଦମ୍‌ଦମ୍ ପୌରସଭାର ଅଧ୍ୟକ୍ଷ ହରେନ୍ଦ୍ର ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ କିୟୋସି ପରଶ କୁମାର ମିଶ୍ର, ପ୍ରତିଷ୍ଠାତା, ସଭାପତି, ମୁଖ୍ୟ ପ୍ରଶିକ୍ଷକ ଏବଂ ଜାପାନ କରାଟେ ଇଣ୍ଡିଆର ମୁଖ୍ୟ ପରୀକ୍ଷକ। ଚମ୍ପିଅନସିପର ଏକ ଅଂଶୀଦାର ଅନୁଷ୍ଠାନ ବେଦାନ୍ତ କଲେଜର ଅଧ୍ୟକ୍ଷ ଡକ୍ଟର କୀର୍ତ୍ତି ସିଂହ ଚୁଣ୍ଡୱତ ଉପସ୍ଥିତ ଥିଲେ। ବିଧାୟକ ସୁପ୍ତି ପାଣ୍ଡେ ଏବଂ ଶ୍ରେୟା ପାଣ୍ଡେ ସ୍ୱତନ୍ତ୍ର ଅତିଥି ଭାବରେ ଉପସ୍ଥିତ ଥିଲେ।

## ମିଳିଲା ଆତ୍ମହତ୍ୟା କରିଥିବା ବିଏଲଓଙ୍କ ସୁଇସାଇଡ୍ ନୋଟ

# ଏସ୍‌ଆଇଆର୍ ଚାପକୁ ଦାୟୀ କଲେ



**କୋଲକାତା,୨୨।୧୧(ସଂଚାର ବ୍ୟୁରୋ):** ଗୋଟିଏ ପଟେ ରାଜନୈତିକ ଚାପ। ଅନ୍ୟପଟେ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ସମୟସୀମା। ରାଜ୍ୟରେ ଏସ୍‌ଆଇଆର୍ ଦାୟିତ୍ୱରେ ଥିବା ବିଏଲ୍‌ଓ ମାନଙ୍କର ଜୀବନ ଏହି ଦୁଇଜଣଙ୍କ ଆଖିରେ ଅଛି। ଏହାରି ମଧ୍ୟରେ, ବିଏଲ୍‌ଓ ଆପ୍ ଠିକ୍ ଭାବରେ କାମ କରୁନାହିଁ। ଅନେକ ଲୋକ କାମ କିପରି ଶେଷ କରିବେ ସେ ବିଷୟରେ ଚିନ୍ତିତ। ଏହି ପରିବେଶରେ, ଏସ୍‌ଆଇଆର୍ ଦାୟିତ୍ୱରେ ଥିବା ଜଣେ ସ୍କୁଲ ଶିକ୍ଷୟିତ୍ରୀ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ରିଙ୍କୁ ଦଫାଦାର (୫୩)। ସେ କୃଷ୍ଣନଗରର ଷଷ୍ଠିତଳା ଅଞ୍ଚଳର ବାସିନ୍ଦା। ସେ ଶନିବାର ସକାଳେ ତାଙ୍କ ଘରେ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରୁ ଏକ ଲମ୍ବା ସୁଇସାଇଡ ନୋଟ୍ ମିଳିଛି। ତାଙ୍କ ଶେଷ ଚିଠିରେ ରିଙ୍କୁ ଦେବୀ ସିଧାସଳଖ କମିଶନକୁ ଦାୟୀ କରିଛନ୍ତି। ସେ ଲେଖିଛନ୍ତି, 'ମୋର ପରିସ୍ଥିତି ପାଇଁ ନିର୍ବାଚନ କମିଶନ ଦାୟୀ। ମୁଁ ଏହି କାମର ମାନସିକ ଚାପ ସହ୍ୟ କରିପାରିଲି ନାହିଁ। ବିଏଲ୍‌ଓ କାମ କରିନପାରିଲେ, ପ୍ରଶାସନିକ ଚାପ ମୋ ପାଇଁ ସମ୍ଭବ ନୁହେଁ। ଜାଣିବାକୁ ମିଳିଛି ଯେ, ରିଙ୍କୁ ଦଫାଦାରଙ୍କ ମୂଳ ଘର ଛାପରାର ବାଙ୍ଗାଲଜୀ ଅଞ୍ଚଳ। ବାଙ୍ଗାଲଜୀ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଜଣେ ପାର୍ଶ୍ୱଶିକ୍ଷକ ଥିଲେ। ପରେ, ସେ କୃଷ୍ଣନଗର ଷଷ୍ଠିତଳାରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ତାଙ୍କୁ ବିଏଲ୍‌ଓ କାମ କରିବା ପାଇଁ କୃଷ୍ଣନଗରରୁ ନିୟମିତ ଛାପରା ଯିବାକୁ ପଡୁଥିଲା। କୃଷ୍ଣନଗରରୁ ଛାପରା ଦୂରତା ବହୁତ। ଅଫଲାଇନରେ କାମ ପ୍ରାୟ ସମାପ୍ତ କରିବା ପରେ ମଧ୍ୟ, ତାଙ୍କୁ ଅନଲାଇନରେ ଅପଲୋଡ୍ କରିବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ପ୍ରଶାସନିକ ଦଣ୍ଡ ଭୟରେ ସେ ଆତଙ୍କିତ ଥିଲେ ବୋଲି ଅଭିଯୋଗ ହୋଇଛି।

## ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬



**ଗୁଆହାଟୀ,୨୨।୧୧:** ଆଜିଠାରୁ ଆରମ୍ଭ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୬ ୱିକେଟ ହରାଇ ୨୪୭ ରନ କରି ନେଇଛି। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଖାତାକୁ ମଧ୍ୟ ଗୋଟିଏ ସଫଳତା ଯାଇଛି।

ଭାରତୀୟ ବୋଲର ଆଜି ୮୧.୫ ଓଭର ବୋଲିଂ କରିଛନ୍ତି। ଖରାପ ଆଲୁଅ ଯୋଗୁ ପ୍ରଥମ ଦିନର ଖେଳକୁ ଅମ୍ପାୟାର ଆଗୁଆ ଶେଷ କରି ଦେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରାନ ମୁଥୁସାମୀ ୨୫ ଓ କାୟେଲ ଭେରେୟନ୍ନେ ୧ ରନ କରି ଅପରାଜିତ ରହିଛନ୍ତି। ନିୟମିତ ଅଧିନାୟକ ଶୁବମନ ଗିଲଙ୍କ ବିନା ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଭାରତ ଟସ୍ ହାରି ଯାଇଥିଲା। ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଟସ୍ ଜିତି ଋଷଭ ପନ୍ତଙ୍କ ଦଳକୁ ପ୍ରଥମେ ବୋଲିଂ କରିବାକୁ କହିଥିଲେ।

ଏହାକୁ ଠିକ ସାବ୍ୟସ୍ତ କରି ଦଳର ଦୁଇ ଓପନର ଏଡେନ ମାର୍କରମ ଓ ରିୟାନ ରିକେଲଟନ ଦମଦାର ବ୍ୟାଟିଂ କରିଥିଲେ। ଉଭୟ ୨୭ତମ ଓଭର ଯାଏ ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୮୨ ରନରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ଏହି ସମୟରେ ଯଶପ୍ରୀତ ବୁମ୍ରା ୩୮ ରନ କରିଥିବା ମାର୍କରମଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଝଟକା ଦେଇଥିଲେ। ପରେ କୁଲଦୀପ ଯାଦବ ୩୫ ରନ କରିଥିବା ରିକେଲଟନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଏତିକି ବେଳେ ଷ୍ଟବ୍ସ ଓ ବଭୁମା ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଉଭୟ ଦଳୀୟ ସ୍କୋରକୁ ୮୨ରୁ ନେଇ ୧୬୬ ରନରେ ପହଞ୍ଚାଇ ଦେଇଥିଲେ। ଏତିକି ବେଳେ ଘଟିଥିଲା ବିପର୍ଯ୍ୟୟ। ଅଭିଜ୍ଞ ରବୀନ୍ଦ୍ର ଜାଡେଜା ପ୍ରଥମେ ସେଟ ବଭୁମା(୪୧)ଙ୍କୁ ଯଶସ୍ୱୀ ଜୈସୱାଲଙ୍କ ହାତରେ କ୍ୟାଚ ଆଉଟ କରିଥିଲେ। ଏହାପରେ କୁଲଦୀପ ଯାଦବ ପ୍ରଥମେ ଷ୍ଟବ୍ସ ଓ ପରେ ୧୩ ରନ କରିଥିବା ୱିଆନ ମୁଲଡେରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ଦକ୍ଷିଣ ଆଫ୍ରିକା ୨୦୧ ରନରେ ୫ ୱିକେଟ ହରାଇଥିଲା। ୬ଷ୍ଠ ୱିକେଟ ପାଇଁ ଟୋନୀ ଡେ ଜୋର୍ଜୀ ଓ ମୁଥୁସାମୀ ୪୫ ରନ ଯୋଡ଼ି ଥିଲେ। ନୂଆ ବଲରେ କମାଲ କରିଥିଲେ ମହମ୍ମଦ ସିରାଜ। ବେଶ ସତର୍କତାର ସହ ଖେଳୁଥିବା ଜୋର୍ଜୀଙ୍କୁ ସେ ୮୨ତମ ଓଭରରେ ପ୍ୟାଭିଲିୟନ ପଠାଇ ଦେଇଥିଲେ। ସେ ଆଉଟ ହେବାର ଆଉ ୪ଟି ବଲ ପରେ ଦିନର ଖେଳକୁ ଖରାପ ଆଲୁଅ ପାଇଁ ଅମ୍ପାୟାର ବନ୍ଦ କରି ଦେଇଥିଲେ। ତେଣୁ ଭଲ ଲୟରେ ଥିବା ଜୋର୍ଜୀ ୨୮ ରନ କରି ନିରାଶ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ପ୍ରଥମ ଦିନରେ ୬ ୱିକେଟ ହରାଇ ୨୪୭ ରନ କରିଛି ଦକ୍ଷିଣ ଆଫ୍ରିକା।

# ଆର୍ଥିକ ସୁବିଧା ଦାବି କରି ରାସ୍ତାରେ ଶିକ୍ଷା ସହାୟକ

**କୋଲକାତା,୨୨।୧୧ (ସଂଚାର ବ୍ୟୁରୋ):** ଏସ୍‌ଏସ୍‌କେ-ଏମ୍‌ଏସ୍‌କେ ଶିକ୍ଷା ସହାୟକ ଏବଂ ଶିକ୍ଷା ସମ୍ପ୍ରସାରଣ କର୍ମୀମାନେ ଆର୍ଥିକ ସୁବିଧା ଦାବି କରି ରାସ୍ତାକୁ ଓହ୍ଲାଇଲେ। ସେମାନେ ଦାବି କରିଛନ୍ତି ଯେ, ଅବସର ପରେ ସେମାନେ ଏକକାଳୀନ ଭତ୍ତା ଭାବରେ ଏକ ଲକ୍ଷ ଟଙ୍କା ପାଇଛନ୍ତି।

ତେବେ, ସେମାନଙ୍କ ମଧ୍ୟରୁ ଅନେକ ଏଥିରୁ ଔଷଧ ପାଇଁ ଟଙ୍କା ମଧ୍ୟ ପାଇନାହାଁନ୍ତି।

ତେଣୁ, ବିଭିନ୍ନ ମହଲରେ ଦାବି କରି ବିଫଳ ହେବା ପରେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଛନ୍ତି। ନିକଟରେ, ସେମାନେ ତ୍ରିପୁରା ସଭାଗୃହରେ ଏକ ରାଜ୍ୟ ସମ୍ମିଳନୀ କରିଥିଲେ।

ମଞ୍ଚର ସଂଯୋଜକ ଗୌରପଦ ଅଧିକାରୀ କହିଛନ୍ତି, ଏଥର ରାସ୍ତାକୁ ଓହ୍ଲାଇବା ବ୍ୟତୀତ ଆମର ଅନ୍ୟ କୌଣସି ବିକଳ୍ପ ନାହିଁ।

ଅନ୍ୟପକ୍ଷରେ, ରାଜ୍ୟ ଶିକ୍ଷକ ସମନ୍ୱୟ କମିଟି ଏବଂ ସମଗ୍ର ଶିକ୍ଷା ବଞ୍ଚାଓ ମଞ୍ଚର ଡାକରାରେ ଶିକ୍ଷା ସହାୟକମାନେ ମଧ୍ୟ ସଲ୍ଟଲେକ୍ ପୁସ୍ତକ ମେଳା ପରିସର ନିକଟରେ ଧାରଣା ଆରମ୍ଭ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ ସରକାର ମାସିକ ଭତ୍ତା ବୃଦ୍ଧି କରନ୍ତୁ।

# ମତ୍ସ୍ୟଜୀବୀକୁ ନୌକାରୁ ଟାଣିନେଲା ବାଘ

**କୋଲକାତା,୨୨।୧୧(ସଂଚାର ବ୍ୟୁରୋ):** କଙ୍କଡ଼ା ଧରିବାକୁ ଯାଇ ପୁଣି ବିପତ୍ତି। ମତ୍ସ୍ୟଜୀବୀଙ୍କୁ ଟାଣି ନେଇଗଲା ବାଘ। ନିଖୋଜ ସେହି ବ୍ୟକ୍ତିଙ୍କ ନାମ ତାପସ ହାଲଦାର। ସେ କୁଲତାଲିର ମୈପୀଠ କୋଷ୍ଟାଲ ଥାନା ଅଞ୍ଚଳର ନାଗେନାବାଦ ଗ୍ରାମର ବାସିନ୍ଦା। ବନ ବିଭାଗର ଅଧିକାରୀମାନେ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଛନ୍ତି। ଘଟଣା ଜଣାପଡ଼ିବା ମାତ୍ରେ ଗାଁରେ ଶୋକର ଛାୟା ଖେଳିଯାଇଛି। ଜାଣିବାକୁ ମିଳିଛି ଯେ, ମଙ୍ଗଳବାର ସକାଳେ, ୪୫ ବର୍ଷୀୟ ତାପସ ହାଲଦାର, ଗୋପାଳ ପାଇକ ଏବଂ ନେପାଳ ପାଇକଙ୍କ ସହିତ କଙ୍କଡ଼ା ଧରିବା ପାଇଁ ଏକ ନୌକାରେ ବାହାରିଥିଲେ। ଶୁକ୍ରବାର ଦିନ ସେମାନେ ସୁନ୍ଦରବନର ବାଣୀ କ୍ୟାମ୍ପ ସଂଲଗ୍ନ ସିନ୍ଦୁରକାଟି ଜଙ୍ଗଲ ଅଞ୍ଚଳରେ କଙ୍କଡ଼ା ଧରିଥିଲେ। ତାପସ ହାଲଦାର ଜଙ୍ଗଲ ଆଡକୁ ମୁହଁ କରି ବସିଥିଲେ। ତାଙ୍କ ଦୁଇ ସାଥୀ କଙ୍କଡ଼ା ଧରିବା ପାଇଁ ପାଣି ଭିତରକୁ ଯାଇଥିଲେ। ତାପସ ଡଙ୍ଗାରେ ଏକା ବସିଥିଲେ। ସେହି ସମୟରେ, ଜଙ୍ଗଲରୁ ଏକ ବାଘ ବାହାରି ଆସି ତାଙ୍କ ଉପରେ ଡେଇଁ ପଡ଼ିଥିଲା! କିଛି ମୁହୂର୍ତ୍ତ ମଧ୍ୟରେ, ବାଘ ତାଙ୍କୁ ଟାଣି ନେଇ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲା। ନିଖୋଜ ବ୍ୟକ୍ତିଙ୍କ ପାଇଁ ଖୋଜାଖୋଜି ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ବସ୍ ଧକ୍କାରେ ୨ ବାଇକ ଆରୋହୀ ମୃତ

**କୋଲକାତା,୨୨।୧୧(ସଂଚାର ବ୍ୟୁରୋ):** ବସ୍ ଧକ୍କାରେ ଦୁଇଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଶନିବାର ପଶ୍ଚିମ ମେଦିନୀପୁର ଜିଲ୍ଲାର ପିଙ୍ଗଳାର ମୁଣ୍ଡୁମାରି ଅଞ୍ଚଳରେ ରାଜ୍ୟ ସଡକରେ ଏହି ଘଟଣା ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଇଜଣ ମଇନାରୁ ବାଲିଚକକୁ ଏକ ବାଇକ୍ ଯୋଗେ ଯାଉଥିଲେ। ସେହି ସମୟରେ ଏକ ଯାତ୍ରୀବାହୀ ବସ୍ ବାଇକକୁ ଧକ୍କା ଦେଇଥିଲା। ମୃତ ଦୁଇ ଜଣଙ୍କ ନାମ ହୁରାଇ ରା (୨୦) ଏବଂ ଅସଦୁଲ ମୋଲିଦା (୨୦) ବୋଲି ଚିହ୍ନଟ କରାଯାଇଛି। ଉଭୟେ ପାଂସକୁଡା ଥାନା ଅଞ୍ଚଳର ବାସିନ୍ଦା।

# କାରର ଷ୍ଟିଅରିଂ 'ଲକ୍'ରୁ ଦୁର୍ଘଟଣା, ୬ ଆହତ



**କୋଲକାତା,୨୨।୧୧(ସଂଚାର ବ୍ୟୁରୋ):** ଏକ ଚଳନ୍ତା କାରର ଷ୍ଟିଅରିଂ ହଠାତ୍ 'ଲକ୍' ହୋଇଗଲା। ଶନିବାର ସକାଳେ ନ୍ୟୁ ଟାଉନର ଇକୋ ପାର୍କର ୬ ନମ୍ବର ଗେଟ୍ ସମ୍ମୁଖରେ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଏଦିନ ଏକ ପରିବେଶ ଅନୁକୂଳ ଆପ୍-କ୍ୟାବ୍ (ଇଲେକ୍ଟ୍ରିକ୍ ଯାନ) ବିମାନବନ୍ଦର ଅଭିମୁଖେ ଯାଉଥିଲା। ସେହି ସମୟରେ କାରଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ ପଦଯାତ୍ରୀଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ପ୍ରାୟ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ଉଦ୍ଧାର କରି ଥାନାକୁ ନେଇଛି।

# ଦୁଇ ଝିଅଙ୍କୁ ବିଷ ଦେଇ ମା' ପିଇଲା ବିଷ

**ମାଲକାନଗିରି,୨୨।୧୧(ସଂଚାର ବ୍ୟୁରୋ):** ଦୁଇ କୋମଳମତି ପୁଅ ଓ ଝିଅକୁ ବିଷ ଦେଇ ମା' ମଧ୍ୟ ବିଷ ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ୬ ଦିନ ପୂର୍ବେ ଉକ୍ତ ମହିଳାଙ୍କ ସ୍ୱାମୀ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଦୁଃଖକୁ ବରଦାସ୍ତ କରିନପାରି ପତ୍ନୀ ଜଣଙ୍କ ତାଙ୍କର ଦୁଇ କୋମଳମତି ଶିଶୁଙ୍କୁ ବିଷ ଦେଇ ଶେଷରେ ନିଜେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତିନିହେଁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସପ୍ତାହେ ପୂର୍ବରୁ କଟଲିଗୁଡାର ମହେଶ୍ୱର ସୋଡି ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହାପରେ ଆଜି ସ୍ତ୍ରୀ ବାସନ୍ତୀ ତାଙ୍କ ୨ ବର୍ଷର ପୁଅ ଓ ବର୍ଷକର ଝିଅକୁ ବିଷାକ୍ତ କନିଆରୀ ଫଳ ଖାଇବାକୁ ଦେଇ ନିଜେ ମଧ୍ୟ ବିଷ ପିଇଦେଇଥିଲେ। ଏହା ତାଙ୍କର ଜଣେ ସମ୍ପର୍କୀୟ ଦିଲୀପ ସୋଡି ଜାଣିପାରି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁକୁନ୍ଦଦେବ...

ଡକ୍ଟର ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟି ଓ ସର୍ଦ୍ଦାର ପଟେଲଙ୍କ ରାଜନୈତିକ ସମର୍ଥନ ତଥା ଦୃଢ଼ ନିଷ୍ପତ୍ତି ଯୋଗୁଁ ଓଡ଼ିଶାରେ ସର୍ବପ୍ରଥମେ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଶେଷ ହୋଇଥିଲା। ଭାରତୀୟ ସଂଘରେ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ କ୍ଷେତ୍ରରେ ନୀଳଗିରି ପ୍ରଥମ ସଫଳତା ଭାବେ ଇତିହାସରେ ସ୍ଥାନ ପାଇଛି। ଗୋହିରାଟିକିରି ଓଡ଼ିଶାର ଶେଷ ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଓ ଶେଷ ସ୍ୱାଧୀନ ହିନ୍ଦୁ ରାଜାଙ୍କ ରକ୍ତରେ ରଞ୍ଜିତ ଏକ ବୀରଭୂମି। ରାଜା ମୁକୁନ୍ଦଦେବ କେବଳ ଜଣେ ଶାସକ ନଥିଲେ, ସେ ଥିଲେ ଓଡ଼ିଶାର ସ୍ୱାଧୀନତା, ଅସ୍ମିତା, ସ୍ୱାଭିମାନ ଓ ସଂସ୍କୃତିର ପ୍ରତୀକ। ରାଜା ମୁକୁନ୍ଦ ଦେବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ତାଙ୍କ ରାଜ୍ୟକୁ ବିସ୍ତାର କରିବା ସହ ଓଡ଼ିଆ ପରିଚୟ ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ଅକ୍ଳାନ୍ତ ସଂଗ୍ରାମ କରିଥିଲେ। ସେ ଓଡ଼ିଆ ଅସ୍ମିତା ଓ ସଭ୍ୟତାର ସୁରକ୍ଷା ପାଇଁ କଳାପାହାଡ଼ ସହ ଲଢ଼େଇ କରି ଷଡ଼ଯନ୍ତ୍ରର ଶିକାର ସତ୍ତ୍ୱେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼େଇ କରି ମୃତ୍ୟୁକୁ ଆପଣାଇଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ ଇତିହାସ ଭବିଷ୍ୟତର ଦର୍ପଣ ହୋଇଥିବାରୁ ଏହାକୁ ଅଧ୍ୟୟନ ନ କଲେ ଭବିଷ୍ୟତ ପାଇଁ ରାସ୍ତା ନିରୂପଣ କରିବା ସହଜ ନୁହେଁ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ଓ ୨୦୪୭ରେ ଦେଶ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ। ତେଣୁ ଓଡ଼ିଶାର ସମୃଦ୍ଧି ପାଇଁ ପରିଶ୍ରମ କରିବା, ଗାଁର ପରିବେଶକୁ ସ୍ୱଚ୍ଛ ରଖିବା, ପୋଷଣକୁ ପ୍ରାଧାନ୍ୟ ଦେଇ ନବଜାତି ଶିଶୁଙ୍କଠାରୁ ଆରମ୍ଭ କରି ସବୁ ପିଲାଙ୍କ ଯତ୍ନ ନେବା ଆମର ଦାୟିତ୍ୱ। ଓଡ଼ିଆ ଭାଷା ପ୍ରତି ମମତା ଜାଗ୍ରତ କରିବା ସହ ଏହାର ପ୍ରଚାରପ୍ରସାର ବି ଜରୁରୀ। କେବଳ ସରକାରୀ ବ୍ୟବସ୍ଥା ଉପରେ ନିର୍ଭର ନ କରି ସମାଜର ପ୍ରଚେଷ୍ଟାରେ ଓଡ଼ିଶାକୁ ଏକ ନମ୍ବର କରିବାର ଦାୟିତ୍ୱ ନେବାକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ଓଡ଼ିଶାର ଭାଷାଭିତ୍ତିକ ରାଜ୍ୟ ଗଠନର ଶତବାର୍ଷିକୀ ଅବସରରେ ୨୦୩୬ ସୁଦ୍ଧା ଗୋହିରାଟିକିରିକୁ ଏକ ଐତିହ୍ୟସ୍ଥଳରେ ପରିଣତ କରିବା ଦିଗରେ ସାମୂହିକ ଦାୟିତ୍ୱ ନେବାକୁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫ କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଲୁଣିଆ ଶହୀଦ ସ୍ମାରକୀ ପୀଠର ଉନ୍ନତିକରଣ ଓ ଗୋହିରାଟିକିରିଠାରେ ୫ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ୨୫.୮୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୧୦ ଟି ପ୍ରକଳ୍ପ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୩ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ୨୧.୨୫ କୋଟି ଟଙ୍କାର ୩ଟି ପ୍ରକଳ୍ପ ଓ ଡ୍ରେନେଜ ବିଭାଗ ପକ୍ଷରୁ ୪.୧୧ କୋଟି ଟଙ୍କାରେ ହେବାକୁ ଥିବା ୨ଟି ପ୍ରକଳ୍ପର ଶିଳାନ୍ୟାସ କେନ୍ଦ୍ରମନ୍ତ୍ରୀ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ପୁରାତନ ଇତିହାସର ମୂକସାକ୍ଷୀ ଅର୍ଜୁନ ଗଛ ବୃକ୍ଷମୂଳରେ ସ୍ଥାପିତ ମହାବୀର ହନୁମାନଙ୍କ ପ୍ରତିମୂର୍ତ୍ତି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏଥିସହ କେନ୍ଦ୍ର ମନ୍ତ୍ରୀ ଆଲାମଚାନ୍ଦ ପୋଖରୀ ଓ ରାଣୀ ପୋଖରୀ ବି ପରିଦର୍ଶନ କରିଛନ୍ତି। ଓଡ଼ିଶାର ଶେଷ ସ୍ୱାଧୀନ ରାଜା ବୀରବର ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ନିକଟସ୍ଥ ମଠ ଦର୍ଶନ ସହ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାବେପାରୀ...

ଅଭିଯାନ ଭାବେ ଗ୍ରହଣ କରାଯିବା ସକାଶେ ପ୍ରସ୍ତାବ ଦେଇଛନ୍ତି। ମୋଦି କହିଛନ୍ତି ଯେ ମାଦକ ଦ୍ରବ୍ୟର ଚୋରା ଚାଲାଣ ଏବେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ବିଶେଷକରି ଫେଣ୍ଟେନିଲ୍ ପରି ଘାତକ ନିଶାଦ୍ରବ୍ୟର ଚୋରା ଚାଲାଣ ବିଶେଷ ଭାବେ ବଢ଼ିଯାଇଛି। ଏହା କେବଳ ବିଶ୍ୱ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ, ବରଂ ସାମାଜିକ ସ୍ଥିରତା ଓ ଅନ୍ତର୍ଜାତୀୟ ସୁରକ୍ଷା ପ୍ରତି ମଧ୍ୟ ବିପଦ। ଅଧିକନ୍ତୁ ନିଶାଦ୍ରବ୍ୟର ଚୋରା କାରବାରରୁ ମିଳୁଥିବା କଳା ଟଙ୍କା ଆତଙ୍କବାଦକୁ ଉତ୍ସାହିତ କରିବା ସକାଶେ ବ୍ୟବହୃତ ହେଉଥିବାରୁ ଏହା ସମଗ୍ର ବିଶ୍ୱ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟି କରିବାକୁ ଯାଉଛି ବୋଲି ମୋଦି କହିବା ସହ ଏନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଏଥିସହ ସେ ଏହି ସମସ୍ୟା ବିରୋଧରେ ପ୍ରତି ଦେଶ ଲଢ଼େଇ କରିବା ସହ ସମସ୍ତେ ହାତ ମିଳାଇବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ଜି-୨୦ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି ଉପରେ ମୋଦି ଜୋର୍ ଦେଇଛନ୍ତି।

## ଧରାପଡ଼ିଲା...

ତିଆରି କରି ବାଂଲାଦେଶୀଙ୍କୁ ରଖିଥିଲା ସିକନ୍ଦର। ସିକନ୍ଦରର ବିଦେଶୀ ଲିଙ୍କ ରହିଥିବା ସୂଚନା। ଏକ ଅଜ୍ଞାତ ସ୍ଥାନରେ ରଖି ପଚାରା ଉଚରା ଜାରି ରଖିଛି। ସୂଚନା ଅନୁସାରେ, ଗତ ୧୬ ତାରିଖ ସନ୍ଧ୍ୟାରେ ବେହେରାମପୁର ବସ୍ତିରେ ଚଢ଼ାଉ କରିଥିଲା ପୁଲିସ। ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ସନ୍ଦେହରେ ହୋଇଥିଲା ଚଢ଼ାଉ। ଅତିରିକ୍ତ ଏସ୍ପି, ତରିକୁନ୍ଦ ବିଟ୍ ହାଉସ୍ ଅଧିକାରୀ ଓ ମହିଳା କନଷ୍ଟେବଳ ସମେତ ୫ଜଣ ସାମିଲ। ଚଢ଼ାଉ କରିବା ମାତ୍ରେ ସିକନ୍ଦରର ଦୁଇ ଭଉଣୀ ପୁଲିସକୁ କରିଥିଲେ ଆକ୍ରମଣ।

ପାଖାପାଖି ୨ ଘଣ୍ଟା ଧରି ତରିକୁନ୍ଦର ବେରାହିମପୁରସ୍ଥିତ ସିକନ୍ଦରର ବାସଗୃହରେ ପୁଲିସ କରିଥିଲା ଖାନତଲାସୀ। ସେ ସମୟରେ ସାମ୍ନାକୁ ଆସିଥିଲେ ସିକନ୍ଦରଙ୍କ ସଂପର୍କୀୟା ଓ ତାଙ୍କ ମା। ତେବେ ସିକନ୍ଦରଙ୍କ ପତ୍ନୀଙ୍କୁ ପୁଲିସ ପାଇନଥିଲେ। ସିକନ୍ଦରଙ୍କ ପୁଅକୁ ଦେଖିଥିଲେ। ଏହି ତିନି ସଂପର୍କୀୟା ମହିଳାଙ୍କର ସନ୍ତାନ ବି ସିକନ୍ଦର ଘରେ ଥିଲେ। ସିକନ୍ଦରର ଶିକ୍ଷା ନିକଟର ଏକ ବିଦ୍ୟାଳୟରେ ହୋଇଥିଲା। ତରିକୁନ୍ଦର ଏକ କଲେଜରେ ଯୁକ୍ତ ୨ ପଢୁଥିଲା ହେଲେ ପରୀକ୍ଷାରେ ପାସ୍ କରିପାରିନଥିଲା।

ପୂର୍ବରୁ ମର୍ଚ୍ଚାଣ୍ଟ ନ୍ୟାଭିରେ ଥିବା ସିକନ୍ଦର ୫ଟି ଦେଶରୁ ଅର୍ଥ ଆଣି ବେହେରାମପୁର ମଦ୍ରାସା ଚଳାଉଥିଲା। ସୋମବାର ବେହେରାମପୁର ବସ୍ତିରେ ମାଟିରେ ମିଶିଥିଲା ବାଂଲାଦେଶୀଙ୍କ ମଦ୍ରାସା। ମାଜିଷ୍ଟ୍ରେଟ୍ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଭଙ୍ଗା ଯାଇଥିଲା ୧୦ ବଖରା ଘର। ସେପଟେ ସାତପୁରା ଧନିପୁରରେ ବାଂଲାଦେଶୀଙ୍କ ୭ ବେଆଇନ୍ ନିର୍ମାଣ ଉପରେ ବୁଲଡୋଜର ବୁଲି ସବୁ ମାଟିରେ ମିଶାଇ ଦେଇଥିଲା। ବେହେରାମପୁର ଅଞ୍ଚଳରେ ସରକାରୀ ଜାଗାରେ ବେଆଇନ୍ ଭାବେ ଘର ନିର୍ମାଣ କରି ବାଂଲାଦେଶୀଙ୍କୁ ଥଇଥାନ କରିଥିଲା ସିକନ୍ଦର। ସେହି ବେଆଇନ୍ ଘରେ ଚଳାଇଥିଲା ମଦ୍ରାସା। ୟୁପି ଏବଂ ବିହାରରୁ ପିଲା ଆଣି ମଦ୍ରାସାରେ ପଢ଼ାଉଥିଲା। ଏଥିପାଇଁ ବିଦେଶରୁ ଆସୁଥିଲା ଫଣ୍ଡିଂ।

## ଦେହ ଖରାପ...

କିପରି ଭାବେ ପ୍ରୋଗ୍ରାମ୍ ରଖି ତାଙ୍କ ପୁଅର ସ୍ୱାସ୍ଥ୍ୟ ସହ ଖେଳିଲା ବୋଲି ଶେଫାଳୀ ପ୍ରଶ୍ନ କରିଛନ୍ତି। ଅଧିକନ୍ତୁ ପୁଅର ଅସୁସ୍ଥତା ନେଇ ତାଙ୍କୁ କାହିଁକି କେହି ବି ଖବର ଦେଇନଥିଲେ, ତା' ତାଙ୍କୁ ଅଧିକ ଆଶ୍ଚର୍ଯ୍ୟ କରିଛି ଓ ଏହା ନିଶ୍ଚିତ ଭାବେ ଏକ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ଶେଫାଳୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ହ୍ୟୁମାନ୍‌ଙ୍କ ମୃତ୍ୟୁର ସଠିକ୍ ତଦନ୍ତ ସକାଶେ ଦାବି କରିଛନ୍ତି। ସେ କହିଛନ୍ତି ଯେ ହ୍ୟୁମାନ୍ ଜଣେ ସରଳ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସହଜରେ ଅନ୍ୟମାନେ ଇମୋସନାଲ୍ ଭାବେ ଟ୍ରାପ୍ କରୁଥିଲେ। ଶାରିରୀକ ଅସୁସ୍ଥତା ତାଙ୍କୁ କଷ୍ଟ ଦେଉଥିଲା। ତେଣୁ ସେ ବାରମ୍ବାର ଝିଅକୁ ଦେଖା କରିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କୁ ଝିଅ ସହ ଭେଟ କରାଇନଦେବା ପଛରେ କେଉଁମାନେ ଦାୟୀ, ସେମାନଙ୍କୁ ଖୋଜି ବାହାର କରାଯିବାର ଆବଶ୍ୟକତା ରହିଛି ବୋଲି ପ୍ରେମ୍ ଆନନ୍ଦ କହିବା ସହ ମା' ଶେଫାଳୀଙ୍କୁ ଗାଳିଗୁଲଜ ମଧ୍ୟ ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ଗୋଟିଏ ପୁଅକୁ ହରାଇଥିବା ମା' ଯେତେବେଳେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଖବର ପାଇଲେ, ସେତେବେଳେ ତାଙ୍କ ମାନସିକ ସ୍ଥିତି କ'ଣ ଥିବ, ତା' ବେଶ୍ ସହଜରେ ଅନୁମାନ କରାଯାଇପାରେ। ଏପରି ସ୍ଥିତିରେ ତାଙ୍କୁ ଗାଳଗୁଲଜ କରାଯିବା ଆଦୌ ଠିକ୍ ନୁହେଁ ବୋଲି ପ୍ରେମ୍ ଆନନ୍ଦ କହିଛନ୍ତି। ସେହିପରି ହ୍ୟୁମାନ୍ ଅସୁସ୍ଥତା ସତ୍ତ୍ୱେ ପ୍ରୋଗ୍ରାମ୍‌ରେ ଯୋଗଦେବା ପଛର ପ୍ରମୁଖ କାରଣ କେବଳ ତାଙ୍କର ସୋସିଆଲ୍ ମିଡିଆକୁ ପ୍ରବଳ ଭୟ ବୋଲି ପ୍ରେମ୍ ଆନନ୍ଦ କହିଛନ୍ତି। କୌଣସି ପ୍ରୋଗ୍ରାମ୍‌ରେ ଯୋଗନଦେଲେ ତାଙ୍କୁ ସୋସିଆଲ୍ ମିଡିଆରେ ବ୍ଲେମ୍ କରାଯିବ ବୋଲି ହ୍ୟୁମାନଙ୍କ ମା'କୁ ଗାଳିଗୁଲଜ କରିବା ଠିକ୍ ନୁହେଁ। ତେଣୁ ହ୍ୟୁମାନ୍‌ଙ୍କ ମୃତ୍ୟୁର ସଠିକ୍ ତଦନ୍ତ କରାଗଲେ, ଦୋଷୀମାନେ ସାମ୍ନାକୁ ଆସିବେ ବୋଲି ପ୍ରେମ୍ ଆନନ୍ଦ କହିଛନ୍ତି।

ଅନ୍ୟପକ୍ଷରେ ଗତକାଲି ଆଙ୍କର୍ ଲିଜା ଦାସ ହ୍ୟୁମାନ୍‌ଙ୍କ ସହ ତାଙ୍କ ଟ୍ରୁପ୍‌ରେ କାମ କରିବା ସମୟରେ କେହି ବି କଥାବାର୍ତ୍ତା କରିବାର ସୁଯୋଗ ବି ଦେଉନଥିଲେ ବୋଲି ଅଭିଯୋଗ କରିବା ସହ ଏହା ପଛରେ ବାଲେଶ୍ୱରିଆ ଗ୍ରୁପ୍‌ଙ୍କ ଭୂମିକା ଥିବା ଅଭିଯୋଗ କରିଥିଲେ। ଆଜି ଏନେଇ ଲିଜା କହିଛନ୍ତି ଯେ ତାଙ୍କର ଏହି ମନ୍ତବ୍ୟ ପାଇଁ ତାଙ୍କୁ ବିଭିନ୍ନ ସ୍ଥାନରୁ ଧମକ ଆସୁଛି। ଫଳତଃ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ସେ ଏକ ଭିଡିଓ ଜାରି କରି ହ୍ୟୁମାନ୍‌ଙ୍କ ସପକ୍ଷରେ ଉଠାଇଥିବା ସ୍ୱର ପାଇଁ ତାଙ୍କୁ ଧମକ ଦିଆଯାଉଛି ବୋଲି ସେ କହିବା ସହ ଏ ସଂକ୍ରାନ୍ତରେ କୌଣସି ଗଣମାଧ୍ୟମ ତାଙ୍କୁ କିଛି ନ ପଚାରିବା ସକାଶେ ମଧ୍ୟ ନିବେଦନ କରିଛନ୍ତି।

ଏହାଛଡ଼ା ଆଜି ହ୍ୟୁମାନ୍‌ଙ୍କ ମୃତ୍ୟୁ ମାମଲାରେ ଆଉ ଏକ ଏତଲା ଦିଆଯାଇଛି। ଯାଜପୁର ଫୋରମ୍ ସିଭିଲ୍ ସୋସାଇଟି ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଯାଜପୁର ରୋଡ୍ ଥାନାରେ ଏକ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଫୋରମ୍ ସହ ଯାଜପୁର ଜିଲ୍ଲା ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ସାହିତ୍ୟିକ ଏକ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ନିରପେକ୍ଷ ତଦନ୍ତ ସକାଶେ ଦାବି କରିଛନ୍ତି। ବିଶେଷକରି ଦୀନେଶ ଓ ପ୍ରଶାନ୍ତଙ୍କୁ ଜେରା କଲେ, ଯଥେଷ୍ଟ ସୁରାକ୍ ମିଳିବ ବୋଲି ସେମାନେ ମତ ଦେଇଛନ୍ତି। ସେହିପରି ଉତ୍କଳୀୟ ଫାଉଣ୍ଡେସନ୍ ପକ୍ଷରୁ ଏନେଇ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ରେ ମାମଲା ହୋଇଥିବା ବେଳେ ମୃତ୍ୟୁ ଷଡ଼ଯନ୍ତ୍ରକାରୀ ଓ ହ୍ୟୁମାନଙ୍କ ମା'କୁ ଗାଳିଦେଇଥିବା ଦୀନେଶଙ୍କ ଗିରଫଦାରୀ ପାଇଁ ଦାବି କରାଯାଇଛି।

## ରାଜ୍ୟକୁ...

କରିଥିଲା। କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଷଡଙ୍ଗୀ, ନିରଞ୍ଜନ ବିଶି, ସୁଜିତ କୁମାର, ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସହ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସାବିତ୍ରୀ ରଥ, ଶିଳ୍ପ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ, ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହ ଉପସ୍ଥିତ ଥିଲେ।

## ଭକ୍ତଙ୍କ...

ସ୍ଥାନକୁ ଠେଲି ଦ୍ୱିତୀୟ ସ୍ଥାନରେ ବି ଦଳ ରହିଲା। କିନ୍ତୁ ନିର୍ବାଚନ ପ୍ରଚାର ସମୟରେ ଭକ୍ତ ବିଭୀଷଣମାନଙ୍କୁ ଚିହ୍ନିପାରିଲେ ନାହିଁ। ଯେତେବେଳେ ଖୋଦ୍ ପ୍ରାର୍ଥୀ ଘାସିରାମ ଅର୍ଥ ପ୍ରସଙ୍ଗ ଉଠାଇଲେ, ସେତେବେଳେ ଭକ୍ତଙ୍କ ବିଭୀଷଣମାନେ ଦେଖାଗଲେ। ଏପରି ସ୍ଥିତିରେ ଭକ୍ତ ବିଭୀଷଣମାନଙ୍କ ନାମ କହିବା ଆବଶ୍ୟକ। ନହେଲେ ଲୋକେ ଏବେ କଂଗ୍ରେସର ସମସ୍ତଙ୍କୁ ବିଭୀଷଣ ଦୃଷ୍ଟିରେ ଦେଖୁଛନ୍ତି।

ଅନ୍ୟ ପକ୍ଷରେ ଭକ୍ତଙ୍କ ବିଭୀଷଣ ତାତି ଥମି ନ ଥିବାବେଳେ ତାଙ୍କ ବିଧାୟକ ପୁଅ ସାଗର ଏବେ ତାଙ୍କୁ ହତ୍ୟା ଧମକ ମିଳିଥିବା ଅଭିଯୋଗ କରି ଭବାନୀପାଟଣାରୁ ଭୁବନେଶ୍ୱର ପର୍ଯ୍ୟନ୍ତ କମ୍ପାଉଛନ୍ତି। ଭବାନୀପାଟଣାରେ ଥାନାରେ ମାମଲା ପରେ ପରେ ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ ବି ହୋଇଛି। ତେବେ ପିତାପୁତ୍ରଙ୍କର ହଠାତ୍ ଦୁଇ ଦୁଇ ପ୍ରସଙ୍ଗ ଏବେ କେବଳ କଂଗ୍ରେସ ନେତାଙ୍କୁ ଆଶ୍ଚର୍ଯ୍ୟ କରିନାହିଁ, ବରଂ ସେମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କିଛି ନେତା ଏବେ ବାପାଙ୍କୁ ବିଭୀଷଣ ବିବାଦରୁ ମୁକୁଳାଇବା ପାଇଁ ପୁଅ ସାଗର ଆଗକୁ ଆସିଥିବା କହୁଛନ୍ତି।

## ନବୀନଙ୍କୁ...

ଚୋରି ଆଳ ଦେଖାଇଲେ।

ମିଳିଥିବା ସୂଚନାନୁଯାୟୀ, ପିଏସି ବୈଠକରେ ଦାୟିତ୍ୱରେ ଥିବା ନେତାମାନେ ମାନିଛନ୍ତି ଯେ ୬୩ ବୁଥରେ ବିଜେଡିର ଏଜେଣ୍ଟ ନ ଥିଲେ। ଏହାର ସୁଯୋଗ ନେଇ ବିଜେପି ଏହିସବୁ ବୁଥରେ ଭୋଟ ଚୋରି କରିଥିବା ବିଜେଡି ନେତାମାନେ ନବୀନଙ୍କୁ ଅବଗତ କରିଛନ୍ତି। ଏନେଇ ଅଧିକ ତର୍ଜମା କରିବାକୁ ନବୀନ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଆବଶ୍ୟକ ପ୍ରମାଣ ମିଳିଲେ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନବୀନ କହିଛନ୍ତି। କିନ୍ତୁ ତାଙ୍କୁ ନିର୍ଭରଯୋଗ୍ୟ ପ୍ରମାଣ ଦରକାର, ବର୍ତ୍ତମାନ ସମୟର ସୁଯୋଗ ନେଇ ଭୋଟ ଚୋରି ବୋଲି କହି ନିଜକୁ ଦୋଷମୁକ୍ତ କରିଦେଲେ ହେବନି ବୋଲି ନବୀନ ରୋକଠୋକ ଶୁଣାଇଛନ୍ତି।

କେବଳ ସେତିକି ନୁହେଁ, କୋମନା ବ୍ଲକରେ ବିଜେଡି କଂଗ୍ରେସଠାରୁ ବି କାହିଁକି ପଛରେ ରହିଲା ବୋଲି ନବୀନ ପ୍ରଶ୍ନ କରିଥିଲେ। ଏହି ବ୍ଲକ ଦାୟିତ୍ୱରେ ପ୍ରଭାବଶାଳୀ ପ୍ରଣବ ପ୍ରକାଶ ଦାସ ଥିଲେ। ତାଙ୍କ ସହ ମଧ୍ୟ ଦଳର ବହୁ ପ୍ରତିପତ୍ତିଶାଳୀ ନେତା ବି ଥିଲେ। ତଥାପି ଦଳ ଏହି ବ୍ଲକରେ ତିନି ନମ୍ବରରେ ରହିବା ପାଇଁ ପ୍ରଣବଙ୍କ ଆଗଚଲା ନୀତିକୁ ପିଏସି ସଦସ୍ୟମାନେ ଦାୟୀ କରିଥିଲେ। ସବୁ ମ୍ୟାନେଜ ହୋଇଯିବ ବୋଲି କହୁଥିବା ପ୍ରଣବ ପ୍ରକାଶ ଓ ତାଙ୍କ ଟିମ ସାଇଲେଣ୍ଟ ପିରିଅଡରେ କାହିଁକି ସୀମା ଜଗିଲେ ନାହିଁ ବୋଲି ସୁପ୍ରିମୋ ପ୍ରଶ୍ନ କରିଥିଲେ। ଏଥିସହ ଭୋଟ ଚୋରି ହୋଇଛି ନା ବିକ୍ରି ହୋଇଛି ବୋଲି ନବୀନ ପରୋକ୍ଷରେ ପ୍ରଶ୍ନ କରିଥିଲେ। ସୂଚନାନୁଯାୟୀ, କୌଣସି ନେତା ଏହାର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।

ଆଜିର ବୈଠକରେ ପିଏସି ସଦସ୍ୟ ଭାବେ ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସନ୍ତୃପ୍ତ ମିଶ୍ର, ଟୁକୁନି ସାହୁ, ପ୍ରଣବ ଦାସ, ସଞ୍ଜୟ ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଦଳର ବରିଷ୍ଠ ଉପସଭାପତି ଦେବୀ ମିଶ୍ର ଯୋଗ ଦେଇଥିଲେ। କିନ୍ତୁ ଅନ୍ୟତମ ପିଏସି ସଦସ୍ୟ ବିକ୍ରମ କେଶରୀ ଆରୁଖ ଓ ସସ୍ମିତ ପାତ୍ର ଯୋଗ ଦେଇନଥିଲେ। ଏହି ଦୁଇ ନେତା କାହିଁକି ପିଏସି ବୈଠକରେ ଅନୁପସ୍ଥିତ ଥିଲେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## ଗୁହାରି...

ବାପା ଗୁରୁତର ଅସୁସ୍ଥ ପୁଅକୁ ସୁସ୍ଥ କରିଦେବା ସକାଶେ କାମନା କରି ସିଂହଦ୍ୱାର ଆଗରେ ନେହୁରା ହେଉଥିବା ଦୃଶ୍ୟ ସମସ୍ତଙ୍କ ମନରେ ରେଖାପାତ କରିଥିଲା। ପୁଅକୁ କାଳିଆ ଭଲ କରିଦେ ବୋଲି ବାପା ଜଣଙ୍କ ବାରମ୍ବାର ନେହୁରା ହେବା ସହ ପୁଅକୁ ଧରି କାନ୍ଦି କାନ୍ଦି ବାଇଶି ପାହାଚ ଚଢ଼ିବା ଦୃଶ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ପ୍ରକାଶ ଭୋଇ ନାମକ ଏହି ବ୍ୟକ୍ତି ଜଣଙ୍କ କରିଥିବା ଅଳିକୁ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗ୍ରହଣ କରିଛନ୍ତି ଓ କୋମାରେ ଥିବା ପୁଅ ନିଖିଲ କ୍ରମଶଃ ସୁସ୍ଥ ହେବା ଭଳି ଚମତ୍କାର କରିଛନ୍ତି।

ପୁଅର ନୂଆ ଜୀବନ ପାଇଁ ସିଂହ ଦୁଆରେ ହାତ ପାତିଥିବା ବାପା ଆଜି ନିଖିଲକୁ ଧରି ସିଂହଦ୍ୱାରରେ ପହଞ୍ଚିଛନ୍ତି। କୋମାରେ ଥିବା ପୁଅ ଦୀର୍ଘଦିନ ଧରି ସୁସ୍ଥ ନ ହେବାରୁ ଡାକ୍ତର ବି ହାତ ଟେକିଦେଇଥିଲେ। କିନ୍ତୁ କାଳିଆ ଦୁଃଖୀ ବାପାର ଦୁଃଖ ଶୁଣିଛି ଆଉ ପୁଅ ଦେହରେ ଭରିଦେଇଛି ନୂଆ ଜୀବନ। ଫଳତଃ ଆଜି 'ଯୋଉଠି ଡାକ୍ତରୀ ପାଠ ହାରିଯାଏ, ସେଇଠି ସାହା ହୁଏ ଜଗତର ଠାକୁର ଜଗନ୍ନାଥ' ଉକ୍ତିଟି ସତ୍ୟ ସାବ୍ୟସ୍ତ ହୋଇଛି। ଏବେ ୮ ବର୍ଷୀୟ ନିଖିଲ କୋମାରୁ ବାହାରିବା ସହ ଚଳପ୍ରଚଳ ବି କରିପାରୁଛି। ଆଉ ପୁଅ ଶରୀରରେ ଏପରି ପରିବର୍ତ୍ତନ ଦେଖି ବାପା ଆଖି ଛଳଛଳ ହୋଇଯାଇଛି। କାଳିଆ ଠାକୁର ଆଗରେ ନତମସ୍ତକ ହେଇ ପୁଅକୁ ବଡ଼ଦାଣ୍ଡରେ ଗଡ଼ାଇ ଦେଇଛି ବାପା। ପୁଅକୁ ଚଳପ୍ରଚଳ କରୁଥିବା ଦେଖି ତାଙ୍କ ମନ ଭରିଯାଇଛି ଆଉ ବଡ଼ ଦେଉଳକୁ ସେ ଚାହିଁ ଠାକୁରକୁ ଛଳଛଳ ଆଖିରେ ଖାଲି କୃତଜ୍ଞତା ଜଣାଉଥିବା ଦେଖିବାକୁ ମିଳିଛି। ଆଉ ଜୀବନରେ ସେ କଦାପି କାଳିଆ ଋଣ ଶୁଝିପାରିବେନି ବୋଲି କହିବା ସହ ନିଜକୁ ସମର୍ପଣ କରିଦେଇଛନ୍ତି। ବାସ୍ତବରେ କାଳିଆ ଲୀଳାମୟ, ଆଉ ତା' ଲୀଳା ସହଜେ କେହି ବୁଝିପାରନ୍ତି ନାହିଁ, ଏହା କହିବା ବାହୁଲ୍ୟ ମାତ୍ର।

# ଧାନ ମଣ୍ଡି ଖର୍ଚ୍ଚରେ ୧୦ କୋଟିର ଗୋଳମାଳ



**ଯାଜପୁର,୨୨।୧୧(ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁର ଧାନକିଣା ଆସନ୍ତା ଜାନୁଆରୀ ୭ ତାରିଖରୁ ଆରମ୍ଭ ହେବାକୁ ଯାଜପୁର ଯୋଗାଣ ବିଭାଗର ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ନୂଆ କିଣା ଆରମ୍ଭ ପୂର୍ବରୁ ପୂର୍ବବର୍ଷର ମଣ୍ଡି ଖର୍ଚ୍ଚର ହିସାବ ଦେଖିଲେ ଚମକିଯିବା ଭଳି ଦୁର୍ନୀତିର ଚିତ୍ର ପରଦା ଫାସ୍ ହୋଇଛି। ଯୋଗାଣ ବିଭାଗ ଅନୁସାରେ, ଗତବର୍ଷ ଯାଜପୁର ଜିଲ୍ଲାରୁ ୨୦, ୫୪, ୩୦୫ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିଲା। ଏଥିରୁ ଆଶୀର୍ବାଦ ମିଲ୍ - ୭, ୦୩, ୮୭୫ ଟନ୍ କୃପାଳୁ ମିଲ୍ ୩, ୫୮, ୪୨୦ ଟନ୍ ଇଷ୍ଟର୍ଣ୍ଣ ରାଇସ୍ ମିଲ୍ ୨, ୪୫, ୬୪୭ ଟନ୍ ସନ୍ତୁକା ମିଲ୍ - ୨, ୨, ୩୨୦ ଟନ୍ ମହାବଳୀ ମିଲ୍ - ୧, ୭୮, ୭୮୮ ଟନ୍ ଅନ୍ୟାନ୍ୟ ମିଲ୍‌ମାନେ ବିଭିନ୍ନ ପରିମାଣରେ ଧାନ କିଣିଥିଲେ।ସେହିସହିତ ୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମାଧ୍ୟମରେ ମୋଟ ୧, ୧୨, ୫୪୬ ଟନ୍ ଧାନ କିଣାଯାଇଥିଲା। ଚାଷୀଙ୍କଠାରୁ ମିଲ୍‌କୁ ଧାନ ନିୟମ ଏବଂ ବାସ୍ତବତା, ଚାଷୀ ଧାନ ମଣ୍ଡିକୁ ଆଣିବେ। ମିଲର୍ ନିଜ ଖର୍ଚ୍ଚରେ ଓଜନ, ପ୍ୟାକିଂ, ଲୋଡିଂ ଓ ମିଲ୍‌କୁ ପରିବହନ କରିବେ। ଅଖା ବାବଦ ଟଙ୍କା ମଧ୍ୟ ଚାଷୀଙ୍କୁ ଦେବେ। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ! ଧାନର ମାନକୁ ନେଇ ପ୍ରାୟ ସମସ୍ତ ମଣ୍ଡିରେ ବିବାଦ, ଧାନକିଣା ବନ୍ଦ। ଟୋକନ୍ ବ୍ୟାଜ୍ୟାପ୍ତି ଭୟରେ

## ମିଲର୍‌ଙ୍କୁ ଅହେତୁକ ଅନୁକମ୍ପା!

ଚାଷୀମାନେ ନିଜ ଖର୍ଚ୍ଚରେ ଧାନ ମିଲ୍‌କୁ ନେବାକୁ ବାଧ୍ୟ।ତଥାପି ମିଲର୍‌ମାନେ ସରକାରଙ୍କଠାରୁ ମଣ୍ଡି ଖର୍ଚ୍ଚ ନେଉଛନ୍ତି ଏହାକୁ ନିୟମ ବିପରୀତ ଅନୁକମ୍ପା ବୋଲି ଚାଷୀମାନେ କହୁଛନ୍ତି। ୧୦ କୋଟି ୨୭ ଲକ୍ଷ ମଣ୍ଡି ଖର୍ଚ୍ଚ ପ୍ରଶ୍ନରେ ପ୍ରଶାସନ କେନ୍ଦ୍ର ସରକାର ନିୟମ ଅନୁସାରେ କ୍ୱିଣ୍ଟାଲ୍ ପିଛା ୫ ଟଙ୍କା ମଣ୍ଡି ଖର୍ଚ୍ଚ ମିଲର୍‌ମାନଙ୍କୁ ଦିଆଯାଏ। ଏହି ଭିତ୍ତିରେ ୨୦.୫୪ ଲକ୍ଷ ଟନ୍ ଧାନ ପାଇଁ ଯାଜପୁରରେ ମିଲର୍‌ମାନଙ୍କୁ ୧୦ କୋଟି ୨୭ ଲକ୍ଷ ୧୫ ହଜାର ୨୫୦ ଟଙ୍କା ଦିଆଯାଇଛି। ଚାଷୀଙ୍କୁ ନେଇଯିବା ଖର୍ଚ୍ଚ ନ କରିଥିଲେ ମଧ୍ୟ ଏହି ଟଙ୍କା କେମିତି ନେଲେଏହା ନେଇ ବଢ଼ିଛି ପ୍ରଶ୍ନଚିହ୍ନ, ଏ ନେଇ ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ କହିଛନ୍ତି କେନ୍ଦ୍ର ସରକାର କ୍ୱିଣ୍ଟାଲ୍ ପିଛା ୧୪.୪୦ ଟଙ୍କା ମଣ୍ଡି ଖର୍ଚ୍ଚ ଦେଉଛି। ଯାଜପୁରରେ ଏଥିରୁ ମିଲର୍‌ଙ୍କୁ ୫ ଟଙ୍କା, ୯ଏଏ ମାନଙ୍କୁ ୮.୪୦ ଟଙ୍କା ଦିଆଯାଇଛି। ମିଲର୍‌ମାନେ ସିଧାସଳଖ ଚାଷୀଙ୍କଠାରୁ ଧାନ ନେଇ ଖର୍ଚ୍ଚ ହାତେଇଥିଲେ, ଏହାର ତଦନ୍ତ କରାଯିବ" ବୋଲି ସେ କହିଛନ୍ତି। ଚାଷୀମାନଙ୍କ ସହ କରାଯାଇଥିବା ଏହି ଅନ୍ୟାୟ, ମଣ୍ଡି ଖର୍ଚ୍ଚରେ ଅଭିଯୋଗୀୟ 'କାଗଜୀ ଖେଳ' ଏବଂ ୧୦ କୋଟି ଟଙ୍କାର ସନ୍ଦେହଜନକ ବ୍ୟୟ ଯାଜପୁରର ଧାନକିଣା ପ୍ରଣାଳୀକୁ ପୁଣିଥରେ ସନ୍ଦେହ ଓ ଅସନ୍ତୋଷର କେନ୍ଦ୍ରବିନ୍ଦୁରେ ଆଣିଛି।

## ପୀରଜାହାନିଆ ସମୁଦ୍ର ଭିତରକୁ ନଯିବାକୁ ସଚେତନ କଲା ବନବିଭାଗ

● ସାବଧାନ ପୀରଜାହାନିଆ ନିକଟରେ ବୁଲୁଛି କୁମ୍ଭୀର



**କାକଟପୁର/ଅସ୍ତରଙ୍ଗ,୨୨।୧୧(ସଂଚାର ବ୍ୟୁରୋ):** ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ପୀରଜାହାନିଆ ସମୁଦ୍ର କୂଳରେ ଶୁକ୍ରବାର ସ୍ଥାନୀୟ ଯୁବକ କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖିବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟବାତାବରଣ ସୃଷ୍ଟି ହୋଇଛି। ପୀରଜାହାନିଆ ନିକଟ ସମୁଦ୍ର ମଧ୍ୟକୁ ନଯିବାକୁ ସଚେତନ କଲା ବନ ବିଭାଗ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ଦେହୁରୀ, ବନପାଳ କାଳୀ ଚରଣ ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନ ରେ କୁମ୍ଭୀର ଆତଙ୍କ ଖେଳି ଯିବା ପରେ ପର୍ଯ୍ୟଟକ ଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥିବା ପୀରଜାହାନିଆ ବେଳାଭୂମି ନିକଟରେ ସମୁଦ୍ର ସ୍ନାନ ଓ ସମୁଦ୍ର ଭିତରେ ପ୍ରବେଶ ବାରଣ କରିଛନ୍ତି ବନବିଭାଗ। ପର୍ଯ୍ୟଟକ ମାନଙ୍କୁ ଡାକବାଜି ଯନ୍ତ୍ର ଓ ସମୁଦ୍ର କୂଳରେ ଫ୍ଲେକ୍ସ ଲଗାଇ ସମୁଦ୍ର ମଧ୍ୟକୁ ପ୍ରବେଶ କୁ ବାରଣ କରିଛନ୍ତି। କାରଣ ଶୁକ୍ରବାର ଦେଖା ଯାଇଥିବା କୁମ୍ଭୀର ପାଇଁ ସମୁଦ୍ର ସ୍ନାନ ବାରଣ କରାଯାଇଛି।

## ଚାଷୀଙ୍କ ସମସ୍ୟାକୁ ବୁଝିଲେ ମାହାଙ୍ଗା ବିଧାୟକ ଶାରଦା


● କୃତଜ୍ଞତା ଜଣାଇଲେ ଚାଷୀ

**ନିଶ୍ଚିନ୍ତକୋଇଲି,୨୨।୧୧(ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଦ୍ୱାରା ୮(ବି-୨) କେନାଲର ପୁନଃଉଦ୍ଧାର ପାଇଁ ଶିଳାନ୍ୟାସ ହୋଇଯାଇଛି। ନତକାଇ ପଞ୍ଚାୟତ ସମିତିସଭ୍ୟା ସରସ୍ୱତୀ ରାଉତଙ୍କ ସଂଯୋଜନା କ୍ରମେ ଏହି କାର୍ଯ୍ୟକ୍ରମରେ ବିଧାୟକ ଶାରଦାପ୍ରସାଦ



ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୧୪୦ ମିଟରରୁ ଊର୍ଦ୍ଧ୍ୱ କେନାଲର ପୁନଃଉଦ୍ଧାର କାର୍ଯ୍ୟକୁ ଶିଳାନ୍ୟାସ କରିବା ସହିତ କିଭଳି ଭାବେ ଏହାକୁ ଖୁବ୍ ଶୀଘ୍ର କରାଯିବ ସେ ନେଇ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁପାଟଣା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ମଲିକ, ସହକାରୀ ଯନ୍ତ୍ରୀ ସୁଭଦ୍ରା ଓଝା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ପ୍ରାକ୍ତନ ଉପାଧକ୍ଷ ଅଶୋକ କୁମାର ଓଝା, ବରିଷ୍ଠ ଚାଷୀ ପ୍ରହ୍ଲାଦ ରାଉତ, ଯୁବ ଚାଷୀ ସନ୍ତୋଷ ରାଉତ, ପ୍ରତାପ ଚନ୍ଦ୍ର ରାଉତ, ପ୍ରମୋଦ ରାଉତ, ଦିଲ୍ଲିପ କୁମାର ରାଉତ, ଙ୍କ ସମେତ ବହୁ ଚାଷୀ ଓ ବିଧାୟକଙ୍କ ସମସର୍ଥକ ମାନେ ଉପସ୍ଥିତ ଥିଲେ। କେନାଲ ପୁନଃଉଦ୍ଧାର କାର୍ଯ୍ୟ ହେବା ଜାଣି ଏ ଅଞ୍ଚଳର ଚାଷୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଅଞ୍ଚଳ ଚାଷୀମାନେ ବିଧାୟକଙ୍କ ର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବା ନିମନ୍ତେ ଧୂମପାନ ଓ ପ୍ରଦୂଷଣ ଠାରୁ ଦୂରେଇ ରୁହନ୍ତୁ : ବିଶେଷଜ୍ଞ




**ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ):** ହୃଦରୋଗ ସମସ୍ୟା ଭଳି ଫୁସ୍‌ଫୁସ୍ ଜନିତ ସମସ୍ୟା ମଧ୍ୟ ମଣିଷ ଶରୀର ପାଇଁ ସମ ମାତ୍ରାରେ କ୍ଷତିକାରକ। ତେଣୁ ହୃଦ ସମସ୍ୟାର ଯତ୍ନ ନେବା ସହ ଫୁସ୍‌ଫୁସ୍ ପ୍ରତି ମଧ୍ୟ ସେତିକି ମାତ୍ରାରେ ଧ୍ୟାନ ଦେବା ଜରୁରୀ ବୋଲି କହିଛନ୍ତି ବିଶେଷଜ୍ଞ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗ ଓ ଓଡ଼ିଶା ଚେଷ୍ଟ ସୋସାଇଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଆଡଭାନ୍ସ ଇନ୍ ଲଙ୍ଗ ଫଙ୍କସନ୍ ଆସେସମେଣ୍ଟ' (ଆଲ୍‌ଫା) ଶୀର୍ଷକ ସିଏମଇ ପରିପ୍ରେକ୍ଷୀରେ ବିଭାଗୀୟ ମୁଖ୍ୟ ତଥା ଓଡ଼ିଶା ଚେଷ୍ଟ ସୋସାଇଟିର ସଭାନେତ୍ରୀ ପ୍ରଫେସର ଡାକ୍ତର ବନାନୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କହିଛନ୍ତି ଯେ ଫୁସ୍‌ଫସ୍‌ର ଯତ୍ନ ନେବା ସହ ଏହାକୁ ସୁସ୍ଥ ରଖିବା ନିମନ୍ତେ ଧୂମ୍ରପାନ ଓ ପ୍ରଦୂଷଣ ଠାରୁ ଦୂରେଇ ରହିବା ଆବଶ୍ୟକ। ପ୍ରଫେସର ଜେନା କହିଛନ୍ତି ଆମେ ହୃଦଜନିତ ସମସ୍ୟାର ଯେତିକି ଚିକିତ୍ସା ବା ପରୀକ୍ଷା କରିଥାଉ ସେତିକି ମାତ୍ରାରେ ଫୁସଫୁସର ଯତ୍ନ ନେଇ ନଥାଉ। ତେବେ ଅନେକ ଅତ୍ୟାଧୁନିକ ଫୁସ୍‌ଫୁସ୍ ଜନିତ ପରୀକ୍ଷା ରହିଥିବା ବେଳେ ଏହା ବ୍ୟବହାର କରି ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବା ନେଇ ସଚେତନତା ବାର୍ତ୍ତା ଦେବା ଏହି ସିଏମ୍‌ଇର ଲକ୍ଷ୍ୟ ବୋଲି ପ୍ରଫେସର ଜେନା କହିଛନ୍ତି।

### ଗୁଗୁଲ୍ ମ୍ୟାପ୍ ଦେଖାଇଲା ଭୁଲ ରାସ୍ତା

## ଘାଟି ତଳକୁ ଖସି ପଡ଼ିଲା ପରିବା ବୋଝେଇ ଟ୍ରକ୍

**ଚାଳକଙ୍କ ସହ ୨ଜଣ ଗୁରୁତର**

**ଦାରିଙ୍ଗବାଡି, ୨୨।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଦେଇ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଯାଉଥିବା ଏକ ପରିବା ବୋଝେଇ ଟ୍ରକ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ଗୁରୁତର ୨ ହେଲେ ମଧ୍ୟପ୍ରଦେଶର ମୁଲତେଇସେ ଅଞ୍ଚଳର ଗାଡି ଚାଳକ ଆକାଶ କୁମ୍ରେ ଏବଂ ନନ୍ଦୁ। ଶୁକ୍ରବାର ସେମାନଙ୍କୁ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ଅଧିକା ଚିକିତ୍ସା ପାଇଁ ନେବାକୁ ପରାମର୍ଶ କରିଛନ୍ତି। ଅନ୍ୟ ଜଣେ ଆହତ ବ୍ୟକ୍ତି ସେହି ଅଞ୍ଚଳର ମନୋଜ ଟାଇବେଲ ବୋଲି ଜଣାପଡିଛି। ମନୋଜ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ମନୋଜଙ୍କ ଦୁର୍ଘଟଣା ନେଇ କହିଛନ୍ତି ଯେ, ସେମାନେ ଏକ ଟ୍ରକ (ନଂ- ଏମ୍ଏଚ୍ ୪୦ ଡିସି ୨୧୭୦)ରେ ବନ୍ଧା କୋବି ନେଇ ମଧ୍ୟପ୍ରଦେଶରୁ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବାହାରିଥିଲେ। ତେବେ ଗୁଗୁଲ୍ ଦେଖି ଆସୁଥିବାରୁ ବାଟବଣା ହୋଇଥିଲେ।

## ଉତ୍ତମ ସମ୍ପର୍କ ସହ ଶାନ୍ତି ଶୃଙ୍ଖଳାରେ ଚଳିବା

● ପୁଲିସ ଓ ସାଧାରଣ ଜନତା ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ




**କାକଟପୁର/ଅସ୍ତରଙ୍ଗ, ୨୨।୧୧(ସଂଚାର ବ୍ୟୁରୋ):** ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ଏହା ଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନି ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଂଚିବାକୁ ରୋକିବା ସହ ସନ୍ଦିଗ୍ଧ ଙ୍କୁ ପ୍ରତିହତ ପାଇଁ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ୫ମେ ୨୦୧୪ମସିହାରେ ସ୍ଥାପିତ ହୋଇଛି।ଗଭୀର ସମୁଦ୍ରକୁ ଯାଇଥିବା ବେଳେ ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡେ, ତେବେ ତୁରନ୍ତ ଏ ନେଇ ପୁଲିସକୁ ସୂଚନା ଦେବା ସହ ସାମୁଦ୍ରିକ ଥାନା ପୋଲିସ ଓ ଜନସାଧାରଣ ସୁସମ୍ପର୍କ ରଖିବା ପାଇଁ ଶନିବାର ପୂର୍ବାହ୍ନ ରେ ମୁଖ୍ୟ ଅତିଥି ପୁରୀ ଏସ୍ପି ପ୍ରତୀକ ସିଂ, ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେପୁଲିସ କମ୍ୟୁନିଟି ରେ କାର୍ଯ୍ୟକ୍ରମ ମତଦେଇଥିଲେ। ଖବର ମୁତାବକ ଶନିବାର ପୂର୍ବାହ୍ନ ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ପୁରୀ ଏସ୍ପି ପ୍ରତୀକ ସିଂ, ମୁଖ୍ୟବକ୍ତା ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ସଂମାନୀତ ଅତିଥି ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ, ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ



**ହିଞ୍ଜିଳିକାଟୁ, ୨୨।୧୧(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ଶ୍ରୀକାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓ ପୌରାଞ୍ଚଳର ଯକ୍ଷ୍ମା ରୋଗୀଙ୍କୁ ନିୟମିତ ଔଷଧ ସେବନ ସହିତ ପୁଷ୍ଟିକର ଆହାର ସେବନ ପାଇଁ ପରାମର୍ଶ ଦେବା ସହିତ ଯକ୍ଷ୍ମା ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ଼ା. ସନ୍ତୋଷ ଷଡ଼ଙ୍ଗୀ, ଡ଼ା. ତପନ ମଲ୍ଲ, ସଂଯୋଜକ ବିଦେଶୀ ଜେନା, ଯକ୍ଷ୍ମା ଅଧିକାରୀ ରାଜ କୁଅଁର, ପି.ଗୋପାଳ ରେଡ୍ଡୀ, ଅଶୋକ ମିଶ୍ରଙ୍କ ସମେତ ମେଡିକାଲର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ କୁହାଯାଇଛି।

## ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ



**ବ୍ରହ୍ମପୁର,୨୨।୧୧(ସଂଚାର ବ୍ୟୁରୋ):** ଲକ୍ଷ୍ମଣ ନାୟକ ଓଡ଼ିଶାର ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଗାଁ ଗାଁ ବୁଲି ସ୍ୱାଧୀନତା ଅହିଂସାର ବାର୍ତ୍ତା ପ୍ରଚାର କରୁଥିଲେ ଯାହା ବ୍ରିଟିଶ ମାନଙ୍କୁ ଅସୁବିଧା କରୁଥିଲା। ଶୋଷିତ, ଅତ୍ୟାଚାରିତ ଆଦିବାସୀଙ୍କୁ ମୁକ୍ତ କରିବା ପାଇଁ ସେ ସ୍ୱର ଉତୋଳନ କରିଥିଲେ। ସେ ୧୮୯୯ ମସିହା ନଭେମ୍ବର ୨୨ ତାରିଖରେ କୋରାପୁଟର ତେନ୍ତୁଲିଗୁମା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଜନ୍ମ ଜୟନ୍ତୀକୁ ଚିର ସ୍ମରଣୀୟ କରିବା ପାଇଁ ଆଜି ବ୍ରହ୍ମପୁର ସ୍ଥିତ ମଣ୍ଡଳ କାରାଗାରରେ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇଥିଲେ। ଅନ୍ୟତମ ଅତିଥି ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ, ଜେଲର ଲକ୍ଷ୍ମୀକାନ୍ତ ଧଙ୍ଗଡ଼ା ମାଝି ଉପସ୍ଥିତ ରହିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜନ



**ଫୁଲବାଣୀ,୨୨।୧୧(ସଂଚାର ବ୍ୟୁରୋ):** ଗତକାଲି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକ ସ୍ତରୀୟ ବିଜ୍ଞାନମେଳାର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁରଙ୍କ ଅଧକ୍ଷତାରେ ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସେହିପରି ଭାବରେ ଉଦଯାପନୀ ଉତ୍ସବରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ମୀନା କୁମାରୀ ଦିଗାଲ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସିମାଞ୍ଚଳ, ଏବିଇଓ ସିମାଦ୍ରୀ କହଁର, ଏବିଇଓ ଧନେଶ୍ୱର କହଁର, ସଭାପତି, ଜିଲ୍ଲା ଶିକ୍ଷକ ସଂଘ ସନ୍ତୋଷ କୁମାର ଦିଗାଲ, ସଭାପତି, ବ୍ଲକ ଶିକ୍ଷକ ସଂଘ ଦିନେଶ ବେହେରା, ସଭାପତି, ଏନପିଏସ୍ ବ୍ଲକ ଶିକ୍ଷକ ସଂଘ ସରୋଜ ସେଠୀ ଯୋଗଦେଇ ଥିଲେ। ବାଲ୍ ପ୍ରଦର୍ଶନୀରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ୭ଗୋଟି ଉପ ବିଷୟରୁ ୭ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇ ଶ୍ରେଷ୍ଠ ୭ ଜଣ କୁନି ବୈଜ୍ଞାନିକ, ବିଜ୍ଞାନ ମେଳା କନିଷ୍ଠ ବର୍ଗରୁ ଶ୍ରେଷ୍ଠ ୩ ଜଣ ଏବଂ ବରିଷ୍ଠ ବର୍ଗରୁ ଶ୍ରେଷ୍ଠ ୩ ଜଣଙ୍କୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମତିଥି ପାଳିତ



**ନବରଙ୍ଗପୁର,୨୨।୧୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା, ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୯.୦୦ ଘ ସମୟରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତର୍ପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଅଧ୍ୟକ୍ଷ, ପୌରପାଳିକା କୁନୁ ନାୟକ, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସଭାପତି, ଉତ୍କଳ ପରିଷଦ ବିଜୟ କୁମାର ଚୌଧୁରୀ, ସମ୍ମାନୀତ ଅତିଥି ରୂପେ ଓକିଲ ସଂଘ ସଭାପତି ସିରାଜ ଅହମ୍ମଦ, ନିର୍ବାହୀ ଅଧିକାରୀ ପୌରପାଳିକା ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଯୋଗ ଦେଇଥିଲେ।

## ପାରାଦୀପ ଡ୍ରମ୍ପର ମାଲିକ ସଙ୍ଘର ନିର୍ବାଚନ!

**ପାରାଦ୍ୱୀପ,୨୨।୧୧(ସଂଚାର ବ୍ୟୁରୋ):** ପାରାଦୀପ ଡ୍ରମ୍ପର ମାଲିକ ସଂଘର ନିର୍ବାଚନ। ଦୁଇଟି ପଦ ପାଇଁ ପ୍ରାର୍ଥୀ ମନୋନୀତ ହୋଇଥିବା ବେଳେ ତିନୋଟି ପ୍ରାର୍ଥୀଙ୍କ ପାଇଁ ହେଉଛି ନିର୍ବାଚନ। ଏହି ସଂଘରେ ମୋଟ ୩୮୫ ଜଣ ମାଲିକ ଥିବା ବେଳେ ଦ୍ୱିମୁଖି ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଜଣାପଡ଼ିଛି। ନିଜ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କ ପାଖରେ ପହଁଚି ପ୍ରାର୍ଥୀ ମାନେ ପ୍ରଚାର କରୁଥିବା ମଧ ଜଣାପଡ଼ୁଛି।

## ପାରାଦୀପରେ ଚେକିଂ କଡାକଡି!



**ପାରାଦ୍ୱୀପ,୨୨।୧୧(ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପରେ ଏବେ ଗାଡି ଚେକିଂ ଜୋରଦାର ହେଉଥିବା ଦେଖିବାକୁ ମିଳିଛି। ପାରାଦୀପରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଓ ମଦ୍ୟପ ଗାଡି ଚାଳକଙ୍କୁ ସାବାଡ କରିବା ଲକ୍ଷ୍ୟ ନେଇ ଏହି ଚେଂକିଙ୍ଗ କରାଯାଉଛି। ଜଗତସିଂହପୁର ଜିଲ୍ଲା କନିଷ୍ଠ ଏମଭିଆଇ ମନୋରମା ମାଝୀଙ୍କ ନେତୃତ୍ୱରେ ଏକ ଟିମ ପାରାଦୀପରେ ଡେରା ପକାଇ ଚେକିଂ ଆରମ୍ଭ କରୁଛନ୍ତି। ସ୍କୁଲ ପିଲା ମାନଙ୍କୁ ନେଇ ଯାଉଥିବା ଗାଡି ଗୁଡିକର କାଗଜପତ୍ର ଠିକ ନଥିବା ଓ ଅନେକ ମଦ୍ୟପ ଚାଳକଙ୍କୁ ଆଜି ଅଟକାଇ ସେମାନଙ୍କୁ ନିର୍ଧାରିତ ଧାର୍ଯ୍ୟ ଜୋରିମାନା କଟାଯାଇଛି। ଅନେକ ଚାଳକ ଏହି ଚେଂକିଂ ଦେଖି ଗାଡି ବୁଲାଇ ପଳାଉଥିବା ଓ ଅନେକ ଘରୁ ବାହାରୁ ନଥିବା ମଧ ଜଣାପଡ଼ିଛି। ବେଲ୍ଟ ଲାଇନ, ଅଠରବାଙ୍କି, ନେହେରୁବଙ୍ଗଳା, ଜିରୋ ପଏଣ୍ଟ ଛକରେ ଆଗକୁ ଲଗାତାର କଡା ଚେକିଂ କରାଯିବ ବୋଲି କନିଷ୍ଠ ଏମଭିଆଇ ପ୍ରକାଶ କରିଛନ୍ତି।

## ଶୈକ୍ଷିକ ବାତାବରଣ ସହ ପ୍ରଶିକ୍ଷଣ ପ୍ରୋତ୍ସାହନ ଆବଶ୍ୟକ



**କାକଟପୁର/ଅସ୍ତରଙ୍ଗ, ୨୨।୧୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଜନତା ଉଚ୍ଚ ବିଦ୍ୟାଳୟ, ବନ୍ତିଲୋ ରେ ୩୪ତମ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଉଦ୍‌ଘାଟକ ଭାବେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ରେ ବ୍ଲକ ଟପ୍ପର ଛାତ୍ରୀ ଦିବ୍ୟାଶ୍ରୀ ଦାଶ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାଏକ, ମୁଖ୍ୟ ବକ୍ତା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ସଂମ୍ମାନିତ ଅତିଥି ମଣ୍ଡଳ ସହଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ଓଷ୍ଟା ସଙ୍ଘ ଅସ୍ତରଙ୍ଗ ବ୍ଲକ ସମ୍ପାଦକ ସନ୍ତୋଷ କୁମାର ଦାଶ, ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଶ୍ରୀଯୁକ୍ତ ବିପିନ କୁମାର ମହାନ୍ତି, ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ କମିଟି ସାଙ୍ଗଠନିକ ସମ୍ପାଦକ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କଣ, କାହିଁକି ଓ କିପରି ପ୍ରଶ୍ନରୁ ହିଁ ଆରମ୍ଭ ହୋଇଥାଏ ବିଜ୍ଞାନ। ଏକ ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ମନୋଭାବ ନେଇ ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଛାତ୍ର, ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରି ପାରିଲେ ବିଜ୍ଞାନ ମେଳା ସାର୍ଥକ ହେବ ବୋଲି ସଭାପତି ତଥା ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ମତବ୍ୟକ୍ତ କରିଥିଲେ।

### ଶିଶୁ ଅଣ୍ଟାରେ ବଢୁଛି ମାଂସ ପିଣ୍ଡୁଳା

# ଚିକିତ୍ସାରେ ଅର୍ଥାଭାବ ସାଜିଛି ବାଧକ



**ଫୁଲବାଣୀ, ୨୨।୧୧(ସଂଚାର ବ୍ୟୁରୋ):** ଜନ୍ମ ହେବାର ମାତ୍ର ମାସେ ହେଉଛି । ଶିଶୁ ଟିର ଅଣ୍ଟା ରେ ଅସ୍ୱାଭାବିକ ଭାବରେ ବଢ଼ିବାରେ ଲାଗିଛି ଏକ ମାଂସ ପିଣ୍ଡୁଳା ସେପଟେ ଅର୍ଥ ଅଭାବ ପାଇଁ ଶିଶୁ ଟିର ଚିକିତ୍ସା ରେ ବାଧା ସୃଷ୍ଟି ହେଉଛି ଶିଶୁ ଟି ବାପା ଓ ମା ଙ୍କ ପ୍ରଥମ ସନ୍ତାନ ହୋଇଥିବା ବେଳେ ଶିଶୁ ପାଇଁ ପୁରା ଚିନ୍ତାରେ ପଡିଯାଇଛନ୍ତି ପୁରା ପରିବାର ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ବ୍ଲକ ଅଧୀନରେ ଥିବା ଗଞ୍ଜୁଗୁଡା ପଞ୍ଚାୟତ ର କେନ୍ଦ୍ରିଗୁଡା ଗାଁ ରେ । ସୂଚନା ଅନୁସାରେ ଏହି ଗାଁ ର ବିନୋଦ ଦିଗାଲ ନାମକ ଜଣେ ବ୍ୟକ୍ତି ଙ୍କ ଝିଅ ପଦ୍ମିନୀ ଦିଗାଲ ମୟୁରଭଞ୍ଜ ଜିଲ୍ଲା ଝାସୀପୁରା ଅଂଚଳର ହୃଷୀ କେସ ବେହେରା ନାମକ ଜଣେ ଯୁବକ ଙ୍କୁ ବିବାହ କରିଥିଲେ ବର୍ତ୍ତମାନ ହୃଷୀକେସ ବ୍ରହ୍ମପୁର ର ଏକ ଘରୋଇ କମ୍ପାନୀ ମଜୁରୀ କମ କରୁଛନ୍ତି । ତେବେ ବିବାହ ର ବର୍ଷେ ପରେ ଗତ ଅକ୍ଟୋବର ସତର ତାରିଖ ବ୍ରହ୍ମପୁର ର ଏକ ଘରୋଇ ମେଡିକାଲ ରେ ପଦ୍ମିନୀ ଦିଗାଲ ଏକ କନ୍ୟା ସନ୍ତାନ କୁ ଜନ୍ମ ଦେଇଥିଲେ । କିନ୍ତୁ ଜନ୍ମ ହେବା ପରେ ଶିଶୁଟିର ପଛ ପଟ ଅଣ୍ଟା ରେ ଏକ ଛୋଟ ମାଂସ ପିଣ୍ଡୁଳା ଥିବାର ଦେଖିବାକୁ ମିଳିଥିଲା। ପ୍ରସବ କରିଥିବା ଡାକ୍ତର ମଧ ଏହି ମାଂସ ପିଣ୍ଡୁଳା ଟି କିଛି ହେବ ନାହିଁ ବୋଲି କହିଥିଲେ । ଡାକ୍ତର ଙ୍କ କଥା ଶୁଣି ଟିକୁ ଧରି ପଦ୍ମିନୀ ତାଙ୍କ ସ୍ୱାମୀ ପଦ୍ମିନୀ ଙ୍କ ବାପା ଘର କେନ୍ଦ୍ରିଗୁଡା କୁ ଚାଲି ଆସିଥିଲେ । କିନ୍ତୁ ଦୁଃଖର ବିଷୟ ଶିଶୁ ଟିର ବୟସ ବଢିବା ସାଙ୍ଗକୁ ଶିଶୁଟିର ଅଣ୍ଟା ରେ ବଢୁଥିବା ମାଂସ ପିଣ୍ଡୁଳା ବଢ଼ିବଢ଼ି ଚାଲିଛି। ଗତ ମାସେ ଭିତରେ ଶିଶୁ ଟିର ପରିବାର ଲୋକେ କଟକ ଭୁବନେଶ୍ୱର ଠାରୁ ଆରମ୍ଭ କରି ଅନେକ ଡାକ୍ତର ଖାନରେ ଦେଖାଇ ସାରିଲେଣି ଯାହା ସଂଚୟ କରି ରଖିଥିଲେ ସବୁ ସାରିଲାଣି କୁଲି ମଜୁରୀ କରି ପରିବାର ପରିପୋଷଣ କରୁ ଥିବା ପଦ୍ମିନୀ ଓ ତାଙ୍କ ସ୍ୱାମୀ ଙ୍କ ପକ୍ଷେ ଶିଶୁ ଟିର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ ସମ୍ଭବ ହୋଇପାରୁନାହିଁ ସେପଟେ ମାଂସ ପିଣ୍ଡୁଳା ପଢିବାରେ ଲାଗିଥିବା ବେଳେ ଯନ୍ତ୍ରଣା ରେ ଛଟପଟ ହେଉଛି ଏହି ମାସକର କଅଁଳା ଶିଶୁ ଟି ଶିଶୁ ର ଚିକିତ୍ସା ପାଇଁ ସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି ଶିଶୁ ଟିର ମା ଓ ପରିବାର ଲୋକଙ୍କ ସହ କେନ୍ଦ୍ରିଗୁଡା ଗ୍ରାମବାସୀ ଶିଶୁଟିର କଷ୍ଟ ଦେଖିଲେ ଯେକେହି ହେଉନା କାହିଁକି କାନ୍ଦି ପକାଉଛି । ସରକାରୀ ସହାୟତା ଯୋଗାଇ ଦେଲେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଏହି କଅଁଳା ଶିଶୁ ଟିର ଜୀବନ ବଞ୍ଚି ଜାଇ ପାରନ୍ତା ଅନ୍ୟପଟେ ଏଭଳି ପରିସ୍ଥିତି ରେ ଏହି ଗରିବ ଅସହାୟ ପରିବାର ଲୋକଙ୍କୁ ସରକାର ସହଯୋଗ କରିବା ଏବେ ଜରୁରୀ ହୋଇ ପଡ଼ିଥିବା ବେଳେ ଶିଶୁ ର ପରିବାର ଲୋକଙ୍କୁ ସହଯୋଗ କରିବା ପାଇଁ ଗ୍ରାମବାସୀ ମଧ ଦାବି କରିଛନ୍ତି ।

## ୧୩ ମହାନଗର ମହୋତ୍ସବର ଲୋଗୋ ଉନ୍ମୋଚିତ

● ସାହିତ୍ୟ, କଳା, ସଂସ୍କୃତି ପୁନରୁଦ୍ଧାର ଲକ୍ଷ୍ୟ



**ବ୍ରହ୍ମପୁର,୨୨।୧୧(ସଂଚାର ବ୍ୟୁରୋ):** ଜାନୁଆରୀ ୯ ତାରିଖରୁ ୧୮ ତାରିଖ ଦୀର୍ଘ ୧୦ ଦିନ ବ୍ୟାପୀ ସେଣ୍ଟ ଷ୍ଟିଫେନ୍ ଚର୍ଚ୍ଚ ପଡ଼ିଆ ଠାରେ ଆୟୋଜିତ ହେବ ୧୩ ତମ ବ୍ରହ୍ମପୁର ମହାନଗର ମହୋତ୍ସବ। ଏହି ଅବସରରେ ଶନିବାର ଷ୍ଟେସନ୍ ରୋଡ ସ୍ଥିତ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷ ପରିସରରେ ଏକ ପ୍ରସ୍ତୁତି ବୈଠକ ସହ ଲୋଗୋ ଉନ୍ମୋଚନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇ ଲୋଗୋ ଉନ୍ମୋଚନ କରିବା ସହ ଏହି ମହୋତ୍ସବକୁ ଐତିହାସିକ ମହୋତ୍ସବ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ରଖିଥିଲେ। ସେହିପରି ଅନ୍ୟତମ ଅତିଥି ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି କହିଛନ୍ତି ଏଠାରେ କଳା ଓ ସଂସ୍କୃତିର କାର୍ଯ୍ୟକ୍ରମ ସହ ସାହିତ୍ୟ ଚର୍ଚ୍ଚା ହେଉଥିବାରୁ ନିଶ୍ଚିତ ଭାବେ ସମସ୍ତ ବର୍ଗର ଜନସାଧାରଣଙ୍କ ଦ୍ୱାରା ଏହା ଆଦୃତ ହୋଇପାରିବ। ଅନ୍ୟ ଅତିଥିଙ୍କ ମଧ୍ୟରେ ୟୁନିୟନ୍ କ୍ଲବ୍ ସଭାପତି ଭି.ସନ୍ତୋଷ କୁମାର, ସମ୍ପାଦକ ପାର୍ଥ ପାଢ଼ୀ, ପ୍ରେସ୍ କ୍ଲବ୍ ସଭାପତି ଅଶୋକ କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ସହରରେ ଗତ ୧୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ମହାନଗର ମହୋତ୍ସବ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି ଓ ସାହିତ୍ୟର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

# ଟ୍ରେଜେରିର ପୂର୍ବତନ ବରିଷ୍ଠ କିରାଣି ଗିରଫ

- ୬୮.୮୫ ଲକ୍ଷ ହେରଫେର ଅଭିଯୋଗ
- ଦୁଇ ବର୍ଷ ହେଲା ଫେରାର୍ ଥିଲେ

ଭୁବନେଶ୍ୱର,୨୨।୧୧(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ହିନ୍ଦୋଳ ସବ-ଟ୍ରେଜେରିର ପୂର୍ବତନ ବରିଷ୍ଠ କିରାଣି ମନୋରଞ୍ଜନ ସାହୁ ୬୮.୮୫ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ସକାଶେ ଗତ ଦୁଇ ବର୍ଷ ହେଲା ଫେରାର ଥିଲେ। ଅଭିଯୁକ୍ତ ମନୋରଞ୍ଜନ ସାହୁ ପରିବାର ପେନସନ ଧାରକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ପାଣ୍ଠିରୁ ୬୮ ଲକ୍ଷ ୮୫ ହଜାର ୪୯୭ ଟଙ୍କା ହେରଫେର କରିଥିଲେ। ଏହି ଅର୍ଥକୁ ସେ ପରେ ପେନସନଭୋଗୀଙ୍କ ଆକାଉଣ୍ଟରେ ଟଙ୍କା ଜମା ନ କରି ନିଜର ଓ ତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ଗତକାଲି ରାତିରେ ସଦର ଥାନା ଅନ୍ତର୍ଗତ ସାଇଁବିରି ଗାଁ ନିକଟରୁ ତାଙ୍କୁ ଢେଙ୍କାନାଳ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଶ୍ରୀ ସାହୁ ଗତ ୨୦୨୩ରେ ହିନ୍ଦୋଳ ଟ୍ରେଜେରିରେ କାର୍ଯ୍ୟ କରୁଥିବା ସମୟରେ ୬୮ ଲକ୍ଷ ୮୫ ହଜାର ୪୯୭ ଟଙ୍କାର ଘୋଟାଲା କରିଥିଲେ। କିଛି ଦିନ ସେ ସବ୍-ଟ୍ରେଜେରି ଅଫିସର ଦାୟିତ୍ୱରେ ଥିବା ବେଳେ ଏହି ଦୁର୍ନୀତି କରିଥିଲେ। ପରେ ତାଙ୍କୁ ଭୁବନ ବ୍ଲକ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ନିଲମ୍ବିତ କରାଯିବା ସହ ମାମଲାକୁ ଭିଜିଲାନ୍ସକୁ ହସ୍ତାନ୍ତର କରାଯାଇଥିଲା। ଗତ ୨୦୨୪ରେ ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇ ଢେଙ୍କାନାଳ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଥିବା ସମୟରେ ଶ୍ରୀ ସାହୁ ଫେରାର ହୋଇଯାଇଥିଲେ। ଫଳରେ ଭିଜିଲାନ୍ସ କୋର୍ଟରୁ ତାଙ୍କ ନାମରେ ଗିରଫ ୱାରେଣ୍ଟ ଜାରି ହୋଇଥିଲା। ଶ୍ରୀ ସାହୁ ତାଙ୍କ ଗାଁ ସଦର ଥାନା ଅନ୍ତର୍ଗତ ସାଇଁବିରିକୁ ଆସିଥିବା ବେଳେ ଭୁବନେଶ୍ୱର ପଳାଇ ଯାଉଥିବା ସମୟରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

## ତିନି ପୂର୍ବତନ ଅଧିକାରୀଙ୍କୁ ଜେଲ୍‌ଦଣ୍ଡାଦେଶ

ଲାଞ୍ଚ ଗ୍ରହଣ ଓ ଦୁର୍ନୀତି ମାମଲାରେ ଆଜି ଭିଜିଲାନ୍ସ କୋର୍ଟରେ ୩ ଜଣ ପୂର୍ବତନ ଅଧିକାରୀଙ୍କୁ ଜେଲ୍‌ଦଣ୍ଡାଦେଶ ହୋଇଛି। ଦଣ୍ଡାଦେଶ ପାଇଥିବା ୩ ପୂର୍ବତନ ଅଧିକାରୀ ହେଲେ କୃଷି ବିଭାଗର ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର, ଜଳସମ୍ପଦ ବିଭାଗର ବ୍ୟକ୍ତିଗତ ସଚିବ ବେଣୁଧର ମହାନ୍ତି ଏବଂ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ତଥା ସମ୍ପାଦିକା ପ୍ରଭାତୀ କୁମାରୀ ଦେବୀ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ କୃଷି ବିଭାଗର ପୂର୍ବତନ ଯୁଗ୍ମ ସଚିବ, ଜଳସମ୍ପଦ ନିର୍ଦ୍ଦେଶକଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବଙ୍କୁ ୩ ବର୍ଷ ଲେଖାଏଁ ଜେଲ ସହ ଜରିମାନା ପଇଠ କରିବା ସକାଶେ ଦଣ୍ଡାଦେଶ ଶୁଣାଇଛନ୍ତି। ତତ୍କାଳ ପାସପୋର୍ଟ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀଙ୍କଠାରୁ ସାର୍ଟିଫିକେଟ ଯାଞ୍ଚ ପାଇଁ ଲାଞ୍ଚ ନେଇ ଉଭୟ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେହିପରି କନ୍ଧମାଳ ଅନ୍ତର୍ଗତ ବାଲିଗୁଡ଼ା ବ୍ଲକ୍ ଏସ୍‌ଇସି ସୀତାପଦି ପପ୍‌ସ ର ପୂର୍ବତନ ସମ୍ପାଦିକା ତଥା ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦେବୀ ସୀତାପଦି ସ୍କୁଲ୍ କୋଠା ନିର୍ମାଣ ବାବଦ ଅର୍ଥ ହଡ଼ପ କରିଥିଲେ। ଏହି ମାମଲାରେ ତାଙ୍କୁ ଆଜି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ପଇଠ କରିବାକୁ ଆଦେଶ ଦେଇଛନ୍ତି।



ଶନିବାର ନୂଆଦିଲ୍ଲୀରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି।

# ଦୁର୍ଘଟଣାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ଭଦ୍ରକ, ୨୨।୧୧(ସଂଚାର ବ୍ୟୁରୋ): ବସ୍ ଧକ୍କାରେ ୨ ଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅନ୍ତର୍ଗତ ଚାନ୍ଦବାଲି ରାସ୍ତାର କମାରିଆ ଛକ ନିକଟରେ ଆଜି ପୂର୍ବାହ୍ନରେ ଏହି ଦୁର୍ଘଟଣା ଘଟିଛି। ୨ ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି। ଖବର ପାଇ ପୀରହାଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଧିକ ପଚରା ଉଚରା ପାଇଁ ବସ୍ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତେଜନା ପ୍ରକାଶ ପାଇଛି।

● ସରଣ୍ଡାକୁ ଚାରିପଟୁ ଘେରିଛନ୍ତି ସିଆରପିଏଫ୍ ଯବାନ

# ଟାର୍ଗେଟରେ ରହିଛି ମିସିର ବେଶ୍ରା



ସୁନ୍ଦରଗଡ଼/ ବିଶ୍ରା, ୨୨।୧୧ (ସଂଚାର ବ୍ୟୁରୋ): ଦେଶରେ ନକ୍ସଲବାଦ ବିରୋଧରେ ଏକ ପ୍ରକାର ଶେଷ ଯୁଦ୍ଧ ଚାଲିଛି କହିଲେ ଭୁଲ ହେବ ନାହିଁ। ଛତିଶଗଡରେ ସୁରକ୍ଷାବଳଙ୍କ ଦ୍ୱାରା ନକ୍ସଲମାନଙ୍କୁ ଲକ୍ଷ୍ୟ କରି ନିରନ୍ତର ଅଭିଯାନ ଚାଲିଛି। ଏହି କ୍ରମରେ ଦେଶର ସବୁଠାରୁ କୁଖ୍ୟାତ ନକ୍ସଲ କମାଣ୍ଡର ହିଡମା ମଧ୍ୟ ପ୍ରାଣ ହରାଇଛି। ଏହି ଘଟଣା ପରେ ଏବେ ଝାରଖଣ୍ଡର ସାରଣ୍ଡା ଜଙ୍ଗଲକୁ ଘେରି ମାଓ ବିରୋଧୀ ଅଭିଯାନକୁ ତୀବ୍ର କରିଦେଇଛି ସିଆରପିଏଫ୍ ଏବଂ ଜିଲ୍ଲା ପୁଲିସ। ସରଣ୍ଡା ଜଙ୍ଗଲରେ ଆତ୍ମଗୋପନ କରି ରହିଥିବା ଏକ କୋଟିର ଇନାମି ମାଓବାଦୀ ମିସିର ବେସରାକୁ ଟାର୍ଗେଟ କରି ସୁରକ୍ଷାବଳ ଏବେ ଅଭିଯାନକୁ ଜୋରଦାର କରିଛି।

ଉଲ୍ଲେଖନୀୟ ଯେ, ସାରଣ୍ଡା ଜଙ୍ଗଲ ଲମ୍ବା ସମୟ ଧରି ନକ୍ସଲମାନଙ୍କର ଗଡ଼ ବୋଲି ଚିହ୍ନିତ ହେଇଛି। ଏହି ଜଙ୍ଗଲରେ ଲୁଚି ରହିଛି ମାଓ ନେତା ମିସିର ବେସରା, ଅସୀମ ମଣ୍ଡଳ, ଅନଲ ଦା ସହ ଅନେକ କୁଖ୍ୟାତ ନକ୍ସଲ ନେତା। ଯେଉଁମାନଙ୍କୁ ଧରିବା ପାଇଁ ୧୦ ହଜାରରୁ ଅଧିକ ସୁରକ୍ଷା ଯବାନ ଏହି ମାଓ ବିରୋଧୀ ଅଭିଯାନରେ ସାମିଲ ହେଇ ଥିବା ସୂତ୍ରରୁ ଜଣାପଡ଼ିଛି। ପ୍ରତିଦିନ ଏହି ମାଓବାଦୀମାନଙ୍କୁ ଟାର୍ଗେଟ କରି ଯବାନମାନେ ଜଙ୍ଗଲରେ ଆଗକୁ ବଢ଼ୁଛନ୍ତି। ପୁଲିସ ବିଭାଗର ବଡ଼ ଅଧିକାରୀମାନେ ମଧ୍ୟ କହିଛନ୍ତି ଯେ, ଖୁବ୍ ଶୀଘ୍ର ଏହି ମାଓବାଦୀଙ୍କୁ ଶେଷ କରି ସରଣ୍ଡା ଜଙ୍ଗଲକୁ ମାଓ ମୁକ୍ତ କରାଯିବ। ମାଓବାଦୀଙ୍କ ବିରୋଧରେ ଚାଲିଥିବା ଏହି ଅଭିଯାନରେ ସିଆରପିଏଫ, କୋବ୍ରା, ଜାଗୁଆର ଏବଂ ଜିଲ୍ଲା ପୁଲିସ ଏକତ୍ରିତ ଭାବେ କାର୍ଯ୍ୟାନୁଷ୍ଠାନ କରିବାରେ ଲାଗି ପଡ଼ିଛି। ଗତ କିଛି ଦିନ ମଧ୍ୟରେ ଝାରଖଣ୍ଡରେ ନକ୍ସଲ ବିରୋଧୀ ଅଭିଯାନରେ ପୁଲିସ ବିଭାଗକୁ ଅନେକ ବଡ଼ ସଫଳତା ମିଳିଛି। ନକ୍ସଲମାନଙ୍କ ଅସ୍ତ୍ରଶସ୍ତ୍ର ସମେତ ଗୋଳାବାରୁଦ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ମଧ୍ୟ ଜବତ କରା ଜଡ଼ିଛି। ସାରଣ୍ଡାରେ ଚାଲିଥିବା ଏହି ଅଭିଯାନର ପ୍ରଭାରୀ ଆଇଜି ଡକ୍ଟର ମାଇକେଲ ଏସ୍ ରାଜ କହିଛନ୍ତି ଯେ, ସରଣ୍ଡା ଜଙ୍ଗଲରେ ଏବେ ମାତ୍ର ୬୦-୭୦ ଜଣ ନକ୍ସଲ ଅବଶିଷ୍ଟ ବଞ୍ଚିଛନ୍ତି। ଯେଉଁମାନଙ୍କ ବିରୋଧରେ ବଡ଼ ଅଭିଯାନ ଚାଲିଛି।

# ପାଣିରେ ବୁଡ଼ି ୨ ନାବାଳିକା ମୃତ





ବାଲିଆପାଳ,୨୨।୧୧(ସଂଚାର ବ୍ୟୁରୋ): ଦୁନିଆ କ'ଣ ବୁଝିବା ଆଗରୁ ଚାଲିଗଲା ଦୁଇ ନାବାଳିକାଙ୍କ ଜୀବନ। ଖେଳୁଥିଲା ବେଳେ ଘର ପାଖ ପୋଖରୀରେ ବୁଡ଼ି ଦୁଇ ସମ୍ପର୍କୀୟ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବଡାସ ଗାଁରେ। ସୂଚନା ଅନୁଯାୟୀ ବଡାସରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଥିବା ବେଳେ ଏହାକୁ ଦେଖିବା ପାଇଁ ବଡାସ ଗାଁ ଦୀପକ ରାଉତ ଘରକୁ ଉଗରା ଗାଁର ନକିଆ ବିଶ୍ୱାଳଙ୍କ ପରିବାର ବୁଲିବାକୁ ଆସିଥିଲେ। ଆଜି ଅପରାହ୍ନ ୩ଟା ସମୟରେ ଘର ଭିତରେ ପରିବାର ସମସ୍ତ ସଦସ୍ୟ ଥିଲା ବେଳେ ଦୀପକ ରାଉତର ୫ ବର୍ଷର ଝିଅ ବୈଷ୍ଣବୀ ରାଉତ ଓ ନକିଆ ବିଶ୍ୱାଳର ୩ ବର୍ଷର ଝିଅ ରଶ୍ମିତା ବିଶ୍ୱାଳ ଘର ପାଖରେ ଖେଳୁଥିଲେ। ଏହି ସମୟରେ ଘର ପାଖରେ ମାଛ ଚାଷ ପାଇଁ ନିର୍ମିତ ହୋଇଥିବା କୃତ୍ରିମ ପୋଖରୀରେ ପରିବାର ସଦସ୍ୟଙ୍କ ଅଗୋଚରରେ ପଡ଼ି ବୁଡ଼ି ଯାଇଥିଲେ। ପରିବାର ଲୋକ ବହୁ ସମୟ ପରେ ଉଭୟଙ୍କୁ ନ ପାଇ ଚାରିଆଡେ ଖୋଜା ଖୋଜି କରିଥିଲେ। ଶେଷରେ ଉଭୟଙ୍କୁ ଉକ୍ତ କୃତ୍ରିମ ପୋଖରୀରୁ ଭାସମାନ ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ଉଭୟ ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଡାକ୍ତରଖାନା ପରିସରରେ ସମ୍ପର୍କୀୟଙ୍କ ଭିଡ ଜମିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଜାରି ରଖିଛି।

● ସାମାନ୍ୟ ପାଟିତୁଣ୍ଡରୁ ସର୍ବନାଶ

# କାଠ ଫାଳିଆରେ ପିଟି ଭାଇକୁ ମାରିଦେଲା

ରାଇଘର,୨୨।୧୧(ସଂଚାର ବ୍ୟୁରୋ): ରାଇଘର ଅଧୀନରେ ଥିବା ଯୋଡ଼େଙ୍ଗା ପଞ୍ଚାୟତ ନୂଆପାରା ଆଦିବାସୀ ଗ୍ରାମରେ ପିଉସୀ ପୁଅ ଭାଇ ଭାଇର ହତ୍ୟା କରିଥିବା ଅଭିଯୋଗ ହୋଇଛି। ରାଇଘର ଥାନାରେ ଏନେଇ ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନୂଆପାରା ଆଦିବାସୀ ଗ୍ରାମର ଶବସିଂ ଗଣ୍ଡ ଖୁଡୁକ ଗ୍ରାମରେ ଥିବା ପିଉସୀ ପୁଅ ରାଜେଶ ଗଣ୍ଡଙ୍କୁ ଧାନ କଟାରେ ସାହାଯ୍ୟ କରିବାକୁ ଡାକିଥିଲେ। ଦିନରେ ଧାନ କାଟି ସନ୍ଧ୍ୟାରେ ସମସ୍ତେ ସାଙ୍ଗ ହୋଇ ଘରକୁ ଫେରିଥିଲେ। ରାତି ପ୍ରାୟ ସାଢେ ଆଠଟା ସମୟରେ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଶବସିଂ ନିଜ ମା'କୁ ଗାଳି କରିଥିଲା। ଏହି ସମୟରେ ଉତ୍ୟକ୍ତ ହୋଇ ପାଖରେ ଥିବା କାଠ ଫାଳିଆରେ ପିଉସୀ ପୁଅ ରାଜେଶ ଶବସିଂର ମୁଣ୍ଡରେ ଏକ ଶକ୍ତ ପାହାର ଦେଇଥିଲା। ଶବସିଂ ଗୁରୁତର ହେବା ଦେଖି ପରିବାର ଲୋକେ ତୁରନ୍ତ ତାକୁ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଶବସିଂର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଡାକି ତଦନ୍ତ କରିବା ସହ ଏକ କେସ କରି ଶବ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଦନ୍ତା ହାତୀର ମୃତଦେହ ଠାବ

ବାରିପଦା, ୨୨।୧୧(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ବେତନାସିଆ ଠାରେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ଦୁଇ ହାତୀ ଲଢେଇରେ ଗୋଟାଏ ଦନ୍ତା ହାତୀର ଜୀବନ ଯାଇଥିବା ସୂଚନା ମିଳିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ କିଛିଦିନ ଧରି ଝାଡ଼ଖଣ୍ଡରୁ ଆସିଥିବା ହାତୀ ପଲ ଏହି ଅଞ୍ଚଳରେ ରହି ଆସୁଥିବା ସମୟରେ ଗତକାଲି ଶିମିଳିପାଳ ହାତୀ ପଲ ମଧ୍ୟ ପ୍ରବେଶ କରିଥିଲେ। ମୋଟ ୫୭ ଟିକିଆ ହାତୀ ପଲ ଏହି ରାସଗୋବିନ୍ଦପୁର ରେଞ୍ଜରେ ଉପଦ୍ରବ ଜାରି ରଖିଥିଲେ। ଗତକାଲି ଅପରାହ୍ନରେ ଦୁଇ ଦନ୍ତା ହାତୀ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ଲଢେଇରେ ଗୋଟିଏ ଦନ୍ତାର ଜୀବନ ଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# କଲେଜ ବସକୁ ଧକ୍କାଦେଲା ହାଇୱା: ୫ ଆହତ

ଚମ୍ପୁଆ, ୨୨।୧୧(ସଂଚାର ବ୍ୟୁରୋ): ଚମ୍ପୁଆ ନିକଟବର୍ତ୍ତି ମାଣିକପୁର ନିକଟରେ ସ୍କୁଲ ବସ ଦୁର୍ଘଟଣା ଘଟି ପାଞ୍ଚ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ଜଣାପଡିଛି। ଆହତ ଛାତ୍ରଛାତ୍ରୀଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ସୂଚନାରୁ ଜଣାପଡିଛି ଯେ, ଚମ୍ପୁଆ ଠାରୁ ପାଞ୍ଚ କିଲୋମିଟର ଝାଡଖଣ୍ଡ ରାଜ୍ୟର ଜଗନ୍ନାଥପୁର ଥାନା ଅନ୍ତର୍ଗତ ମାଣିକପୁର ଠାରେ କଲେଜ ବସକୁ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ଦୁଇ ଗାଡିର ଡ୍ରାଇଭର ସହିତ ପାଞ୍ଚ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚମ୍ପୁଆ ଡାକ୍ତର ଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ନୂଆମୁଣ୍ଡିର ଇଣ୍ଟର କଲେଜ ବସଟି ଆଜି ସକାଳୁ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଜୟନ୍ତୀଗଡରୁ କଲେଜ ଯାଉଥିବା ବେଳେ ମାଣିକପୁର ନିକଟରେ ବିପରିତ ଦିଗରୁ ଆସୁଥିବା ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ହାଇୱା ଚାଳକ ଓ ବସ ଚାଳକ ଆହତ ହୋଇଥିଲେ। କଲେଜର ପାଞ୍ଚଜଣ ଛାତ୍ର ଛାତ୍ରୀ ଆହତ ହୋଇଥିଲେ।

ସେପ୍ଟିସିମିଆରେ ପୀଡ଼ିତ ଥିଲା

# ସଂଘର୍ଷ ପରେ ଆଖି ବୁଜିଲା ମାକେନା ହାତୀ



ଭୁବନେଶ୍ୱର, ୨୨।୧୧(ସଂଚାର ବ୍ୟୁରୋ): ୨୪ ଘଣ୍ଟାର ସଂଘର୍ଷ ପରେ ଶେଷରେ ଆଖି ବୁଜିଲା ମାକେନା ହାତୀ। ଭୁବନେଶ୍ୱର ଚନ୍ଦକା ଜଙ୍ଗଲରେ ଆଉ ଏକ ହାତୀ ମୃତ୍ୟୁକୁ ନେଇ ବଢ଼ିଲା ଚିନ୍ତା। ୨୪ ଘଣ୍ଟା ଧରି ଭୁବନେଶ୍ୱର ଚନ୍ଦକା ଅଭୟାରଣ୍ୟରେ ଅସୁସ୍ଥ ହୋଇ ଛଟପଟ ହେଉଥିବା ହାତୀଟିର ମୃତ୍ୟୁ ଘଟିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ହାତୀର ପାଟିରେ ଘା' ହୋଇଥିଲା। ସଂକ୍ରମଣରୁ ସେପ୍ଟିସିମିଆ ହୋଇଥିଲା। ସେପ୍ଟିସିମିଆରେ ମାକେନା ହାତୀର ମୃତ୍ୟୁ ଘଟିଥିବା ଡିଏଫଓ କହିଛନ୍ତି । ହାତୀଟିର ବିଭିନ୍ନ ଅଙ୍ଗର ଭିସେରା ସଂଗ୍ରହ କରାଯାଇଛି। ସପ୍ତାହେ ଭିତରେ ଚୂଡ଼ାନ୍ତ ରିପୋର୍ଟ ଆସିବ। ଶୁକ୍ରବାର କାକାଳି ହାତୀଟି ଅସୁସ୍ଥ ହୋଇ ପଡ଼ିଥିବା ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ। ଏ ନେଇ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ହାତୀଟିକୁ ସାଲାଇନ୍ ଏବଂ ମେଡିସିନ୍ ଦିଆଯାଇଥିଲା। ଏହା ପରେ ସାମାନ୍ୟ ସୁସ୍ଥ ହୋଇ ଚଲାବୁଲା କରିଥିଲା ହାତୀଟି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ଅସୁସ୍ଥ ହୋଇପଡ଼ିଥିଲା। ଶୁକ୍ରବାର ରାତିରେ ହାତୀଟିର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ହାତୀର ମୃତଦେହ ବ୍ୟବଚ୍ଛେତ ପରେ ପୋତାଯାଇଛି। ପାଖାପାଖି ୪ ଘଣ୍ଟା ଧରି ଚାଲିଥିଲା ଶବ ବ୍ୟବଚ୍ଛେଦ। ଚନ୍ଦକାରେ ଏବେ ୨୯ଟି ହାତୀ ଅଛନ୍ତି। ତେବେ ଗୋଟିଏ ପରେ ଗୋଟେ ହାତୀମୃତ୍ୟୁକୁ ନେଇ ବଢ଼ିଛି ଚିନ୍ତା।

● ଲଘୁ ଖଣିଜ ସମ୍ପଦର ଇ-ଲଟେରୀ ବ୍ୟବସ୍ଥା

# ଖଣି ମନ୍ତ୍ରୀ ଓ ଅରୁଣ ସାହୁ ମୁହାଁମୁହିଁ





- ଏକକ ଦର ପାଇଁ ବାଲି ଉପରେ ଲାଗିବ ଏମଏସି
- ଧର୍ମଗୁଳା ସରକାରଙ୍କ ଅପାରଗତାର ପ୍ରମାଣ

ଭୁବନେଶ୍ୱର, ୨୨।୧୧ (ସଂଚାର ବ୍ୟୁରୋ): ଲଘୁ ଖଣିଜ ସମ୍ପଦର ଇ-ଲଟେରୀ ଓ ଖଣି ଚୋରି ନେଇ ନୂଆ ଆଇନ ପରେ ମୁହାଁମୁହିଁ ହୋଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା ଓ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ। ଇ-ଲଟେରୀ ବ୍ୟବସ୍ଥାରେ ବାଲି ମାଫିଆଙ୍କ ମନମାନୀ ବନ୍ଦ ହେବା ସହ ସେମାନେ ସାବାଡ ହେବେ ବୋଲି କହିଛନ୍ତି ଖଣି ମନ୍ତ୍ରୀ। ଏଥସହିତ ବାଲି ଉପରେ ସରକାର ଏମଏସପି ଲାଗୁ କରିବେ। ଅର୍ଥାତ ସାରା ରାଜ୍ୟରେ ଏଣିକି ଗୋଟିଏ ଦରରେ ବାଲି ବିକ୍ରି ହେବ ବୋଲି ସେ କହିଛନ୍ତି।

ସରକାର ଏଣିକି ବାଲି ଉପରେ ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରିବେ। କୌଣସି ଲିଜଧାରୀ ଆଉ ମନଇଚ୍ଛା ଦର ବଢ଼ାଇ ପାରିବେନି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ହିଁ ବିକ୍ରି କରିବେ ଲିଜଧାରୀ। ଏହାଦ୍ୱାରା ବାଲି ଦର କମିବା ସହ ଲୋକଙ୍କୁ ସୁଲଭ ମୂଲ୍ୟରେ ମିଳିବ ବାଲି। ସେହିଭଳି ଏଣିକି ବାଲି ଗଚ୍ଛିତ କରି ରଖିବା ପାଇଁ ଷ୍ଟୋରେଜ ଲାଇସେନ୍ସ ଦେବେ ସରକାର। ବିନା ଷ୍ଟୋରେଜ ଲାଇସେନ୍ସରେ ବାଲି ଓ ଅନ୍ୟ ଲଘୁ ଖଣିଜ ପଦାର୍ଥ କେହି ବେଆଇନ ଗଚ୍ଛିତ କରି ରଖି ପାରିବେନାହିଁ ବୋଲି ଖଣି ମନ୍ତ୍ରୀ କହିଛନ୍ତି। ଲଘୁ ଖଣିଜ ସମ୍ପଦ ପାଇଁ ଇ-ଲଟେରୀ କରିବାକୁ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ଲଟେରୀ ବ୍ୟବସ୍ଥାକୁ ସମାଲୋଚନା କରିବାକୁ ଯାଇ ସେ କହିଛନ୍ତି ତାହାଲେ ବିଜେପିର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲାଟେରୀ ଦ୍ୱାରା ଚୟନ କରାଯାଉ। ଯେତେବେଳେ କୌଣସି ଉପାୟ ନଥାଏ ସେତେବେଳେ ଲାଟେରୀ କରାଯାଏ। ଲାଟେରୀ କରିବା ହେଉଛି ସରକାରଙ୍କ ଅପାରଗତା। ନିଲାମ କରିବା ଦ୍ୱାରା ରାଜସ୍ୱ ବଢ଼ିଥାଏ। ଏବେ ନିଜ ଦଳର କର୍ମୀ ଲାଭ ପାଇବା ପାଇଁ ଏ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ବିଜେପି ନେତାମାନେ ଜୋର ଜବରଦସ୍ତ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ତେଣୁ ଏହା ଉପରୁ ନଜର ହଟାଇବା ପାଇଁ ଏପରି ଯୋଜନା କାରାଯାଉଛି।

# ବାରବାଟୀ ଷ୍ଟାଡିୟମରେ ଓସିଏ କମିଇଲା ସିଟ୍ ସଂଖ୍ୟା



କଟକ, ୨୨।୧୧ (ସଂଚାର ବ୍ୟୁରୋ) : ବାରବାଟୀ ଷ୍ଟାଡିୟମରେ କମିଲା ସିଟ୍ ସଂଖ୍ୟା। ଗ୍ୟାଲେରୀ ଗୁଡ଼ିକରେ ସିଟ ସଂଖ୍ୟା ଅଢ଼େଇ ହଜାର ସିଟ୍ କମାଇଲା ଓଡ଼ିଶା କ୍ରିକେଟ ଆସୋସିଏସନ୍। ୧୯ ଇଞ୍ଚରୁ ୨୨ ଇଞ୍ଚକୁ ବୃଦ୍ଧି କରାଗଲା ସିଟ ଗୁଡ଼ିକର ଚଉଡା। କମିଶନରେଟ ପୋଲିସର ପରାମର୍ଶ ପରେ ସିଟ କମାଇଲା ଓସିଏ। ଷ୍ଟାଡିୟମ୍ ପୁରୁଣା ହୋଇ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଷ୍ଟାଡିୟମ୍ ଗ୍ୟାଲେରୀ ଗୁଡ଼ିକରେ ସିଟ ସଂଖ୍ୟା କମାଇବା ପାଇଁ କହିଥିଲେ କମିଶନରେଟ ପୋଲିସ । କମିଥିବା ସିଟ ସଂଖ୍ୟାକୁ ଗ୍ରାଉଣ୍ଡ ପାଖରେ ଆଡଜଷ୍ଟ କରିବା ପାଇଁ ଚିନ୍ତା କରୁଛି ଓସିଏ । ଏ ନେଇ ଏପର୍ଯ୍ୟନ୍ତ କୌଣସି ଚୁଡାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ବାରବାଟି ଷ୍ଟାଡିୟମରେ ଦର୍ଶକ କ୍ଷମତା ୪୪ ହଜାର ରହିଛି । ପ୍ରଥମ ଥର ପାଇଁ ଗ୍ୟାଲେରୀ ଗୁଡ଼ିକରେ ପାଥ ୱେ ବା କରିଡ଼ର ବ୍ୟବସ୍ଥା କରୁଛି ଓସିଏ। ଯାହା ଫଳରେ ଦର୍ଶକମାନେ ସୁବିଧାରେ ପଶିବେ ଏବଂ ବାହାରି ପାରିବେ। ଜରୁରୀକାଳୀନ ପରିସ୍ଥିତି ବେଳେ ସହାୟକ ହେବ ଏହି ବ୍ୟବସ୍ଥା ।

● ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ ହେବ ଓଡ଼ିଶା: ଡିଜିପି

# ନକ୍ସଲ ଓ ଗଞ୍ଜେଇ ମୁକ୍ତ ଲାଗି ଆହ୍ୱାନ



ଭୁବନେଶ୍ୱର, ୨୨।୧୧(ସଂଚାର ବ୍ୟୁରୋ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଦୁଇଦିନିଆ ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରସଙ୍ଗରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ଗୁଡିକରେ ଆଇନ ଓ ଶୃଙ୍ଖଳା ପରିସ୍ଥିତି, ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ ଓ ଚୋରାଚାଲାଣ ରୋକିବାକୁ ଏବଂ ଆଗାମୀ ଦିନରେ ଅପରାଧୀ ତଥା ମାଓବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଡିଜିପି ଶ୍ରୀ ଖୁରାନିଆ ଗତକାଲି ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଜି ପୂର୍ବାହ୍ନରେ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇଥିଲେ। ସେଠାରେ ପେନାମାଳ ସ୍ଥିତ ସିଓବି କ୍ୟାମ୍ପ ଏବଂ ସିଆରପିଏଫ କ୍ୟାମ୍ପକୁ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଏସଓଜି ଟିମ ଲିଡର, ଡିଭିଏଫ ଯବାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଏହି ଅବସରରେ ଉପରୋକ୍ତ ସମସ୍ତ ଜିଲ୍ଲାକୁ ନକ୍ସଲ ମୁକ୍ତ ତଥା ଗଞ୍ଜେଇ ମୁକ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ଅତୀତରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ଜିଲ୍ଲା ପୋଲିସ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ନକ୍ସଲ ସମସ୍ୟାକୁ ପ୍ରତିହତ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳକୁ ଚିହ୍ନଟ କରି ସମ୍ପୃକ୍ତ ଅଞ୍ଚଳକୁ ସଂପୂର୍ଣ୍ଣ ନଷ୍ଟ କରିବାକୁ କହିଥିଲେ।

ପରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଗସ୍ତରେ ଆସି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉପଖଣ୍ଡରେ ଅପରାଧ ଓ ଅପରାଧୀ ତଥା ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଦିଗରେ କାର୍ଯ୍ୟ କରିବାକୁ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡିଜିପିଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା, ଆଇଜି (ଦକ୍ଷିଣାଞ୍ଚଳ) ନୀତି ଶେଖର, ଆଇଜି (ଅପରେସନ) ଡ଼. ଦୀପକ କୁମାର, ଏସପି ( ରାୟଗଡା) ଏସ୍ ଏସ. କୁମାର, ଏସପି (କନ୍ଧମାଳ) ହରିଶ ବିସି, ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ରଙ୍କ ସମେତ ବିଏସଏଫ ଓ ସିଆରପିଏଫର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

● ଜାଲ ରସିଦ ଦେଖାଇ ଗୋଚାଲାଣ

# ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

କୋରେଇ, ୨୨।୧୧(ସଂଚାର ବ୍ୟୁରୋ): ବେଆଇନ ଗୋଚାଲାଣ ମାମଲାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶୁକ୍ରବାର ପାଣିକୋଇଲି ଥାନା ଅନ୍ତର୍ଗତ କୋରାଇ ରାସ୍ତାରେ ୮ଟି ଅଣ୍ଡିରା ବାଛୁରୀଙ୍କୁ ଚଲାଇ ଚଲାଇ ନେଇ ଯାଉଥିବା ୪ ଜଣ ବ୍ୟକ୍ତିଙ୍କୁ ସ୍ଥାନୀୟ ଜନସାଧାରଣ ଅଟକ ରଖିବା ପରେ ଥାନାକୁ ହସ୍ତାନ୍ତର କରିଥିଲେ। ଏହି ଘଟଣାରେ କେନ୍ଦୁଝର ଜିଲ୍ଲାର ପାଟଣା ଥାନା ଅଞ୍ଚଳର ଅସୁବାହାଳୀ ଗ୍ରାମର ଗଜାନନ ମହାନ୍ତ, ଘଟଗାଁ ଥାନା ଅନ୍ତର୍ଗତ ଭରତ ମହାନ୍ତ, କାଳିଆ ବେହେରା ଓ ବରହମପୁର ଗ୍ରାମର ମନୋଜ ପଡ଼ିଆରୀଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ସେମାନେ ବେଆଇନ ଚାଲାଣ ପରିବର୍ତ୍ତେ ଯାଜପୁର ସଦର ଥାନା ଅନ୍ତର୍ଗତ ଜହଳ ଗ୍ରାମର ରବିନ୍ଦ୍ର ମଳିକ, ଅଶୋକ ମଳିକ, ପ୍ରହଲ୍ଲାଦ ମଳିକ ଓ ବିଷ୍ଣୁ ମଳିକଙ୍କ ଠାରୁ ଉକ୍ତ ୮ଟି ବାଛୁରୀକୁ କିଣି ଚାଷ କାମରେ ବ୍ୟବହୃତ କରିବାକୁ ନେଉଥିଲେ ବୋଲି କହିଥିଲେ। ପୁଲିସ ଜହଳ ଗ୍ରାମର ବିକ୍ରେତାଙ୍କୁ ଥାନାକୁ ଡକାଇ ଗୋରୁ ଗୁଡିକ ବିକ୍ରି ହେବାର ପ୍ରମାଣ ହସ୍ତଗତ ହେବା ପରେ ସେମାନଙ୍କ ଜିମାରେ ଗୋରୁ ଛାଡିଥିଲା। ଚାଷ କାର୍ଯ୍ୟରେ ଆଉ ବଳଦ ବ୍ୟବହୃତ ହେଉନଥିବାରୁ ତାଙ୍କ ବିଲରେ ବାଦାମ ଚାଷ ପାଇଁ ଶ୍ରମିକମାନଙ୍କୁ ସେ ଗୋରୁ ବିକ୍ରି କରିଥିବା ସୂଚନା ଦେଇଥିଲେ।

ଭରତପୁର ଏମସିସିରେ ବର୍ଜ୍ୟ ପ୍ରକ୍ରିୟାକରଣ ସୁବିଧା ଦେଖିଲେ ମନ୍ତ୍ରୀ

# କୀଟ ମାଧ୍ୟମରେ ଓଦା ଅଳିଆରୁ ଖତ ପ୍ରସ୍ତୁତ କରିବ ବିଏମ୍‌ସି



ଭୁବନେଶ୍ୱର, ୨୨।୧୧(ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ମହାନଗର ନିଗମର ଭରତପୁର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ଇନସେକଟିକାର ଅତ୍ୟାଧୁନିକ ବ୍ଲାକ୍ ସୋଲଜର ଫ୍ଲାଏ ଭିତ୍ତିକ ବର୍ଜ୍ୟ ପ୍ରକ୍ରିୟାକରଣ ସୁବିଧା ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ, ମନ୍ତ୍ରୀ ବିଏସଏଫ ଲାର୍ଭା ବ୍ୟବହାର କରି ଜୈବ ଅଳିଆକୁ ଉଚ୍ଚ-ମୂଲ୍ୟର ଆଉଟପୁଟରେ କରିବାର ଅଭିନବ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କଲେ।

ସୂଚନା ଯୋଗ୍ୟକି, ଓଦା ଅଳିଆରୁ ଉନ୍ନତମାନର ଜୈବିକ ସାର ପ୍ରକ୍ରିୟାକରଣର ଏହା ଏକ ସ୍ୱତନ୍ତ୍ର ଉପାୟ । ଏହି ଉପାୟରେ ଓଦା ଅଳିଆକୁ ଗୁଣ୍ଡ କରିଦେଇ ଏକପ୍ରକାରର କୀଟର ପ୍ରୟୋଗରେ ଅଳିଆର ପରିମାଣ କରିଥାଏ ଏବଂ ପରବର୍ତ୍ତୀ ପ୍ରକ୍ରିୟାରେ ସ୍ୱତନ୍ତ୍ର ସାର ବାହାରିଥାଏ, ଯାହା ମାଟିର ଉର୍ବରତା ବଢ଼ାଇବାରେ ସହଯୋଗୀ ହୋଇଥାଏ । ଏହି ପ୍ରକ୍ରିୟାର ପରୀକ୍ଷାମୂଳକ ପ୍ରୟୋଗକୁ ପରିଚାଳନା କରିବାପାଇଁ ବିଏମସି ଏବଂ ଏମ୍ ଏସ୍ ଇନସେକଟିକା ବାୟୋ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏକବର୍ଷ ପାଇଁ ହୋଇଥିବା ରାଜିନାମା ଅନୁସାରେ ଉକ୍ତ ସଂସ୍ଥା ଏହି ପରିଚାଳନା ଦାୟିତ୍ୱରେ ରହିଛି। ଡକ୍ଟର ମହାପାତ୍ର ପୌର ଆବର୍ଜନା ପରିଚାଳନାକୁ ଉନ୍ନତମାନର କରିବା, ଲ୍ୟାଣ୍ଡଫିଲ୍ ବୋଝ ହ୍ରାସ କରିବା ଏବଂ ପ୍ରୋଟିନ-ସମୃଦ୍ଧ ଖାଦ୍ୟ ଏବଂ ଜୈବ ମାଟି ବୃଦ୍ଧିକାରୀ ଭଳି ସ୍ଥାୟୀ ଉପ-ଉତ୍ପାଦ ସୃଷ୍ଟି କରିବା ପାଇଁ ପ୍ରଯୁକ୍ତିର ସମ୍ଭାବନାକୁ ସମୀକ୍ଷା କରି ଖୁସି ପ୍ରକଟ କଲେ। ଏହା ସାଙ୍ଗକୁ , ସହରାଞ୍ଚଳ ପରିମଳରେ ଉନ୍ନତ ବୃତ୍ତାକାର-ଅର୍ଥନୀତି ସମାଧାନ ପ୍ରଚଳନ କରିବାରେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଏବଂ ଇନସେକଟିକା ମଧ୍ୟରେ ସହଭାଗୀତାକୁ ପ୍ରଶଂସା କରିଥିଲେ। ଏନ ଗଣେଶବାବୁ ଡେପୁଟି କମିଶନର ବିଏମସି, ଅରୁଣ କୁମାର ଦାସ, ପ୍ରତିଷ୍ଠାତା ଏବଂ ସିଇଓ, ଡକ୍ଟର ଚିନ୍ମୟୀ ଆଚାର୍ଯ୍ୟ, ଗବେଷଣା ଏବଂ ବିକାଶ ମୁଖ୍ୟ, ଇନସେକ୍ଟିକା ବାୟୋଟେକ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ସ୍ୱଧର୍ମକୁ ଫେରିଲେ ୧୭ ପରିବାର

ମାଲକାନଗିରି, ୨୨।୧୧(ସଂଚାର ବ୍ୟୁରୋ): ମାଥିଲି ବ୍ଲକ କମାରପାଲ୍ଲୀ ପଞ୍ଚାୟତ ସୋଡିଗୁଡ଼ା ଗ୍ରାମର ୧୭ ପରିବାର ଆଜି ସ୍ୱଧର୍ମକୁ ଫେରିଛନ୍ତି । ଆଦିବାସୀ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ପୁଣି ନିଜ ଧର୍ମକୁ ଫେରି ଏକାଠି ରହିବା ପାଇଁ ଶପଥ ନେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସୋଡିଗୁଡ଼ା ଗ୍ରାମରେ ବୈଠକ ବସିଥିଲା। କମାରପାଲ୍ଲୀ ପଞ୍ଚାୟତ ସମେତ ମହୁପଦର ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ବୈଠକରେ ଏକତ୍ର ହୋଇଥିଲେ। ବୈଠକରେ ପୁଲିସ ଓ ବ୍ଲକ ପ୍ରଶାସନ, ଅଞ୍ଚଳବାସୀ ଜାତି, ଧର୍ମ ଭେଦଭାବ ଭୁଲି କିପରି ଶୃଙ୍ଖଳାରେ ରହିବେ ସେ ନେଇ ଆଲୋଚନା କରିଥିଲେ। ବୈଠକରେ ନିଜ ପରମ୍ପରାକୁ ଭୁଲି ଅନ୍ୟ ଧର୍ମ ଗ୍ରହଣ କରିଥିବା ୧୭ ପରିବାର ପୁଣି ସ୍ୱଧର୍ମକୁ ଫେରିଆସିଥିଲେ। ଆଦିବାସୀ ସମାଜରେ ରହିଥିବା ସମସ୍ତ ପର୍ବପର୍ବାଣୀ ସହ ରୀତିନୀତିକୁ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରି ବାତାବରଣକୁ ଖରାପ କରାଯାଉଥିବା ଅଭିଯୋଗ ହୋଇଥିଲା। ତେଣୁ ଲୋକେ ଦୀର୍ଘ ବର୍ଷ ଧରି ଅନ୍ୟ ଧର୍ମ ଗ୍ରହଣ କରିଥିବା ଲୋକଙ୍କୁ ପୁଣି ନିଜ ଧର୍ମକୁ ଫେରିବାକୁ ବୁଝାଉଥିଲେ। ଧର୍ମ ପରିବର୍ତ୍ତନ କଲେ ରୋଗ ଭଲ ହେଉଥିବାରୁ ବିଶ୍ୱାସ ରହିଥିବା ଧର୍ମ ପରିବର୍ତ୍ତନକାରୀ କହିଥିଲେ। ବାରମ୍ବାର ଅନୁଷ୍ଠିତ ବୈଠକରେ ଧର୍ମ ପରିବର୍ତ୍ତନ କଲେ କୌଣସି ରୋଗ ଭଲ ହୁଏନି କିମ୍ବା ଲୋକେ ଧନୀ ହୁଅନ୍ତି ନାହିଁ ବୋଲି ବୁଝାଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଦେଶରେ ଲାଗୁ ହେଲା ନୂଆ ଶ୍ରମ ସଂହିତା

# ବର୍ଷେ ଚାକିରିରେ ଗ୍ରାଚୁଇଟି



ନୂଆଦିଲ୍ଲୀ, ୨୨।୧୧: ଦେଶରେ ସମସ୍ତ ଚାରି ଶ୍ରମ କୋଡ୍ ଲାଗୁ ହୋଇଯାଇଛି। ସେଗୁଡ଼ିକ ହେଉଛି ମଜୁରି କୋଡ୍ (୨୦୧୯), ଶିଳ୍ପ ସମ୍ପର୍କ କୋଡ୍ (୨୦୨୦), ସାମାଜିକ ସୁରକ୍ଷା କୋଡ୍ (୨୦୨୦) ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସ୍ଥିତି କୋଡ୍ (୨୦୨୦)। ପୂର୍ବରୁ ପ୍ରଚଳନରେ ଥିବା ୨୯ଟି ଶ୍ରମ ନିୟମ ସ୍ଥାନରେ ଏହି ଚାରି କୋଡ୍ ଲାଗୁ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହା ହେଉଛି ସବୁଠୁ ବ୍ୟାପକ ଓ ପ୍ରଗତିଶୀଳ ଶ୍ରମ ଭିତ୍ତିକ ସଂସ୍କାର। ଏହା ଶ୍ରମିକଙ୍କୁ ସଶକ୍ତ କରିବ ଓ ସହଜ ବ୍ୟବସାୟର ପ୍ରସାର କରିବ। ଶ୍ରମ କୋଡ୍ ଲାଗୁ ହୋଇଥିବାରୁ ସ୍ଥାୟୀ କର୍ମଚାରୀଙ୍କ ଭଳି ଏକ ନିର୍ଦ୍ଦିଷ୍ଟ ମିଆଦର କର୍ମଚାରୀମାନେ ମଧ୍ୟ ଛୁଟି, ମେଡିକାଲ୍ ଓ ସାମାଜିକ ସୁରକ୍ଷା ସୁବିଧା ପାଇବେ। ଏକ ବର୍ଷର ଚାକିରି ପରେ କର୍ମଚାରୀମାନେ ଗ୍ରାଚୁଇଟି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ପୂର୍ବରୁ ଏଥିପାଇଁ ୫ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ବର୍ଷକୁ ଥରେ କର୍ମଚାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ସୁବିଧା ମିଳିବ। ଏହି ସଂସ୍କାର ଅତ୍ୟଧିକ ଚୁକ୍ତିଭିତ୍ତିକ କର୍ମଚାରୀ ନିଯୁକ୍ତିକୁ କମ୍ କରିବ। ପ୍ରଥମ ଥର ପାଇଁ ଶ୍ରମ କୋଡ୍‌ରେ ଗିଗ୍ କାର୍ଯ୍ୟ, ପ୍ଲାଟ୍‌ଫର୍ମ କାର୍ଯ୍ୟ ଓ ଏଗ୍ରିଗ୍ରେଟର୍ସର ସଂଜ୍ଞା ନିର୍ଧାରଣ କରାଯାଇଛି। ଏହା ଦ୍ୱାରା ଡେଲିଭରି ଏଜେଣ୍ଟମାନେ ଉପକୃତ ହେବେ। ଆଧାର ଲିଙ୍କ୍ ହୋଇଥିବା ସାର୍ବଜନୀନ ଆକାଉଣ୍ଟ ନମ୍ବର ଜାରି କରାଯିବ। ଯାହା ଫଳରେ ରାଜ୍ୟ ବଦଳାଇଲେ ମଧ୍ୟ କର୍ମଚାରୀଙ୍କୁ ସୁବିଧା ମିଳିବା ଜାରି ରହିବ। ନୂଆ ନିୟମରେ ଲିଙ୍ଗଗତ ବୈଷମ୍ୟକୁ ନିଷିଦ୍ଧ କରାଯାଇଛି। ସମାନ କାମ ପାଇଁ ସମାନ ପାଉଣା ଦିଆଯିବ। ସବୁ କ୍ଷେତ୍ରରେ ମହିଳାମାନଙ୍କୁ ରାତିରେ କାମ କରିବା ଅନୁମତି। ଅଭିଯୋଗ ଶୁଣାଣି କମିଟିରେ ମହିଳା ସଦସ୍ୟ ରହିବା ବାଧ୍ୟତାମୂଳକ। ଯୁବବର୍ଗଙ୍କ ପାଇଁ ସର୍ବନିମ୍ନ ବେତନର ଗ୍ୟାରେଣ୍ଟି ରହିବ। ଶ୍ରମିକଙ୍କୁ ନିଯୁକ୍ତିପତ୍ର ଦେବା ବାଧ୍ୟତାମୂଳକ। ଛୁଟି ସମୟରେ ସେମାନଙ୍କୁ ବେତନ ଦେବାକୁ ହେବ। ବିଡ଼ି ଓ ସିଗାରେଟ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ନିର୍ଧାରଣ କରାଯିବ। ଦୈନିକ କାର୍ଯ୍ୟ ସମୟ ୮-୧୨ ଘଣ୍ଟା ଓ ସପ୍ତାହକୁ ୪୮ ଘଣ୍ଟା ରହିବ। ଓଭରଟାଇମ୍ ସ୍ୱେଚ୍ଛାକୃତ ରହିବ ଓ ଓଭରଟାଇମ୍ କଲେ ଦୁଇଗୁଣା ଅଧିକ ପାଉଣା ମିଳିବ। ୫୦୦ରୁ ଅଧିକ ଶ୍ରମିକ ଥିବା ସଂସ୍ଥାରେ ବାଧ୍ୟତାମୂଳକ ଭାବେ ସୁରକ୍ଷା କମିଟି ଗଠନ ହେବ।

## ସାଧାରଣ ଲୋକଙ୍କୁ ଝଟ୍‌କା

# ବଢ଼ିଯିବ ଔଷଧ ଦାମ୍



ନୂଆଦିଲ୍ଲୀ,୨୨।୧୧: ଦେଶରେ ଜିଏସଟି ହାର ହ୍ରାସ ପରେ, ସରକାର ଏବେ ଔଷଧ କ୍ଷେତ୍ରରେ ବ୍ୟବହୃତ ଔଷଧ ସାମଗ୍ରୀ ପାଇଁ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ସ୍ଥିର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଦେଶରେ ଔଷଧର ମୂଲ୍ୟ ବୃଦ୍ଧି ପାଇପାରେ। ଔଷଧ ଶିଳ୍ପର ଅନେକ ବିଶେଷଜ୍ଞ ଏହି ନିଷ୍ପତ୍ତି ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ କିଛି ଅତ୍ୟାବଶ୍ୟକୀୟ କଞ୍ଚାମାଲ ଉପରେ ଏମଆଇପି ଲାଗୁ କରିବା ଦ୍ୱାରା ଆକ୍ଟିଭ ଫର୍ମାସିଟ୍ୟୁକାଲ୍ ଇନଗ୍ରେଡିଏଣ୍ଟସ୍ (ଏପିଆଇ) ଏବଂ ଔଷଧ କମ୍ପାନୀଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବ। ଏହି ବର୍ଦ୍ଧିତ ମୂଲ୍ୟ ସିଧାସଳଖ ରୋଗୀମାନଙ୍କୁ ପ୍ରଭାବିତ କରିବ, ଯାହା ଫଳରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ।

ଇଟି ରିପୋର୍ଟ ଅନୁଯାୟୀ, ଏହି ପ୍ରସ୍ତାବର ଲକ୍ଷ୍ୟ ହେଉଛି ଚୀନ ଭଳି ଦେଶରୁ କଞ୍ଚାମାଲର ବଡ଼ ପରିମାଣର ଆମଦାନୀ ହ୍ରାସ କରିବା, କାରଣ ଏହା ଭାରତର ଘରୋଇ ନିର୍ମାତାଙ୍କ ସ୍ଥାୟୀତ୍ୱକୁ ପ୍ରଭାବିତ କରିପାରେ। ତଥାପି, ଅନେକ ଚିକିତ୍ସା ବିଶେଷଜ୍ଞ ଏହି ପଦକ୍ଷେପକୁ ଭାରତୀୟ ଔଷଧ କ୍ଷେତ୍ର ପାଇଁ କ୍ଷତିକାରକ ବୋଲି କହୁଛନ୍ତି। ସରକାର ବର୍ତ୍ତମାନ ପେନିସିଲିନ ଜି, ୬ଏପିଏ ଏବଂ ଆମୋକ୍ସିସିଲିନ ପାଇଁ ଏମଆଇପି ସ୍ଥିର କରିବାକୁ ବିଚାର କରୁଛନ୍ତି। ଶିଳ୍ପ ଅଧିକାରୀମାନେ କହିଛନ୍ତି ଯେ ଆଣ୍ଟିବାୟୋଟିକ୍ସରେ ବ୍ୟବହୃତ ଏହି ଅତ୍ୟାବଶ୍ୟକୀୟ ଉପାଦାନ ଉପରେ ଏମଆଇପି ଲାଗୁ କରିବା ଏମଏସଏମଇ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ।

ରିପୋର୍ଟ ଅନୁଯାୟୀ, ଏହା ୧୦.୦୦୦ରୁ ଅଧିକ ଏମଏସଏମଇ ୟୁନିଟ ପ୍ରଭାବିତ କରିପାରେ ଏବଂ ଅନେକଙ୍କୁ ବନ୍ଦ କରିବାକୁ ବାଧ୍ୟ କରାଯାଇପାରେ। ଏହା ପ୍ରାୟ ୨୦୦,୦୦୦ ଚାକିରି ହରାଇପାରେ। ସେପ୍ଟେମ୍ବରରେ, ସରକାର ୩୦ ସେପ୍ଟେମ୍ବର, ୨୦୨୬ ପର୍ଯ୍ୟନ୍ତ ଏଟିଏସ-୮ ପାଇଁ ପ୍ରତି କିଲୋଗ୍ରାମ ପାଇଁ ସର୍ବନିମ୍ନ ୧୧୧ ଡଲାର ଆମଦାନୀ ମୂଲ୍ୟ ସ୍ଥିର କରିଥିଲେ। ଗୋଟିଏ ମାସ ପରେ, ସରକାର ଆସନ୍ତା ବର୍ଷ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସଲଫାଡିଆଜିନ ପାଇଁ ପ୍ରତି କିଲୋଗ୍ରାମ ୧,୧୭୪ ଟଙ୍କାର ଏମଆଇପି ଘୋଷଣା କରିଥିଲେ।

କିଛି ବିଶେଷଜ୍ଞ ସରକାରଙ୍କ ଏହି ପଦକ୍ଷେପକୁ ଏକ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଦୃଢ଼ ସଙ୍କେତ ବୋଲି ବିବେଚନା କରନ୍ତି, କାରଣ ଭାରତୀୟ ଔଷଧ ଶିଳ୍ପ କଞ୍ଚାମାଲ ପାଇଁ ଚୀନ ଉପରେ ଅତ୍ୟଧିକ ନିର୍ଭରଶୀଳ। ୨୦୨୦ରେ ସରକାର ଏହି ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଆରମ୍ଭ କରିଥିଲେ, ଯାହା ଘରୋଇ କମ୍ପାନୀଗୁଡ଼ିକୁ ଅତ୍ୟାବଶ୍ୟକ କଞ୍ଚାମାଲ ଉତ୍ପାଦନରେ ନିବେଶ ବୃଦ୍ଧି କରିବାକୁ ଉତ୍ସାହିତ କରିଥିଲା।

ତଥାପି, ଶିଳ୍ପ ବିଶେଷଜ୍ଞମାନେ କୁହନ୍ତି ଯେ ପିଏଲଆଇ ଯୋଜନା ୬ଏପିଏ କିମ୍ବା ଆମୋକ୍ସିସିଲିନର ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ଡିଜାଇନ କରାଯାଇ ନଥିଲା। ଯଦି ଏମପିଆଇ ବର୍ତ୍ତମାନ ବ୍ୟବହାର କରାଯାଏ, ତେବେ ଏହା ବାର୍ତ୍ତା ପଠାଇପାରେ ଯେ ପିଏଲଆଇ ପ୍ରାପ୍ତକର୍ତ୍ତା ଯୋଜନାର ପରିସର ବାହାରେ ଅତିରିକ୍ତ ସୁରକ୍ଷା କିମ୍ବା ଲାଭ ଚାହାଁନ୍ତି।

## ଆଜିର ସୁନା ଦର




ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୦୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୪,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୪,୪୮୦ ଓ ୧,୧୪,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୧,୦୦୦ ଟଙ୍କା ହୋଇଛି।

# ରେଷ୍ଟୁରାଣ୍ଟ ସହିତ ତଥ୍ୟ ଶେୟାର କରିବ ଜମାଟୋ

ନୂଆଦିଲ୍ଲୀ, ୨୨।୧୧: ଫୁଡ୍ ଡେଲିଭରୀ କରୁଥିବା ବୃହତ ସଂସ୍ଥା ଜୋମାଟୋ ରେଷ୍ଟୁରାଣ୍ଟଗୁଡ଼ିକ ସହିତ ଗ୍ରାହକଙ୍କ ତଥ୍ୟ ଶେୟାର କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ନେଇ ବଡ଼ ବିବାଦ ଦେଖାଦେଇଛି। ଜୋମାଟୋର ଏହି ପଦକ୍ଷେପ ତଥ୍ୟ ଗୋପନୀୟତା ଏବଂ ସମ୍ଭାବ୍ୟ ଅପବ୍ୟବହାରକୁ ନେଇ ରାଜନେତା ଓ ମାର୍କେଟିଂ ବିଶେଷଜ୍ଞଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। ବର୍ତ୍ତମାନ, ଜୋମାଟୋ ଓ ସ୍ୱିଗି ଭଳି ଫୁଡ୍ ଡେଲିଭରୀ ପ୍ଲାଟଫର୍ମଗୁଡ଼ିକ ଗ୍ରାହକଙ୍କ ଫୋନ୍ ନମ୍ବର ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟ ରେଷ୍ଟୁରାଣ୍ଟଗୁଡ଼ିକଠାରୁ ଲୁଚାଇ ରଖିଥାନ୍ତି। ମାତ୍ର ବର୍ତ୍ତମାନ ଜୋମାଟୋ, ୫ ଲକ୍ଷରୁ ଅଧିକ ରେଷ୍ଟୁରାଣ୍ଟର ପ୍ରତିନିଧିତ୍ୱ କରୁଥିବା 'ନ୍ୟାସନାଲ ରେଷ୍ଟୁରାଣ୍ଟ ଆସୋସିଏସନ ଅଫ ଇଣ୍ଡିଆ' (ଏନଆରଏଆଇ) ସହିତ ତଥ୍ୟ ଶେୟାର କରିବା ପାଇଁ ଆଲୋଚନାକୁ ଆଗେଇ ନେଉଛି। ପ୍ରତିଦ୍ୱନ୍ଦ୍ୱୀ ସ୍ୱିଗି ମଧ୍ୟ ସମାନ ଆଲୋଚନା କରୁଥିବା ଜଣାପଡ଼ିଛି। ପାଇଲଟ୍ ପ୍ରୋଜେକ୍ଟ ଭାବରେ ଜୋମାଟୋ ଗ୍ରାହକମାନଙ୍କୁ ପପ୍-ଅପ୍ ମାଧ୍ୟମରେ ସେମାନଙ୍କ ଫୋନ୍ ନମ୍ବର ରେଷ୍ଟୁରାଣ୍ଟ ସହିତ ବାଣ୍ଟିବାକୁ ଅନୁମତି ମାଗୁଛି। ଅନୁମତି ଦେଲେ, ରେଷ୍ଟୁରାଣ୍ଟଗୁଡ଼ିକ ମାର୍କେଟିଂ ଏବଂ ପ୍ରୋମୋଶନାଲ ବାର୍ତ୍ତା ପାଇଁ ସିଧାସଳଖ ଯୋଗାଯୋଗ କରିପାରିବେ। ତେବେ ଥରେ ତଥ୍ୟ ଶେୟାର ହୋଇଗଲେ, ଗ୍ରାହକ ଏହାକୁ ଫେରାଇ ନେବାର ବିକଳ୍ପ ନାହିଁ।

ରେଷ୍ଟୁରାଣ୍ଟଗୁଡ଼ିକ ଦୀର୍ଘ ଦିନରୁ ଗ୍ରାହକ ତଥ୍ୟ ମାଗିଆସୁଛନ୍ତି। ରେଷ୍ଟୁରାଣ୍ଟ ସଂଘ (ଏନଆରଏଆଇ) ପୂର୍ବରୁ ଜୋମାଟୋ ଏବଂ ସ୍ୱିଗି ବିରୋଧରେ 'ପ୍ରତିଯୋଗିତା ବିରୋଧୀ ଅଭ୍ୟାସ' ଏବଂ ଅତ୍ୟଧିକ କମିଶନ (କିଛି




କ୍ଷେତ୍ରରେ ୩୫% ପର୍ଯ୍ୟନ୍ତ) ନେଉଥିବା ଅଭିଯୋଗରେ 'ଭାରତୀୟ ପ୍ରତିଯୋଗିତା ଆୟୋଗ' (ସିସିଆଇ) ନିକଟରେ ଅଭିଯୋଗ କରିଥିଲା। ରେଷ୍ଟୁରାଣ୍ଟଗୁଡ଼ିକର ମୁଖ୍ୟ ଦାବି ହେଉଛି, ଗ୍ରାହକଙ୍କ ସହ ସିଧାସଳଖ ଯୋଗାଯୋଗ ହେଲେ ସେମାନେ ଖାଦ୍ୟ ଖାଇବାର ଧାରା ବୁଝିପାରିବେ ଏବଂ ବ୍ୟକ୍ତିଗତ ଅଫର ଦେଇପାରିବେ। ତେବେ ଜୋମାଟୋର ଏହି ନିଷ୍ପତ୍ତିକୁ ରାଜ୍ୟସଭା ଏମପି ମିଳିନ୍ଦ ଦେଓରା ଏବଂ ପ୍ରିୟଙ୍କା ଚତୁର୍ବେଦୀ (ସୂଚନା ପ୍ରଯୁକ୍ତିବିଦ୍ୟା ଷ୍ଟାଣ୍ଡିଂ କମିଟିର ସଦସ୍ୟ) ଦୃଢ଼ ବିରୋଧ କରିଛନ୍ତି।ମିଳିନ୍ଦ ଦେଓରା କହିଛନ୍ତି ଯେ, ଏହା 'ଗୋପନୀୟତା ବିପଦ' ଏବଂ 'ସ୍ପାମ୍ ବାର୍ତ୍ତା' ପାଇଁ ବାଟ ଖୋଲିବ। ନୂତନ 'ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ନିୟମ' ଅନୁଯାୟୀ ସ୍ପଷ୍ଟ 'ଅପ୍ଟ-ଇନ୍' ନିର୍ଦ୍ଦେଶାବଳୀ ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷରେ, ପ୍ରିୟଙ୍କା ଚତୁର୍ବେଦୀ ଚେତାବନୀ ଦେଇଛନ୍ତି ଯେ ଏପରି ଏକତରଫା ନିଷ୍ପତ୍ତି ସଂସଦୀୟ ଯାଞ୍ଚ ପାଇଁ ଆମନ୍ତ୍ରଣ କରିବ। ମାର୍କେଟିଂ ବିଶେଷଜ୍ଞ ସୁହେଲ ସେଠ୍ ଏହି ପଦକ୍ଷେପକୁ 'ସମ୍ପୂର୍ଣ୍ଣ ଅଗ୍ରାହ୍ୟ' ବୋଲି କହିଛନ୍ତି। ବିବାଦ ମଧ୍ୟରେ ଜୋମାଟୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆଦିତ୍ୟ ମାଙ୍ଗଲା ଆଶ୍ୱାସନା ଦେଇଛନ୍ତି ଯେ, "ଯଦି ଓ ଯେତେବେଳେ ଗ୍ରାହକଙ୍କ ଅନୁମତି ମିଳିବ, କେବଳ ଫୋନ୍ ନମ୍ବର ହିଁ ରେଷ୍ଟୁରାଣ୍ଟ ସହିତ ଶେୟାର କରାଯିବ। ଅନ୍ୟ କୌଣସି ସୂଚନା ଶେୟାର କରାଯିବ ନାହିଁ।"

## ବାଏଜୁସ୍ ମାଲିକଙ୍କୁ ଆମେରିକାରେ ଝଟକା

# ପୈଠ କରିବେ ଏକ ବିଲିୟନ ଡଲାରରୁ ଅଧିକ

ଡିଲାୱେର ୨୨।୧୧: ଏକ ଆମେରିକୀୟ ବ୍ୟାଙ୍କରପସି କୋର୍ଟ ଡିଫଲ୍ଟ ଆଦେଶରେ 'ବାୟଜୁସ୍' ସଂସ୍ଥାପକଙ୍କୁ ୧ ବିଲିୟନ ଡଲାରରୁ ଅଧିକ ପୈଠ କରିବାକୁ କହିଛନ୍ତି। ଏହି ଆଦେଶ ଭାରତର ସବୁଠୁ ବଡ଼ ଷ୍ଟାର୍ଟଅପ ବାୟଜୁସ ଓ ଏହାର କ୍ରେଡିଟର୍ସଙ୍କ ମଧ୍ୟରେ ଚାଲିଥିବା ଆଇନଗତ ଲଢ଼େଇର ଶେଷ ପର୍ଯ୍ୟାୟରେ ଦିଆଯାଇଛି। ଡିଫଲ୍ଟ ଜଜମେଣ୍ଟ ଏକ ଏପରି ରାୟ ଯାହା ପାର୍ଟି ମକଦ୍ଦମାରେ ଅଂଶଗ୍ରହଣ ନ କରିବା ବା କୋର୍ଟଙ୍କ ଆଦେଶକୁ ଟାଳିଯିବାରେ ଦିଆଯାଏ। ଏଥିରେ କୋର୍ଟ ଏକତରଫା ଭାବେ ରାୟ ଦେଇଥାନ୍ତି।

ବାୟଜୁ ରବିନ୍ଦ୍ରନ ଯିଏ ଜଣେ ପୂର୍ବତନ କର୍ପୋରେଟ ଷ୍ଟାର ଓ ଅତୀତରେ ଏହିନାମରେ ଆଡଟେକ୍ ଓ ଟ୍ୟୁଟରିଂ କମ୍ପାନୀ ଆରମ୍ଭ କରିଥିଲେ। ବାୟଜୁ ରବିନ୍ଦ୍ରନଙ୍କ ବିରୋଧରେ କୋର୍ଟଙ୍କ ଡିଫଲ୍ଟ ରାୟ ସେତେବେଳେ ଆସିଲା ଯେତେବେଳେ ତାଙ୍କ ଲେଣ୍ଡର୍ସ ୨୦୨୧ରେ ଦେଇଥିବା ୧.୨ ବିଲିୟନ ଡଲାର ୟୁଏସ ଟର୍ମ ଲୋନ ସୁଝିବାରେ ବିଫଳ ହୋଇଥିଲେ। ଡିଲାୱେର କୋର୍ଟରେ ଚାଲିଥିବା ଏହି ମାମଲାରେ କୋର୍ଟ କହିଛନ୍ତି ଯେ ଦୁବାଇରେ ରହୁଥିବା ରବିନ୍ଦ୍ରନ ଆଇନଗତ ତଦନ୍ତକୁ ଅସ୍ୱୀକାର କରିଦେଇଥିଲେ ଓ ବାରମ୍ବାର ଶୁଣାଣିରେ ଯୋଗ ଦେଇ ନଥିଲେ। ଚଳିତବର୍ଷ ପ୍ରାରମ୍ଭରେ କୋର୍ଟ ତାଙ୍କୁ ଅଦାଲତ ଅବମାନନାରେ ଦୋଷୀ କରିଥିଲେ ଓ ଏଥି ପାଇଁ ଦୈନିକ ୧୦ହଜାର ଡଲାର ଜରିମନା କରିଥିଲେ। ଏହି ଜରିମନା ରାଶି ସେବେଠାରୁ ଏପର୍ଯ୍ୟନ୍ତ ଲକ୍ଷେ ଡଲାରରୁ ଅଧିକ ହୋଇଥିବା




ଜଣାପଡିଛି। କୋର୍ଟ ରବିନ୍ଦ୍ରନଙ୍କୁ 'ଆଲଫ ଫଣ୍ଡସ୍' ଓ ଏହା ପରେ ହୋଇଥିବା ଟ୍ରାଞ୍ଜାକ୍ସନରୁ ହୋଇଥିବା ଆୟର ପୁରା ହିସାବ କିତାବ ଦେବାକୁ କହିଥିଲେ। ଜଜ୍ ବ୍ରେଣ୍ଡନ ସ୍ୟାନନ କହିଛନ୍ତି ଯେ ଦିଆଯାଇଥିବା ଆଶ୍ୱସ୍ତି ଏକ ବଡ଼ ଆଶ୍ୱସ୍ତି ଥିଲା କିନ୍ତୁ ଉଚିତ ଥିଲା। ଆଦେଶରେ ଅନେକବାର ଡେଡ ଲାଇନ ମିସ୍ ହେବା, ଅଧା ଅଧୁରା ଫାଇଲିଂ, ହାଜର ନହେବା ଓ ପୂର୍ବର ବ୍ୟାନ ପେମେଣ୍ଟ ନ କରିବାର ଅଭିଯୋଗ ରହିଛି। ଏଥିରେ ଜୁଲାଇରୁ ଲାଗୁ ହୋଇଥିବା ସିଭିଲ କଣ୍ଟେମ୍ପ୍ଟ ଲାଗି ଦୈନିକ ୧୦ ହଜାର ଡଲାର ଜରିମନା ମଧ୍ୟ ସାମିଲ ରହିଛି। ଚଳିତ ବର୍ଷ ପ୍ରାରମ୍ଭରେ ବାୟଜୁସ୍ କ୍ରେଡିଟର୍ସ ସିଧା ରବିନ୍ଦ୍ରନଙ୍କ ବିରୋଧରେ କେସ ରୁଜୁ କରିଥିଲେ। ତାଙ୍କ ଉପରେ ୫୩୩ ନିୟୁତ ଡଲାର ଋଣ ରାଶି ଥିବା ଅଭିଯୋଗ କରିଥିଲେ। ବାୟଜୁସ୍ ସଂସ୍ଥାପକ ପ୍ରଥମେ ଅଭିଯୋଗକୁ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଥିଲେ।

ରବିନ୍ଦ୍ରନ ନୂଆ ରାୟ ଉପରେ କମେଣ୍ଟ କରିବା ଲାଗି ରିକ୍ୱେଷ୍ଟର ତୁରନ୍ତ ଜବାବ ଦେଇ ନାହାନ୍ତି। ଏକଦା ୨୨ ବିଲିୟନ ଡଲାର ମୂଲ୍ୟର ବାୟଜୁସ୍ ବ୍ଲାକ୍ ରକ୍ ଓ ପୋରୋସସ ଭଳି କମ୍ପାନୀଙ୍କ ଭଳି ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା ଓ ଇନଭେଷ୍ଟମେଣ୍ଟ ହାସଲ କରିଥିଲା। ତେବେ କମ୍ପାନୀ ସଂଗ୍ରହ କରିଥିବା ପାଣ୍ଠିକୁ ସାରା ବିଶ୍ୱରେ ସମ୍ପ୍ରସାରଣ ପାଇଁ ବ୍ୟୟ କରିଥିଲା। ଏହି କମ୍ପାନୀ କତାରର ଫିଫା ୱାର୍ଲଡ କପ ଓ ଭାରତୀୟ କ୍ରିକେଟ ଟିମ୍ ର ମଧ୍ୟ ପ୍ରାୟୋଜକ ଥିଲା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ପୋଷା ପ୍ରାଣୀ ଖାଦ୍ୟ ଓ ଯତ୍ନ ବଜାରରେ ରିଲାଏନ୍ସର ପ୍ରବେଶ

ବେଙ୍ଗାଲୁରୁ, ୨୨।୧୧: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏଫଏମସିଜି ୟୁନିଟ୍ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ପୋଷା ପ୍ରାଣୀ ଖାଦ୍ୟ ଓ ଯତ୍ନ ବଜାରରେ ଧମାକାଦାର ପ୍ରବେଶ କରିଛି। କମ୍ପାନୀ "ୱେଗିଜ୍" ନାମକ ଏକ ନୂତନ ପୋଷା ପ୍ରାଣୀ ଖାଦ୍ୟ ବ୍ରାଣ୍ଡ ଲଞ୍ଚ କରିଛି। "ୱେଗିଜ୍" ପାଳିତ ପଶୁମାନଙ୍କ ପାଇଁ ଉଚ୍ଚମାନର, ବିଜ୍ଞାନସମ୍ମତ, ପୁଷ୍ଟିକର ଏବଂ ସୁଲଭ ପୋଷା ପ୍ରାଣୀ ଖାଦ୍ୟ ପ୍ରଦାନ କରିବ। ସାଧାରଣ ପରିବାର ପାଇଁ ପୋଷା ପ୍ରାଣୀ ଖାଦ୍ୟକୁ ସୁଲଭ କରିବା ପାଇଁ, କମ୍ପାନୀ ଏହାକୁ ବହୁତ ସୁଲଭ ମୂଲ୍ୟରେ ବଜାରକୁ ଆଣିଛି। "ୱେଗିଜ୍"ର ମୂଲ୍ୟ ପ୍ରତି କିଲୋଗ୍ରାମ ୧୯୯ଟଙ୍କାରୁ ଆରମ୍ଭ ହେଉଛି। "ୱେଗିଜ୍-ପ୍ରୋ" ୨୪୯ ଟଙ୍କାରେ କିଣାଯାଇପାରିବ। ନୂତନ ଗ୍ରାହକମାନଙ୍କ ପାଇଁ ଏହି ନୂଆ ଉତ୍ପାଦର ପରୀକ୍ଷାମୂଳକ ବ୍ୟବହାର ସହଜ କରିବା ପାଇଁ, କମ୍ପାନୀ ୨୦ ଟଙ୍କା ମୂଲ୍ୟର ଏକ ୧୦୦ ଗ୍ରାମ ଟ୍ରାଏଲ୍ ପ୍ୟାକ୍ ମଧ୍ୟ ଶୁଭାରମ୍ଭ କରିଛି। ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, "ୱେଗିଜ୍" ଉତ୍କୃଷ୍ଟ ପୁଷ୍ଟିସାର ଏବଂ ସୁଲଭ ମୂଲ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରି ପ୍ରସ୍ତୁତ କରାଯାଇଛି। ଏଥିରେ ଅତିରିକ୍ତ ପ୍ରୋଟିନ୍, ପାଚନ-ଉନ୍ନତକାରୀ ପ୍ରିବାୟୋଟିକ୍ସ, ଗଣ୍ଠି, ଚର୍ମ ଏବଂ କେଶ ସ୍ୱାସ୍ଥ୍ୟ ଏବଂ ସାରା ଦିନର ଶକ୍ତି ସମେତ ଅନେକ ଲାଭ ସାମିଲ ରହିଛି।

## ତେଲ ବ୍ୟବସାୟ ବିକି ଦେଲେ ଆଦାନୀ ସମୂହ

ମୁମ୍ବାଇ ୨୨।୧୧: ଆଦାନୀ ଗ୍ରୁପର ଏକ ନିଷ୍ପତ୍ତି ଯୋଗୁ ଆଦାନୀ ୱିଲ୍ମର ଏଗ୍ରୀ ବିଜନେସ୍ ଲିମିଟେଡର ସେୟାରରେ ୬% ହ୍ରାସ ହୋଇଛି। ସେୟାରରେ ଏପରି ପରିସ୍ଥିତି ଏକ ବ୍ଲକ୍ ଡିଲ ଯୋଗୁ ହୋଇଛି। ଏଥିରେ ଆଦାନୀ ସମୂହ ଆଦାନୀ ୱିଲ୍ମର ଲିମିଟେଡ(ଏଡବ୍ଲୁଏଲ) ରେ ଥିବା ତାଙ୍କ ଶେଷ ୭% ଭାଗିଦାରୀ ବିକ୍ରି କରିଦେଇଛନ୍ତି ଓ ସମ୍ପୂର୍ଣ୍ଣ ରୂପେ କମ୍ପାନୀରୁ ବାହାରି ଯାଇଛନ୍ତି। ଶୁକ୍ରବାର ସକାଳେ ଏଡବ୍ଲୁଏଲ ସେୟାର ୨୮୦.୭୦ରେ ଖୋଲିଥିବା ବେଳେ ଇଣ୍ଟ୍ରାଡେରେ ୨୬୬.୪୫ର ଲୋ ଲାଗି ଯାଇଛି। ଏକ ରିପୋର୍ଟ ଅନୁସାରେ ଏହି ବ୍ଲକ୍ ଡିଲ ଭାଲ୍ୟୁ ପାଖାପାଖି ୨,୫୦୦ କୋଟି ଟଙ୍କାର ହୋଇ ପାରେ। ଏହି ବଡ଼ କାରବାରର ସୂଚନା ରଖୁଥିବା ଲୋକଙ୍କ ଅନୁସାରେ ଭେନଗାର୍ଡ, ଚାର୍ଲସ୍ ସ୍ୱାବ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଏମଏଫ, ଏସବିଆଇ ମ୍ୟୁଚୁଆଲ ଫଣ୍ଡ, ଟାଟା ଏମଏଫ ଓ କ୍ୱାଣ୍ଟ ଏମଏଫ ସମେତ ଅନ୍ୟ ଘରୋଇ ମ୍ୟୁଚୁଆଲ ଫଣ୍ଡମାନେ କମ୍ପାନୀର ସେୟାର କିଣିଛନ୍ତି। ଏହା ଛଡା ସିଙ୍ଗାପୁର, ୟୁଏଇ ଓ ଅନ୍ୟ ଏସିୟ ବଜାରର ଅନେକ ଅନ୍ତର୍ଜାତୀୟ ନିବେଶକ କ୍ଲିନ ଆଉଟ୍ ବ୍ଲକରେ ନିବେଶ କରିଛନ୍ତି। ଚଳିତ ସପ୍ତାହ ପ୍ରାରମ୍ଭରେ ଆଦାନୀ ସମୂହ ଏଡବ୍ଲୁଏଲରେ ଥିବା ତାଙ୍କର ୧୩% ଭାଗିଦାରୀ ବିକ୍ରି କରି କମ୍ପାନୀରେ ସେମାନଙ୍କ ଷ୍ଟେକ୍ ୭% ହ୍ରାସ କରିଦେଇଥିଲେ। ଆଦାନୀ ଗ୍ରୁପ କମ୍ପାନୀରୁ କାରବାରରୁ ସମ୍ପୂର୍ଣ୍ଣ ବାହାରିଯିବା ଯୋଗୁ ସିଙ୍ଗାପୁରସ୍ଥିତ ୱିଲ୍ମର ଇଣ୍ଟରନ୍ୟାସନାଲ ୫୭% ଭାଗିଦାରୀ ସହିତ କମ୍ପାନୀର ଏବେ ପ୍ରମୋଟର ପାଲଟି ଯାଇଛି। ଉଲ୍ଲେଖଯୋଗ୍ୟ ଯେ ୧୯୯୯ରେ ସ୍ଥାପିତ ଆଦାନୀ ୱିଲ୍ମର ଆଦାନୀ ଏଣ୍ଟରପ୍ରାଇଜର୍ସ ଏବଂ ୱିଲ୍ମର ଇଣ୍ଟରନ୍ୟାସନାଲର ଏକ ଜଏଣ୍ଟ ଭେଞ୍ଚର। ଏଡବ୍ଲୁଏଲ ଭାରତର ସବୁଠୁ ବଡ଼ ଖାଦ୍ୟ ତେଲର ଫ୍ରାଞ୍ଚାଇଜୀ ଓ ଏହା ଫର୍ଚ୍ୟୁନ ବ୍ରାଣ୍ଡର ମାର୍କେଟିଂ କରେ। ଏହା ଛଡା ଗହମ ତିଆରି ଅଟା, ଚାଉଳ, ଡାଲି ଓ ରେଡି-ଟୁ-କୁକ୍ ଉତ୍ପାଦଗୁଡିକର ଏକ ସମନ୍ୱିତ ଫୁଡ ବିଜନେସ୍ ମଧ୍ୟ ଚଳାଏ।






# ଲେମ୍ବୁପାଣି ସହ କଳା ଲୁଣ ମିଶାଇ ପିଇଲେ ଶରୀର ପାଇଁ ଉପକାରୀ

ଲେମ୍ବୁ ପାଣି ସାଧାରଣତଃ ସମସ୍ତଙ୍କୁ ଖୁବ୍ ପସନ୍ଦ। ଗରମ ଦିନ ପାଇଁ ଲେମ୍ବୁ ପାଣି ସବୁଠାରୁ ବେଷ୍ଟ ହୋଇଥାଏ। ଲେମ୍ବୁ ପାଣି ବନାଇବା ମଧ୍ୟ ଅତି ସହଜ। ପାଟିକୁ ଯେମିତି ସ୍ୱାଦ ଲାଗିଥାଏ। ସେହିପରି ଦେହ ପାଇଁ ମଧ୍ୟ ହିତକର ହୋଇଥାଏ। ଖରା ଗରମରେ ସାଙ୍ଗେ ସାଙ୍ଗେ ଆସିବା ମାତ୍ରେ ଆମେ ଥଣ୍ଡା ପାଣି ପିଇଦେଇଥାଉ। କିଛି ମୁହୂର୍ତ୍ତ ପାଇଁ ହୁଏ ତ ଶାନ୍ତି ଲାଗିଥାଏ ହେଲେ ଆମ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇ ନଥାଏ। କିନ୍ତୁ ଲେମ୍ବୁ ପାଣି ଖରା ପାଇଁ ଭଲ ତରିକା ହୋଇଥାଏ। ଯାହା ଦେହକୁ ଭଲ ରଖିବା ସହିତ ଆତ୍ମା ତୃପ୍ତି ହୋଇଗଲା ଭଳି ମଧ୍ୟ ଲାଗିଥାଏ। ଲେମ୍ବୁପାଣିକୁ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ। ଗ୍ରୀଷ୍ମ ଋତୁରେ ଲେମ୍ବୁପାଣି ପିଇବାକୁ ପ୍ରାୟତଃ ପରାମର୍ଶ ଦିଆଯାଇଥାଏ। ଲେମ୍ବୁପାଣିରେ ଥିବା ସମସ୍ତ ଉପାଦାନଗୁଡିକ ଆପଣଙ୍କ ସ୍ୱାସ୍ଥ୍ୟ ଅନେକ ଉପଯୋଗୀ। କିନ୍ତୁ ଆପଣ କ'ଣ ଜାଣନ୍ତି, ଲେମ୍ବୁ ରସ ଏବଂ କଳା ଲୁଣ ମିଶ୍ରିତ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀର ଉପରେ କ'ଣ ପ୍ରଭାବ ପଡେ ? ଯଦି ଜାଣିନାହାନ୍ତି, ତେବେ ଆମର ଏହି ରିପୋର୍ଟ ଉପରେ ନଜର ପକାନ୍ତୁ ଏହାର ଔଷଧୀୟ ଗୁଣ ବିଷୟରେ ଆମେ ଆପଣଙ୍କୁ କହିବୁ। ଲେମ୍ବୁପାଣି ପିଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ହେବ ଏବଂ ଯଦି ଆପଣ ଲେମ୍ବୁ ପାଣିରେ କଳା ଲୁଣ ମିଶାଇ ପିଉଛନ୍ତି ତେବେ ଏହା ଆପଣଙ୍କୁ ଦୁଇଗୁଣା ଲାଭ ଦେବ। ତେବେ ଜାଣନ୍ତୁ, ଲେମ୍ବୁପାଣିରେ କଳା ଲୁଣ ମିଶାଇ ପିଇବା ଦ୍ୱାରା ଆମକୁ କେଉଁସବୁ ଲାଭ ମିଳିଥାଏ।

**ଲେମ୍ବୁ ପାଣିର ଫାଇଦା:** ଲେମ୍ବୁ ପାଣି ଏକ କମ୍ କ୍ୟାଲୋରୀଯୁକ୍ତ ପାନୀୟ ଏବଂ ଏଥିରେ ଭିଟାମିନ୍ ସି, ଫ୍ଲାଭୋନାଏଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ। ଲେମ୍ବୁରେ କ୍ଷାରୀୟ ଗୁଣ ରହିଛି ଯାହା କାରଣରୁ ଏହା ଶରୀରର pH ସ୍ତରକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଥାଏ। ଗ୍ରୀଷ୍ମ ସମୟରେ ଲେମ୍ବୁ ପାଣି ପିଇବା ଦ୍ୱାରା ଆପଣଙ୍କୁ ଅନେକ ଲାଭ ମିଳିଥାଏ।

**ପେଟ ସମ୍ବନ୍ଧୀୟ ସମସ୍ୟା ଦୂର ହେବ:** ଲେମ୍ବୁ ପାଣିରେ କଳା ଲୁଣ ମିଶାଇ ପିଇବା ଦ୍ୱାରା କେବଳ ଆପଣଙ୍କ ଶରୀର ହାଇଡ୍ରେଟେଡ୍ ରହିନଥାଏ ବରଂ ପେଟ ସମ୍ବନ୍ଧୀୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ଗ୍ରୀଷ୍ମ ଋତୁରେ ଆପଣ ଏହି ମୃଦୁ୍ୟ ପାନୀୟକୁ ଦୈନନ୍ଦିନ ପିଇପାରିବେ।

**ଆପଣଙ୍କ ଓଜନ ହ୍ରାସ ହେବ:** ଆପଣ ଆପଣଙ୍କର ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ବର୍ତ୍ତମାନ ହିଁ ଉଷୁମ ପାଣିରେ ଲେମ୍ବୁ ରସ ଓ କଳା ଲୁଣ ମିଶାଇ ପିଇବା ଆରମ୍ଭ କରନ୍ତୁ। ଆୟୁର୍ବେଦ ଅନୁସାରେ, ଲେମ୍ବୁପାଣିର ଏହି ମିଶ୍ରଣ ଆପଣଙ୍କ ଶରୀରର ମେଟାବୋଲିଜିମକୁ ବୃଦ୍ଧି କରିଥାଏ, ଯାହା ଦ୍ୱାରା ଆପଣଙ୍କ ଶରୀରରେ ଜମା ହୋଇଥିବା ଚର୍ବି କମିଥାଏ। ଏହି ପାନୀୟରେ ଥିବା ଉପାଦାନଗୁଡ଼ିକ ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଅନେକ ଲାଭଦାୟକ।

**ଆପଣଙ୍କ ହାର୍ଟ ପାଇଁ ଲାଭଦାୟକ:** ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର ଏହି ପାନୀୟ ଆପଣଙ୍କ ହାର୍ଟର ସ୍ୱାସ୍ଥ୍ୟକୁ ସୁଦୃଢ଼ ରଖିବାରେ ସହାୟକ ହୋଇଥାଏ। ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତରକୁ ନିୟନ୍ତ୍ରଣ କରିବା ପାଇଁ ଏହି ପାନୀୟ ଅନେକ ଉପଯୋଗୀ। ଏହା ବ୍ୟତୀତ, ଗୁରୁତର ଏବଂ ଜୀବନଘାତକ ହୃଦରୋଗର ଆଶଙ୍କା କମାଇବା ପାଇଁ ଲେମ୍ବୁ ପାଣି ଏବଂ କଳା ଲୁଣର ମିଶ୍ରଣ ମଧ୍ୟ ସେବନ କରିପାରିବେ।

**କୋଲେଷ୍ଟ୍ରୋଲକୁ ହ୍ରାସ କରେ:** କୋଲେଷ୍ଟ୍ରୋଲ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ ଲେମ୍ବୁ ଏବଂ କଳା ଲୁଣ ମିଶ୍ରିତ ପାଣି। ଏହା ସହ ବ୍ଲଡ଼ ପ୍ରେସର କଣ୍ଟ୍ରୋଲ କରିବା ସହ କୋଲେଷ୍ଟେରଲ କାମ କରିବା ସହ ବ୍ଲଡ଼କ୍ଲଟିଙ୍ଗ ମଧ୍ୟ କମ କରିଥାଏ। ଏହା ସହ ଏହି ପାଣି ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ପେଟର ବାଓ୍ୱେଲ ମୁଭମେଣ୍ଟ ମଧ୍ୟ ବୃଦ୍ଧି କରିଥାଏ। ଏହା ସହ ଶରୀରର ପିଏଚକୁ ମଧ୍ୟ ବାଲାନ୍ସ କରିଥାଏ।

# ଶୀତଋତୁରେ ଗରମ ପାଣିରେ ଗାଧୋଉଥିଲେ ସାବଧାନ



ଶୀତ ଦିନ ଆରମ୍ଭ ହେବା ମାତ୍ରେ ଖାଦ୍ୟପେୟ ସହ ଆପଣଙ୍କର ସ୍ନାନ କରିବାର ଅଭ୍ୟାସରେ ପରିବର୍ତ୍ତନ ଆସିଥାଏ। ଗରମ ଦିନରେ ଥଣ୍ଡା ପାଣି ଶରୀରରେ ପଡ଼ିବା ମାତ୍ରେ ଖୁବ୍ ଶାନ୍ତି ଲାଗେ । ଅଧିକାଂଶ ଲୋକ ଥଣ୍ଡା ବଢ଼ିବା ମାତ୍ରେ ଗରମ ପାଣିରେ ଗାଧୋଇବା ଆରମ୍ଭ କରିଦେଇଥାନ୍ତି। ଥଣ୍ଡାରେ ଗରମ ପାଣିରେ ସ୍ନାନ କରିବାର ଅନେକ ଫାଇଦା କୁହାଯାଏ। ଗରମ ପାଣି ଶରୀରର ଥକ୍କାପଣ ଦୂର କରିଥାଏ। ଫିଟନେସ୍ ଫ୍ରିକ୍ ଅଧିକାଶ ଲୋକ ଅନେକ ସମୟରେ ଓ୍ୱାର୍କଆଉଟ୍ କିମ୍ବା ଥକା ଲାଗିବା ପରେ ଗରମ ପାଣିରେ ସ୍ନାନକରି ରିଲାକ୍ସ ହେବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆପଣ ଜାଣନ୍ତି କି ଗରମ ପାଣିରେ ସ୍ନାନ କରି ଯଦି ସାବଧାନତା ଅବଲମ୍ବନ କରାନଯାଏ ତ ଏହାର ବଡ଼ କ୍ଷତି ହୋଇପାରେ।


**ଚର୍ମ ଶୁଷ୍କତା:** ବିଶେଷଜ୍ଞଙ୍କ ଅନୁସାରେ , ଅଧିକ ଗରମ ପାଣିରେ ସ୍ନାନ କରିବା ଦ୍ୱାରା ଚର୍ମର ପ୍ରାକୃତିକ ଆର୍ଦ୍ରତା ହ୍ରାସ ପାଏ, ଯେଉଁଥିରେ ଚର୍ମ ଶୁଷ୍କତା , କୁଣ୍ଡେଇ ହୋଇପାରେ। ଗରମ ପାଣି କିରାଟିନ ସ୍କିନ୍ ସେଲ୍ସକୁ ଡ୍ୟାମେଜ୍ କରିଥାଏ, ଯାହା କାରଣରୁ ତ୍ୱଚାରେ କୁଞ୍ଚନ, ଶୁଖିଲା ପଣ ଓ ଦାଗର ସମସ୍ୟା ସୃଷ୍ଟି ହୋଇପାରେ। ଏହି କାରଣ ଯେ, ସର୍ଦ୍ଦିରେ କେବେ ବି ଖୁବ୍ ଗରମ ପାଣିରେ ସ୍ନାନର ପରାମର୍ଶ ଦିଆଯାଇ ନଥାଏ।

**କେଶର କ୍ଷତି:** ବିଶେଷଜ୍ଞଙ୍କ ଅନୁସାରେ , ଗରମା ପାଣିରେ ସ୍ନାର ଅଭ୍ୟାସ କେବଳ ଚର୍ମକୁ ହିଁ ନୁହେଁ ବରଂ କେଶର ମଧ୍ୟ କ୍ଷତି ହୋଇଥାଏ। ଅଧିକ ଗରମ ପାଣି ଆପଣଙ୍କ କେଶକୁ ଡ୍ୟାମେଜ୍ କରି ଏହାର କୋମଳତାକୁ ହ୍ରାସ କରିଦିଏ, ଯେଉଁଥିରେ କେଶ ଶୁଖିଲା ଓ ନିର୍ଜୀବ ଦେଖାଯାଏ। ଗରମ ପାଣିରେ ସ୍ନାନ କରିବା ଦ୍ୱାରା ଡ୍ୟାଣ୍ଡ୍ରଫ ସମସ୍ୟା ବଢ଼ିପାରେ।

**ଚର୍ମରେ ଜ୍ୱଳନ:** ଅତ୍ୟଧିକ ଗରମ ପାଣିରେ ସ୍ନାନରେ ଚର୍ମର ଉପର ପରସ୍ତ ପ୍ରଭାବିତ ହୋଇଥାଏ, ଯେଉଁଥିରେ ଜ୍ୱଳନ, ଲାଲ୍ ପଡ଼ିବା କିମ୍ବା ଏକଜିମା ଭଳି ସମସ୍ୟା ହୋଇପାରେ।

# ହାଡ଼କୁ ଦୁର୍ବଳ କରୁଛି ଅଧିକ ଲୁଣ

ସୁସ୍ଥ ରହିବାକୁ ସମସ୍ତେ ଚାହାଁନ୍ତି। ସେଥିପାଇଁ ଅନେକ କିଛି କରିଥାଆନ୍ତି। ନିଜକୁ ଫିଟ୍ ଏବଂ ହେଲଦି ରଖିବା ପାଇଁ ଡାଏଟ କରନ୍ତି ତ ଆଉ କିଏ ମର୍ଣ୍ଣିଂଓ୍ୱାକ୍ କରନ୍ତି ତ ଆଉ ପୁଣି କେହି କେହି ଜିମରେ ଜଏନ୍ ହୁଅନ୍ତି। ଏହା ସତ୍ତ୍ୱେ ମଧ୍ୟ ବେଳେ ବେଳେ ଆମ ହାଡ଼ ଦୁର୍ବଳ ହେବା ଭଳି ଅନୁଭବ ହୋଇଥାଏ। ଆମ ଜାଣତ ଅଜାଣତରେ ଆମ ଖରାପ ଖାଦ୍ୟପେୟ ଏହି ସବୁ ସମସ୍ୟାର କାରଣ ହୋଇଥାଏ। ଏମିତି କିଛି ଜିନିଷ ଅଛି ଯାହା ପାଟିକୁ ତ ସ୍ୱାଦ ଦେଇଥାଏ କିନ୍ତୁ ଆମକୁ ଅନେକ କ୍ଷତି ଆଡକୁ ଟାଣି ନେଇଥାଏ। ଦିନକୁ ଦିନ ବଦଳୁଥିବା ଖାଦ୍ୟ ପାନୀୟର ଭୁଲ୍ ଅଭ୍ୟାସ ଯୋଗୁଁ ଆଜି ପ୍ରତି ୫ ଜଣରେ ଜଣେ ବ୍ୟକ୍ତି କୌଣସି ନା କୌଣସି ସ୍ୱାସ୍ଥ୍ୟ ସମସ୍ୟାରେ ଶିକାର ହୋଇଥାନ୍ତି। ଯେପରି କି ଆଣ୍ଠୁ ଗଣ୍ଠି ଦରଜ। ପ୍ରଥମେ ଏଭଳି ସମସ୍ୟା କେବଳ ବୟସ୍କ ଲୋକଙ୍କ ନିକଟରେ ଦେଖିବାକୁ ମିଳୁଥିଲା। କିନ୍ତୁ ଆଜି ଅଳ୍ପ ବୟସରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ଆବଶ୍ୟକ ଏଭଳି ଖାଦ୍ୟ ଖାଇବେ ଯେଉଁଥିରେ ସାରା ଜୀବନ ହାଡ ମଜଭୂତ ରହିବ। ଆଉ ହାଡକୁ ମଜଭୂତ କରିବା ପାଇଁ ଅତ୍ୟନ୍ତ ଜରୁରୀ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି। ଯଦି ଏହି ଦୁଇ ତତ୍ୱ ମଧ୍ୟରୁ ଯେ କୌଣସି ଗୋଟିଏର ମାତ୍ରା କମ୍ ହୁଏ ତେବେ ଆଣ୍ଠୁ ଗଣ୍ଠି ଦରଜ ଭଳି ସମସ୍ୟା ଦେଖାଦେଇଥାଏ। ହେଲେ କଣ ଆପଣ ଜାଣନ୍ତି ଆମେ ଦୈନନ୍ଦିନ ଜୀବନରେ ଏଭଳି କିଛି ଖାଦ୍ୟ ଖାଇଥାଉ ଯାହା ଦିନକୁ ଦିନ ଆମ ହାଡକୁ ଦୁର୍ବଳ କରିଥାଏ। ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।




**ଅଧିକ ଲୁଣ:** ଖାଦ୍ୟର ସ୍ୱାଦ ବଢ଼ାଇଥାଏ ଲୁଣ। କିନ୍ତୁ ଅଧିକ ଲୁଣ ଖାଇଲେ ହାଡ ଦୁର୍ବଳ ହୋଇଯାଇଥାଏ। ଲୁଣରେ ସୋଡିୟମର ମାତ୍ରା ଅଧିକ ଥାଏ। ଯାହା ଶରୀରରୁ ଯିବା ପରେ କ୍ୟାଲସିୟମକୁ ୟୁରିନ୍ ମାଧ୍ୟମରେ ବାହାରକୁ ବାହାର କରିଦେଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ମାତ୍ରା କମିଯିବା ସହ ହାଡ ଦୁର୍ବଳ ହୋଇଯାଇଥାଏ।

**ଚକଲେଟ୍:** ଛୋଟ ହେଉ ବା ବଡ , ଚକଲେଟ୍ ସମସ୍ତଙ୍କ ପସନ୍ଦ। ଏହା ନା କେବଳ ମୁଡକୁ ଫ୍ରେସ୍ କରିଥାଏ ବରଂ ମୁହଁର ସ୍ୱାଦ ମଧ୍ୟ ବଡାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚକଲେଟ୍ ଖାଇଲେ ଏହାର ସିଧା ପ୍ରଭାବ ହାଡ ଉପରେ ପଡିଥାଏ। ଅଧିକ ଚକଲେଟ୍ ଖାଇଲେ ଶରୀରରେ ସୁଗାର ଏବଂ ଓକ୍ସୋଲେଟର ମାତ୍ରା ବଢିଯାଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ପ୍ରବେଶ କରି ପାରିନଥାଏ ଏବଂ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

**କୋଲ୍ଡ ଡ୍ରିଙ୍କ୍ସ:** ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପ୍ରାୟ ସମସ୍ତଙ୍କର ଡାଏଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ। କିନ୍ତୁ ମନେ ରଖନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ କାର୍ବ ଡାଇଅକ୍ସାଇଡ୍ ଏବଂ ଫସଫରସ୍ ଥାଏ। ଯାହା ଶରୀର ମଧ୍ୟକୁ ପ୍ରବେଶ କରି ହାଡକୁ ଦୁର୍ବଳ କରିଦେଇଥାଏ।

**ଚା ଏବଂ କଫି:** ଚା ହେଉ ବା କଫି, ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ଏଥିରୁ ହିଁ କରିଥାନ୍ତି। କିନ୍ତୁ ଏସବୁ ପିଇବା ପୂର୍ବରୁ ଏହାର କ୍ଷତି ବିଷୟରେ ଜାଣିବା ଆବଶ୍ୟକ। ଚା ଏବଂ କଫିରେ କଫିନ୍ ଭରପୁର ମାତ୍ରାରେ ଥାଏ। ଯଦି ଏହା ଅଧିକ ମାତ୍ରାରେ ଶରୀର ମଧ୍ୟକୁ ପ୍ରବେଶ କରେ ତେବେ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।



# ଶୀତ ଦିନେ ଦେଖାଯାଆନ୍ତୁ ସ୍ମାର୍ଟ ଓ ଷ୍ଟାଇଲିଶ୍

ଶୀତ ଦିନ ଆସିଲେ ଅଧିକାଂଶ ଝିଅ ନିଜ ପୋଷାକକୁ ନେଇ ଚିନ୍ତାରେ ପଡ଼ିଯା'ନ୍ତି। କାରଣ ସେମାନଙ୍କ ଧାରଣା ରହିଥାଏ ଯେ ଶୀତ ଦିନେ ଗରମ ପୋଷାକ ପିନ୍ଧିବା ହେତୁ ସେମାନଙ୍କ ଫ୍ୟାଶନେବଲ୍ ପୋଷାକ ସମ୍ପୁର୍ଣ୍ଣ ଲୁଚିଯାଏ, ଫଳରେ ସେମାନେ ଷ୍ଟାଇଲିଶ୍ ଲୁକ୍ ହରାଇ ବସନ୍ତି। ଆଉ କେତେକ ଝିଅ ଭାବନ୍ତି, ଅଧିକ କପଡ଼ା ପିନ୍ଧିବା ଯୋଗୁ ସେମାନେ ଅଧିକ ମୋଟା ଓ ବୟସ୍କ ଲାଗନ୍ତି। ହେଲେ ଆଜି ଆମେ ଆପଣଙ୍କୁ ଶୀତଦିନିଆ ବସ୍ତ୍ର ପିନ୍ଧିବାର ଏପରି କିଛି ଟିପ୍ସ ଦେବୁ, ଯାହାକୁ ଆପଣାଇଲେ ଆପଣ ଏକଦମ୍ ଷ୍ଟାଇଲିଶ୍ ଓ ଗ୍ଲାମରସ୍ ଲୁକ୍‌ରେ ରହିବେ।

- ଶୀତ ଦିନେ ହାଇନେକ୍ ସ୍ୱେଟର୍ କିମ୍ବା ସ୍ୱେଟ୍ ଟପ୍ ପିନ୍ଧନ୍ତୁ। ଏହା ସହ ସ୍ଲିମ୍‌ଫିଟ୍ ଜିନ୍ସ ଓ କ୍ୟାଜୁଅଲ୍ ଜୋତା ପିନ୍ଧନ୍ତୁ, ଏଥିରେ ଆପଣ ସ୍ମାର୍ଟ ଲାଗିବେ।
- ଶୀତଦିନରେ ସାଧାରଣତଃ ଚେହେରା ଶୁଖିଲା ଓ ଝାଉଁଳି ପଡ଼ିଥିବା ଭଳି ଦେଖାଯାଏ। ତେଣୁ ଜିନ୍ସ କିମ୍ବା ଜେଗିଙ୍ଗ୍ସ ସହ ଲାଲ୍, ଗୋଲାପି, ମେରୁନ୍, ବାଇଗଣି, ସବୁଜ ଓ ନୀଳ ପରି ଗାଢ଼ ରଙ୍ଗର ଟପ୍ ପିନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ଚେହେରା ଫୁଟି ଉଠିବା ସହ ଫ୍ରେଶ୍ ଓ ଉଜ୍ଜ୍ୱଳ ଦିଶିବ।
- ଯଦି ଆପଣ ଆହୁରି ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି, ତେବେ ବିଭିନ୍ନ ରଙ୍ଗର ପ୍ଲେନ୍ ଟପ୍ ସହ ସଟ୍ ଜ୍ୟାକେଟ୍ ପିନ୍ଧି ପାରିବେ।
- ଯଦି ଆପଣ କ୍ଲାସି ଓ ଗ୍ଲାମରସ୍ ଲୁକ୍ ଚାହୁଁଛନ୍ତି, ତେବେ ଜିନ୍ସ ଉପରେ ଗାଢ଼ ରଙ୍ଗର ଲଙ୍ଗ୍ ଜ୍ୟାକେଟ୍ ପିନ୍ଧି ପାରିବେ। ଏହାସହ ଆପଣ ହାଇ ଆଙ୍କଲ୍‌ଯୁକ୍ତ ବୁଟ୍ ପିନ୍ଧିଲେ ସୁନ୍ଦର ଲାଗି ;ବ।
- ଉଲ୍‌ରେ ତିଆରି ସ୍ଲିମ୍ ଫିଟ୍ ଲଙ୍ଗ୍ କୋର୍ଟ ଶୀତ ଦିନ ପାଇଁ ବହୁତ ଭଲ। ଏହା ମଧ୍ୟ ଆପଣଙ୍କର ସୁନ୍ଦରତା ବଢ଼ାଇଥାଏ। ଏହା ସହ ଆପଣ ରଙ୍ଗ ବେରଙ୍ଗର ସ୍କାର୍ଫ୍ କିମ୍ବା ମଫଲର୍ ବେକରେ ପକାଇ ପାରିବେ।

ଏହାସହ ଆକର୍ଷଣୀୟ ଶୀତବସ୍ତ୍ର ସାଙ୍ଗକୁ ଷ୍ଟାଇଲିଶ୍ କ୍ୟାପ୍ ଓ ଟ୍ରେଣ୍ଡି ଜୋତା ସବୁ ଆସିଗଲାଣି, ଯାହାକୁ ପିନ୍ଧି ଯେ କେହି ବି ସୁନ୍ଦର ଲାଗିପାରିବେ।

**ହୁଡେଡ୍ ଟି-ସାର୍ଟ:** ଶୀତଦିନେ ଦିନବେଳା ହେଉଥିବା ହାଲ୍‌କା ହାଲ୍‌କା ଥଣ୍ଡାରେ ହୁଡେଡ୍ ଟି-ଶାର୍ଟ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ। ଏହାର ଉଭୟ ପ୍ଲେନ୍ ଓ ଚେକ୍ ଷ୍ଟାଇଲ୍ ଟି-ଶାର୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ, ପିନ୍ଧିଲେ ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳେ। ଏହାକୁ ଉଭୟ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ବୁଲିବାକୁ ଗଲାବେଳେ ପିନ୍ଧାଯାଇପାରେ। ସେହିପରି ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏହା ସହିତ ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ବି ଟ୍ରାଏ କରିପାରିବେ। ଆଉ ସବୁଠୁ ଖାସ୍ କଥା ହେଉଛି ଉଭୟ ମହିଳା ଓ ପୁରୁଷମାନଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର ହୁଡେଡ୍ ଟି-ଶାର୍ଟ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।

**କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍:** ଏହାକୁ ଓ୍ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ମିଶାଇକି ପିନ୍ଧିଲେ ଯେମିତି ସୁନ୍ଦର ଲାଗିଥାଏ, ଠିକ୍ ସେମିତି ଦେଶି ପୋଷାକ ସହିତ ଏହାକୁ ପିନ୍ଧିଲେ ଭିନ୍ନଧରଣର ଲୁକ୍ ମିଳିଥାଏ।

**ସ୍ୱେଟର୍:** ଶୀତଦିନେ ସର୍ଟ ଷ୍ଟାଇଲ୍ ସ୍ୱେଟର୍‌ଠାରୁ ଆରମ୍ଭ କରି ଓଭର୍ ସାଇଜ୍ ସ୍ୱେଟର୍ ପର୍ଯ୍ୟନ୍ତ ଖୁବ୍ ଡିମାଣ୍ଡ ରହିଥାଏ। ସମୟାନୁସାରେ ଫ୍ୟାଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଆସୁଥିଲେ ବି ସ୍ୱେଟର୍‌ର ଚାହିଦା କେବେ ବି କମେ ନାହିଁ।

**ଷ୍ଟୋଲ୍:** ଷ୍ଟୋଲ୍ ଆମକୁ ଶୀତରୁ ରକ୍ଷା କରିବା ସହ ଆମର ବ୍ୟକ୍ତିତ୍ୱକୁ ବଢ଼ାଇବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। ସେଥିପାଇଁ ଏହାର ଅନେକ ଭେରାଇଟି ମାର୍କେଟ୍‌ରେ ଦେଖିବାକୁ ମିଳିଥାଏ। ଖାସ୍ କରି ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍, ପମ୍ ପମ୍ ଷ୍ଟୋଲ୍, ମଲ୍ଟିକଲର୍ ଷ୍ଟୋଲ୍, ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍ ଇତ୍ୟାଦିର ବେଶ୍ ଚାହିଦା ରହିଥାଏ।

**କ୍ୟାପ୍:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସହ ଶରୀରକୁ ଶୀତଦାଉରୁ ରକ୍ଷା କରିବା ପାଇଁ କେବଳ ଆକର୍ଷଣୀୟ ପୋଷାକ ପିନ୍ଧିଦେଲେ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ କ୍ୟାପ୍‌ର ବି ଆବଶ୍ୟକତା ପଡ଼ିଥାଏ। ଖାସ୍‌କରି ବେନି କ୍ୟାପ୍, କଲର୍-ବ୍ଲକ୍ ଫେଡୋରା କ୍ୟାପ୍, ପମ୍ ପମ୍ କ୍ୟାପ୍, ଲେଦର୍ ଷ୍ଟାଇଲ୍ ଫାବ୍ରିକ୍ କ୍ୟାପ୍ ଭଳି ଟ୍ରେଣ୍ଡି କ୍ୟାପ୍‌ର ଏବେ ଖୁବ୍ ଚାହିଦା ଥିବା ଦେଖିବାକୁ ମିଳୁଛି।

**ଜୋତା:** ଦେହ ଓ ମୁଣ୍ଡ ସହ ଶୀତଦାଉରୁ ପାଦକୁ ସୁରକ୍ଷା ଦେବା ପାଇଁ ବି ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ଜୋତା ମିଳୁଛି। ଯେମିତିକି: ସ୍ନିକର୍ସ, ଆଙ୍କେଲ୍ ବୁଟ୍, ରାଇଡିଂ ବୁଟ୍ ଇତ୍ୟାଦି। ଯୁବତୀମାନେ ଚାହିଁଲେ ଏହିସବୁ ଜୋତାକୁ ପିନ୍ଧିପାରିବେ।

